• Vol.- 46, Issue No. 63
• Wednesday, 3 June 2026
• ବୁଧବାର, ୩ ଜୁନ ୨୦୨୬
• Bhubaneswar
• Price: Rs. 2.00, Page: 8
• R.N.I. Regd. No. 34063/81
• Postal Regd. No. BN/79/18-20
• Online Portal: www.dinalipi.com
• Mail ID: dinalipinews@gmail.com

ଏକ ନିରପେକ୍ଷ ପ୍ରଗତିଶୀଳ ସମ୍ବାଦପତ୍ର

# ଦିନଲିପି

THE DINALIPI

https://www.facebook.com/dinalipilive
www.youtube.com/@dinalipilive
https://www.dinalipi.com
https://www.dinalipiepaper.com
https://www.dinalipi.in
twitter.com/DinalipiOnline

Web: www.dinalipi.com, E-mail: dinalipinews@gmail.com


# ବୈଷୟିକ ଶିକ୍ଷାରେ ବଢ଼ିଲା ସଂରକ୍ଷଣ



ଭୁବନେଶ୍ୱର,୨।୬(ନିପ୍ର) ଚଳିତ ୨୦୨୬-୨୭ ଶିକ୍ଷା ବର୍ଷରୁ ଇଞ୍ଜିନିୟରିଂ ଓ ମେଡିକାଲ୍ ଆଦି ବୈଷୟିକ ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ତଥା ସାମାଜିକ ଓ ଶିକ୍ଷାଗତ ପଛୁଆ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ସଂରକ୍ଷଣ ବୃଦ୍ଧି ସମ୍ପର୍କିତ ନିଷ୍ପତ୍ତି କାର୍ଯ୍ୟକାରୀ ହେବ। ମଙ୍ଗଳବାର ଏ ସମ୍ପର୍କରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗ ପକ୍ଷରୁ ବିଧିବଦ୍ଧ ସ୍ମାରକ (ମେମୋରାଣ୍ଡମ) ପ୍ରକାଶ ପାଇଛି। ଏହି ନିଷ୍ପତ୍ତି ଦ୍ୱାରା କଲେଜ ଓ ଶିକ୍ଷାନୁଷ୍ଠାନ, ଆଇ.ଟି.ଆଇ ଏବଂ ପଲିଟେକ୍‌ନିକ୍ ଗୁଡିକରେ ପ୍ରଦାନ କରାଯାଉଥିବା ଇଞ୍ଜିନିଅରିଂ, ଟେକ୍ନୋଲୋଜି, ମ୍ୟାନେଜମେଣ୍ଟ, କମ୍ପ୍ୟୁଟର ଆପ୍ଲିକେସନ୍, ମେଡିସିନ୍, ସର୍ଜରୀ, ଡେଣ୍ଟାଲ, ନର୍ସିଂ, ଫାର୍ମାସି, ଆନୁସଙ୍ଗିକ ସ୍ୱାସ୍ଥ୍ୟ ବିଜ୍ଞାନ, ପ୍ରାଣିଚିକିତ୍ସା ବିଜ୍ଞାନ, ଆୟୁର୍ବେଦ, ହୋମିଓପ୍ୟାଥି, ଏଗ୍ରିକଲ୍‌ଚର ଆଣ୍ଡ ଆଲାଏଡ୍ ସାଇନ୍‌ସେସ୍,

★ ଏସଟି ବର୍ଗ୧୨ ପ୍ରତିଶତରୁ ୨୨.୫ ପ୍ରତିଶତ
★ ଏସସି ବର୍ଗ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତ
★ ପଛୁଆ ବର୍ଗଙ୍କ ପାଇଁ ୧୧.୨୫ ପ୍ରତିଶତ
★ ଇଞ୍ଜିନିୟରିଂ ଓ ମେଡିକାଲ୍ ଶିକ୍ଷାରେ ହେବେ ଉପକୃତ
★ ୨୦୨୬-୨୭ ଶିକ୍ଷାବର୍ଷରୁ ହେବ କାର୍ଯ୍ୟକାରୀ

ବର୍ତ୍ତମାନ ଅନୁସୂଚିତ ଜନଜାତି ବର୍ଗ (ଏସଟି) ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ହାର ୧୨ ପ୍ରତିଶତରୁ ୨୨.୫ ପ୍ରତିଶତକୁ ଏବଂ ଅନୁସୂଚିତ ଜାତି ଛାତ୍ରଛାତ୍ରୀଙ୍କ ସଂରକ୍ଷଣ ୮ ପ୍ରତିଶତରୁ ୧୬.୨୫ ପ୍ରତିଶତକୁ ବୃଦ୍ଧି ପାଇଛି। ସାମାଜିକ ଓ ଶିକ୍ଷାଗତ ଭାବେ ପଛୁଆ ବର୍ଗଙ୍କ ପାଇଁ ପୂର୍ବରୁ କୌଣସି ସଂରକ୍ଷଣ ନଥିବା ବେଳେ, ବର୍ତ୍ତମାନ ଏହା ୧୧.୨୫ ପ୍ରତିଶତ ହୋଇଛି। ଏହାଦ୍ୱାରା ଏହି ସବୁ ବର୍ଗର ଛାତ୍ରଛାତ୍ରୀମାନେ ରାଜ୍ୟର ସମସ୍ତ ବିଶ୍ୱବିଦ୍ୟାଳୟ, ସେମାନଙ୍କର ଅନୁବନ୍ଧିତ ଆର୍କିଟେକ୍ଚର, ପ୍ଲାନିଙ୍ଗ୍, ସିନେମାଟିକ ଆର୍ଟ ଆଣ୍ଡ ଟେକ୍ନୋଲୋଜି ଆଦି ଶିକ୍ଷାନୁଷ୍ଠାନରେ କାର୍ଯ୍ୟକାରୀ ହେବ। ସୂଚନାଯୋଗ୍ୟ ଯେ, ଗତ ଏପ୍ରିଲ୍ ୪ ତାରିଖରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ସୂଚନାଯୋଗ୍ୟ ଯେ, ଓଡିଶାରେ ଅନୁସୂଚିତ ଜନଜାତିଙ୍କ ସଂଖ୍ୟା ୨୨.୮୫ ପ୍ରତିଶତ, ଅନୁସୂଚିତ ଜାତିଙ୍କ ସଂଖ୍ୟା ୧୭.୧୩ ପ୍ରତିଶତ। ଶିକ୍ଷାଗତ ଓ ସାମାଜିକ ପଛୁଆ ବର୍ଗଙ୍କ ସଂଖ୍ୟା ଜଣାନଥିଲେ ମଧ୍ୟ ଏହା ଯଥେଷ୍ଟ ଅଧିକ।

### ମୋହନ ସରକାରଙ୍କ ୨ବର୍ଷ ପୂର୍ତ୍ତି କାର୍ଯ୍ୟକ୍ରମ

# ଯୋଗ ଦେବେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ

• ୨୦ରେ ରାଇରଙ୍ଗପୁରରେ ବିଶାଳ ସଭା
• ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ହେବ ଉଦ୍‌ଘାଟନ ଓ ଶିଳାନ୍ୟାସ
• ସୁରକ୍ଷା ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୨।୬(ନିପ୍ର): ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ଆସନ୍ତା ୨୦ ତାରିଖରେ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ଠାରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗଦେବା ପାଇଁ ସ୍ୱୀକୃତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ମଙ୍ଗଳବାର ଲୋକସେବା ଭବନ ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଛି।ବୈଠକରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟକ୍ରମ ସ୍ଥଳୀରେ ସୁରକ୍ଷା ବ୍ୟବସ୍ଥା, ସଭାରେ ଯୋଗଦେଉଥିବା ସାଧାରଣ ଲୋକଙ୍କ ପାଇଁ ସୁବିଧା, ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ପାଇଁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଯେହେତୁ ଉଭୟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମରେ ଯୋଗଦେଉଛନ୍ତି ତେଣୁ ଏହି କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ଆୟୋଜନ କରିବା ତଥା ସୁରକ୍ଷା ପାଇଁ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରକାଶ କରି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରୁ ଜଣାଯାଇଛି ଯେ, ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହି ଅବସରରେ ଓଡିଶା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯିବାର କାର୍ଯ୍ୟକ୍ରମ ରହିଛି।



### ଶିମିଳିପାଳରୁ ଖୁସି ଖବର

## ବାଘୁଣୀ 'ଜିନ୍ନତ' ଜନ୍ମ ଦେଲା ୪ ଶାବକ

### ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱର,୨।୬(ନିପ୍ର): ଶିମିଳିପାଳରୁ ଆସିଛି ଖୁସି ଖବର। ମା' ହୋଇଛି ବାଘୁଣୀ 'ଜିନ୍ନତ'। ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏନେଇ ସୂଚନା ଦେଇଛନ୍ତି। ବାଘୁଣୀ ଜିନ୍ନତ ୪ଟି ଛୁଆ ଜନ୍ମ କରିଥିବା କ୍ୟାମେରାରେ ଟ୍ରାପ୍ ହୋଇଛି। ଗତ ମେ' ୨୮ରେ ଟ୍ରାପ୍ କରାଯାଇଛି। ଛୁଆଗୁଡ଼ିକ ୨୦ ଦିନର। ୨୦୨୪ ନଭେମ୍ବରରେ ମହାରାଷ୍ଟ୍ରରୁ ଏହି ବାଘୁଣୀକୁ ଶିମିଳିପାଳ ଅଣାଯାଇଥିଲା। 'ଜିନ୍ନତ' ଶିମିଳିପାଳର ଅନୁକୂଳ ପରିବେଶରେ ଚାରୋଟି ଶାବକଙ୍କୁ ଜନ୍ମ ଦେବା ବ୍ୟାଘ୍ର ସଂରକ୍ଷଣରେ ଓଡ଼ିଶା ପାଇଁ ବଡ଼ ସଫଳତା ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ମୁଖ୍ୟମନ୍ତ୍ରୀ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଛନ୍ତି, ଓଡ଼ିଶାର ପ୍ରାକୃତିକ ସମ୍ପଦ ଓ ବନ୍ୟପ୍ରାଣୀ ସଂରକ୍ଷଣ ଦିଗରେ ଆଜି ଏକ ଗୌରବମୟ ଅଧ୍ୟାୟ ଯୋଡ଼ି ହୋଇଛି। ଏହି ସଫଳତା କେବଳ ରାଜ୍ୟରେ ବ୍ୟାଘ୍ର ସଂଖ୍ୟାରେ ବୃଦ୍ଧି ନୁହେଁ, ବରଂ ଜୈବ ବିବିଧତାର ସୁରକ୍ଷା ଓ ବନ୍ୟଜନ୍ତୁଙ୍କ ପାଇଁ ଏକ ନିରାପଦ ଓ ସୁଦୃଢ଼ ବାସସ୍ଥାନ ସୃଷ୍ଟି କରିବାରେ ଆମ ପ୍ରଶାସନିକ ଦୂରଦୃଷ୍ଟିର ପ୍ରକୃଷ୍ଟ ନିଦର୍ଶନ। ମା' ଓ ଶାବକମାନଙ୍କ ସୁରକ୍ଷା ପାଇଁ ବନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ଗ୍ରହଣ କରାଯାଇଛି ଏବଂ ସେମାନଙ୍କ ଗତିବିଧି ଉପରେ କ୍ରମାଗତ ନଜର ରଖାଯାଇଛି।

## ସବ୍ ରେଜିଷ୍ଟ୍ରାର ଅଫିସରେ ଲାଗିବ ଦଲାଲଙ୍କ ଫଟୋ

ଭୁବନେଶ୍ୱର,୨।୬(ନିପ୍ର): ସବ୍ ରେଜିଷ୍ଟ୍ରାର ଅଫିସରେ ଦଲାଲଙ୍କ ଫଟୋ ଲଗାଯିବ। ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ ଜରିଆରେ ଦଲାଲମାନଙ୍କୁ ଚିହ୍ନଟ କରାଯାଇ ସେମାନଙ୍କ ଫଟୋ ଲଗାଯିବ।ସମସ୍ତ ରାଜସ୍ୱ ଏବଂ ତହସିଲ ଅଫିସରେ ଲାଗିବ ସ୍ମାର୍ଟ ସର୍ଭିଲାନ୍ସ ସିଷ୍ଟମ। ଫିଲ୍ଡ ଭିଜିଟ ବେଳେ ବି ଅଧିକାରୀଙ୍କୁ ଟ୍ରାକିଂ କରାଯିବ। ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏହି ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି ଦଣ୍ଡ ବିଧାନ ଏବଂ ଅଧିକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେଇ ଏସଓପି ଆସିବ। ଏସଓପି ପ୍ରସ୍ତୁତ ପାଇଁ କମିଟି ଗଠନ କରାଯାଇଛି।

### କବିସୂର୍ଯ୍ୟନଗର: ସରିଲା ଶବ ବ୍ୟବଚ୍ଛେଦ

## ଜବାବ ତଲବ କଲେ ଏନ୍‌ଏଚ୍‌ଆରସି

କବିସୂର୍ଯ୍ୟନଗର,୨।୬: ଗଞ୍ଜାମ କବିସୂର୍ଯ୍ୟନଗର ଥାନାରେ ଥାର୍ଡ ଡିଗ୍ରୀ ଅଭିଯୋଗ ମାମଲା ନେଇ ମୃତ ସୁଶାନ୍ତ ସାହୁଙ୍କ ଶବ ବ୍ୟବଚ୍ଛେଦ ସରିଛି। ଏମକେସିଜି ମେଡିକାଲ ଏଫଏମଟି ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ସୁଦୀପା ଦାସ, ଫୁଲବାଣୀ ମେଡିକାଲ କଲେଜ ଏଫଏମଟି ବିଭାଗୀୟ ଡାକ୍ତର ହେମନ୍ତ ପାଣିଗ୍ରାହୀ ଏବଂ ଏମକେସିଜି ମେଡିକାଲ କଲେଜ ଆସିଷ୍ଟାଣ୍ଟ ପ୍ରଫେସର ଡାକ୍ତର ଦୀପାଳି ପୃଷ୍ଟିଙ୍କୁ ନେଇ ତିନି ଜଣିଆ କମିଟି ଶବ ବ୍ୟବଚ୍ଛେଦ କରିଛନ୍ତି। ମୃତ ସୁଶାନ୍ତ ସାହୁଙ୍କ ଶରୀରର ବିଭିନ୍ନ ଅଂଶରେ ଲାଗିଥିବା ଆଘାତକୁ ଚିହ୍ନଟ କରାଯାଇଛି। ଏଥି ସହ ସୁଶାନ୍ତଙ୍କ ଭିସାରା ମଧ୍ୟ ସଂଗ୍ରହ କରାଯାଇଛି। ତେବେ ମୃତ ସୁଶାନ୍ତ ସାହୁଙ୍କ ନାଁ ଅଭିଯୁକ୍ତ ତାଲିକାରେ ନଥିବା ସତ୍ତ୍ୱେ ତାଙ୍କୁ ପୁଲିସ ଉଠାଇ ଆଣିଥିଲା। ଏପରିକି ଥାନାରେ ନିର୍ଯାତନା ଦିଆଯାଇଥିବା ନେଇ ଅଭିଯୋଗ ହୋଇଛି। ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନ (ଏନଏଚଆରସି) ଗଞ୍ଜାମ ଜିଲାପାଳ ଏବଂ ଏସ୍‌ପିଙ୍କୁ ଜବାବ ତଲବ କରିଛନ୍ତି।ମାମଲାର ୧୪ଟି ଦିଗ ଉପରେ ଉତ୍ତର ରଖିବାକୁ ଏନଏଚଆରସି ପକ୍ଷରୁ ରିପୋର୍ଟ ତଲବ କରାଯାଇଛି। ଏପରିକି ପୋଲିସ ପ୍ରଶାସନ ପକ୍ଷରୁ କ'ଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ତାହା ଜଣାଇବାକୁ ଏନଏଚଆରସିଙ୍କ ପକ୍ଷରୁ ନିର୍ଦ୍ଦେଶ ଜାରି କରାଯାଇଛି।

## ୨ ସପ୍ତାହ ବ୍ୟବଧାନ ପରେ ପୁଣି ବଢ଼ିଲା ବସ୍‌ଭଡ଼ା

### ସାଧାରଣ ପାଇଁ କିମି ପ୍ରତି ୨ରୁ ୬ ପଇସା



କଟକ,୨।୬(ନିପ୍ର): ରାଜ୍ୟ ଘରୋଇ ବସ୍ ମାଲିକ ସଂଘର ଦାବିକୁ ମାନି ନେଇଛନ୍ତି ସରକାର। ମାତ୍ର ୨ ସପ୍ତାହ ପରେ ପୁନର୍ବାର ବସ୍ ଭଡ଼ା ବୃଦ୍ଧି କରାଯାଇଛି। କିଲୋମିଟର ପ୍ରତି ବସ୍ ଭଡ଼ା ୨ ପଇସାରୁ ୬ ପଇସା ବୃଦ୍ଧି କରାଯାଇଛି। ଏନେଇ କିଛିଦିନ ହେବ ରାଜ୍ୟର ଘରୋଇ ବସ୍ ମାଲିକ ସଂଘ ଦାବି କରିବା ସହ ଭଡ଼ା ବୃଦ୍ଧି ନ ହେଲେ ବସ୍ ଚଳାଚଳ ବନ୍ଦ କରିବାକୁ ଚେତାବନୀ ଦେଇଥିଲେ। ଏହାସହ ସେମାନେ ପରିବହନ ମନ୍ତ୍ରୀଙ୍କୁ ଭେଟି ଆଲୋଚନା କରିଥିଲେ। ଏହି ବର୍ଦ୍ଧିତ ବସ୍ ଭଡ଼ା ବୁଧବାରଠାରୁ ଲାଗୁ ହେବାକୁ ଯାଉଛି। ସାଧାରଣ ଓ ଏକ୍ସପ୍ରେସରେ କିଲୋମିଟର ପିଛା ଭଡ଼ା ୨ ପଇସା ବୃଦ୍ଧି ପାଇଥିବା ବେଳେ ଡିଲକ୍ସ, ଏସି ଡିଲକ୍ସ ବସରେ କିଲୋମିଟର ପିଛା ୪ ପଇସା ଭଡ଼ା ବଢ଼ିଲା। ସେହିପରି ସୁପର ଡିଲକ୍ସ ବସ ଭଡା କିଲୋମିଟର ପିଛା ୬ ପଇସା ବୃଦ୍ଧି କରାଯାଇଛି। ଅଟୋମେଟିକ ମେକାନିଜିମ ମାଧ୍ୟମରେ ବଢ଼ିଲା ବସ୍ ଭଡା। ତେଲ ଦର ବୃଦ୍ଧି ପରେ ବସ୍ ଭଡା ବୃଦ୍ଧି କରିଛନ୍ତି ଏସଟିଏ। ମେ ୧୫ ତାରିଖରେ ଡିଜେଲ ଦର ଲିଟର ପିଛା ୯୫.୮୭ ଟଙ୍କା ଥିବାବେଳେ ମେ ୩୧ ତାରିଖରେ ଏହା ୧୦୦.୬୮ ଟଙ୍କାକୁ ବୃଦ୍ଧି ପାଇଥିଲା। ଫଳରେ ଅର୍ଡିନାରୀ ବସ୍ କିଲୋମିଟର ପିଛା ଭଡ଼ା ୯୦ ପଇସାରୁ ୯୨ ପଇସାକୁ ବୃଦ୍ଧି ହୋଇଛି। ଏକ୍ସପ୍ରେସ ୯୪ ପଇସାରୁ ୯୬ ପଇସା ହୋଇଛି। ସେହିପରି ଡିଲକ୍ସ ୧୩୧ ପଇସାରୁ ୧୩୫ ପଇସା ଯାଏଁ ବଢ଼ିଛି। ଏ.ସି. ଡିଲକ୍ସ୧୫୯ ପଇସାରୁ ୧୬୩ ପଇସା ହୋଇଛି। ସୁପର ଡିଲକ୍ସ ୨୪୭ ପଇସାରୁ ୨୫୩ ପଇସା ଯାଏଁ ବୃଦ୍ଧି ପାଇଛି। ଏହି ଭଡ଼ା ବୃଦ୍ଧି ପରେ ରାଜ୍ୟର ଲକ୍ଷାଧିକ ବସ୍ ଯାତ୍ରୀଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡ଼ିବ। ତେବେ ଇନ୍ଧନ ମୂଲ୍ୟ ବୃଦ୍ଧି ଯୋଗୁଁ ବସ୍ ମାଲିକମାନଙ୍କ ଖର୍ଚ୍ଚ ବଢ଼ିଥିବାରୁ ଏହି ନିଷ୍ପତ୍ତି ନିଆଯାଇଥିବା ଏସଟିଏ ପକ୍ଷରୁ କୁହାଯାଇଛି। ସୂଚନା ଥାଉକି ମେ' ୧୫ ତାରିଖରେ ମଧ ସରକାର ବସ୍‌ଭଡ଼ା ବୃଦ୍ଧି କରିଥିଲେ।

## ଆଜି ଶପଥ ନେବେ ଶିବକୁମାର

ବେଙ୍ଗାଲୁରୁ,୨।୬: କର୍ଣ୍ଣାଟକର ନୂତନ ମୁଖ୍ୟମନ୍ତ୍ରୀ ଭାବେ ଡିକେ ଶିବକୁମାର ବୁଧବାର ଶପଥ ଗ୍ରହଣ କରିବେ। ସେଥିଲାଗି ବେଙ୍ଗାଲୁରୁରେ ବ୍ୟାପକ ଟ୍ରାଫିକ୍ କଟକଣା ଏବଂ ସୁରକ୍ଷା ବୃଦ୍ଧି କରାଯିବ। ଶିବକୁମାର ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଲୋକଭବନରେ ଅପରାହ୍ନ ୪ଟାରେ ଶପଥ ଗ୍ରହଣ କରିବାକୁ ଯାଉଛନ୍ତି। ଯେହେତୁ ଅନେକ ଭିଭିଆଇପି ଏବଂ ରାଜନୈତିକ ନେତା ଯୋଗଦେବାର ଆଶା କରାଯାଉଛି, କର୍ତ୍ତୃପକ୍ଷମାନେ ଯାତାୟାତ ପରିବର୍ତ୍ତନ, ପାର୍କିଂ କଟକଣା ଏବଂ ସ୍ଥାନ ଚାରିପାଖରେ କଠୋର ପ୍ରବେଶ ନିୟନ୍ତ୍ରଣ ଘୋଷଣା କରିଛନ୍ତି।ଶିବକୁମାର ଏପରି ଏକ ରାଜ୍ୟର ଦାୟିତ୍ୱ ଗ୍ରହଣ କରିବାକୁ ଯାଉଛନ୍ତି ଯେଉଁଠାରେ ଗୃହଲକ୍ଷ୍ମୀ, ଶକ୍ତି ଏବଂ ଅନ୍ନ ଭାଗ୍ୟ ଭଳି ପ୍ରମୁଖ ଯୋଜନା ମାଧ୍ୟମରେ ତାଙ୍କ ପୂର୍ବବର୍ତ୍ତୀ ସିଦ୍ଧରମୈୟାଙ୍କ ସମୟରେ କଲ୍ୟାଣ ଖର୍ଚ୍ଚ ଦ୍ରୁତ ଗତିରେ ବୃଦ୍ଧି ପାଇଛି।

## ମୌସୁମୀ ଆସିବାକୁ ଆଉ ୨ ଦିନ !



ଭୁବନେଶ୍ୱର,୨।୬: ଅସହ୍ୟ ତାତି ଓ ଗ୍ରୀଷ୍ମ ପ୍ରବାହରେ ସନ୍ତୁଳି ହେଉଥିବା ଦେଶବାସୀଙ୍କ ପାଇଁ ଆସିଛି ଆଶ୍ୱସ୍ତିକର ଖବର। ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଜୁନ୍ ୪ ତାରିଖ ବେଳକୁ କେରଳମ୍ ଛୁଇଁବା ସମ୍ଭାବନା ଥିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ମଙ୍ଗଳବାର ସୂଚନା ଦେଇଛି। ଏହା ସହିତ ଦେଶରେ ବର୍ଷା ଋତୁର ଆନୁଷ୍ଠାନିକ ଆରମ୍ଭ ହେବାକୁ ଯାଉଛି।ଆଇଏମଡିର ଆକଳନ ଅନୁସାରେ, ମୌସୁମୀ ବାୟୁ ଆଗକୁ ବଢ଼ିବା ପାଇଁ ପାଣିପାଗ ପରିସ୍ଥିତି ଏବେ ସମ୍ପୂର୍ଣ୍ଣ ଅନୁକୂଳ ରହିଛି। ଦକ୍ଷିଣ-ପଶ୍ଚିମ ଓ ଦକ୍ଷିଣ-ପୂର୍ବ ଆରବ ସାଗର, ଲାକ୍ଷାଦ୍ୱୀପ ଦ୍ୱୀପପୁଞ୍ଜ, କେରଳ ଓ ତାମିଲନାଡୁର କିଛି ଅଞ୍ଚଳ ସହିତ ବଙ୍ଗୋପ ସାଗରର ବିସ୍ତୃତ ଅଂଶରେ ମୌସୁମୀ ବାୟୁର ପ୍ରଭାବ ବଢ଼ିବାକୁ ଥିବା ନେଇ ପୂର୍ବାନୁମାନ କରାଯାଇଛି।

## ଆଜିଠୁ ବ୍ରିକ୍ସ ରାଷ୍ଟ୍ର ସମୂହର ସମ୍ମିଳନୀ



ପୁରୀ,୨।୬(ନିପ୍ର): ପୁରୀର ତାଜ୍ ହୋଟେଲରେ ୩ ତାରିଖ ଠାରୁ ୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଯାଉଛି ବ୍ରିକ୍ସ ରାଷ୍ଟ୍ର ସମୂହର ସମ୍ମିଳନୀ। ବ୍ରିକ୍ସ ରାଷ୍ଟ୍ର ସମୂହର ବିପର୍ଯ୍ୟୟ ପରିଚାଳନା, ପ୍ରତିରୋଧ କ୍ଷମତା ବୃଦ୍ଧି, ବୈଷୟିକ ସମ୍ମିଳନୀ ଆୟୋଜନ ପରିପ୍ରେକ୍ଷୀରେ ବ୍ରିକ୍ସ ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ସାମିଲ ହେବେ। ଏଣୁ ଏହି ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାରର ବ୍ୟବସ୍ଥା ଗ୍ରହଣ କରାଯାଉଛି।

# ଲୋଖଣ୍ଡେ ପ୍ରଶାନ୍ତ ସୀତାରାମ ସିବିଏସ୍‌ଇ ମୁଖ୍ୟ

### ■ ରାହୁଲ ସିଂହ, ହିମାଂଶୁ ଗୁପ୍ତା ବିଦା ■ ଓଏସଏମ୍ ତଦନ୍ତ ପାଇଁ କମିଟି



ନୂଆଦିଲ୍ଲୀ,୨।୬: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡର ନୂତନ ପ୍ରଚଳିତ ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ୍) ବ୍ୟବସ୍ଥାକୁ ନେଇ ବିବାଦ ମଧ୍ୟରେ କେନ୍ଦ୍ର ସରକାର ମଙ୍ଗଳବାର ବରିଷ୍ଠ ଆଇଏଏସ ଅଧିକାରୀ ଲୋଖଣ୍ଡେ ପ୍ରଶାନ୍ତ ସୀତାରାମଙ୍କୁ ସିବିଏସଇ ମୁଖ୍ୟ ଭାବରେ ନିଯୁକ୍ତ କରିଛନ୍ତି। ସରକାର ୨୦୦୮ ବ୍ୟାଚ୍ ଭାରତୀୟ ସୂଚନା ସେବା ଅଧିକାରୀ ବରିଷ୍ଠ ବ୍ୟୁରୋକ୍ରାଟ ବରୁଣ ଭରଦ୍ୱାଜଙ୍କୁ ନୂତନ ସିବିଏସଇ ସଚିବ ଭାବରେ ନିଯୁକ୍ତ କରିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ୍) ବିବାଦ ଦିନକୁ ଦିନ ଜୋର୍ ଧରୁଥିବା ବେଳେ କେନ୍ଦ୍ର ସରକାର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡରେ ଏକ ବଡ଼ ପ୍ରଶାସନିକ ପରିବର୍ତ୍ତନ କରିଛନ୍ତି କେନ୍ଦ୍ର ସରକାର। ସିବିଏସଇ ଅଧ୍ୟକ୍ଷ ରାହୁଲ ସିଂହ ଏବଂ ସଚିବ ହିମାଂଶୁ ଗୁପ୍ତାଙ୍କୁ ବିଦା କରିଛନ୍ତି ସରକାର।ଉଭୟଙ୍କୁ ଅନ୍ୟତ୍ର ବଦଳି କରିଛନ୍ତି। ଅନ୍-ସ୍କ୍ରିନ୍ ମାର୍କିଂ (ଓଏସଏମ) ସେବା ପ୍ରଦାନ ପାଇଁ ସିବିଏସଇ ଦ୍ୱାରା ଅନୁସରଣ କରାଯାଉଥିବା ପ୍ରକ୍ରିୟାର ତଦନ୍ତ ପାଇଁ କେନ୍ଦ୍ର ଏକ କମିଟି ମଧ୍ୟ ଗଠନ କରିଛି। କେନ୍ଦ୍ର ସରକାର ଏସ ରାଧା ଚୌହାନଙ୍କ ନେତୃତ୍ୱରେ ଏକ ସଦସ୍ୟ ବିଶିଷ୍ଟ ତଦନ୍ତ କମିଟି ଗଠନ କରିଛନ୍ତି। ଶିକ୍ଷା ମନ୍ତ୍ରଣାଳୟର ସୂତ୍ରଗୁଡ଼ିକ ଏକ ଖବର ସରବରାହ ସଂସ୍ଥାକୁ କହିଛନ୍ତି ଯେ, ଭାରତ ସରକାରଙ୍କ ସାଇବର ସୁରକ୍ଷା ଏଜେନ୍ସି, ଯେପରିକି ଇଣ୍ଡିଆନ୍ ସାଇବର କ୍ରାଇମ୍ କୋର୍ଡିନେସନ ସେଣ୍ଟର-୧୪ସି, ସିବିଏସଇ ଓଏସଏମ୍ ପୁନଃମୂଲ୍ୟାୟନ ପୋର୍ଟାଲରେ ସାଇବର ଆକ୍ରମଣ ଉପରେ କଡ଼ା ନଜର ରଖିଛନ୍ତି। ଏପରି ଅପରାଧ କରୁଥିବା ଦାୟୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଓଏସଏମ୍ ହେଉଛି ଉତ୍ତର ପତ୍ର ମୂଲ୍ୟାଙ୍କନ ପାଇଁ ଏକ ଡିଜିଟାଲ୍ ସିଷ୍ଟମ୍, ଯେଉଁଥିରେ ଛାତ୍ରମାନଙ୍କ ଉତ୍ତର ପତ୍ରକୁ ସ୍କାନ କରାଯାଇ ଅନଲାଇନରେ ଅପଲୋଡ୍ କରାଯାଏ, ଏବଂ ପରୀକ୍ଷକମାନେ ସେଗୁଡ଼ିକୁ କମ୍ପ୍ୟୁଟର ସ୍କ୍ରିନରେ ମୂଲ୍ୟାଙ୍କନ କରି ମାର୍କ ପ୍ରଦାନ କରନ୍ତି।

# ମହାଭାରତ ଯୁଦ୍ଧ ସମୟର ୩ ବଡ଼ ଅଭିଶାପ







ମହାଭାରତ ଯୁଦ୍ଧ ସମୟର ୩ ବଡ଼ ଅଭିଶାପ। କଳିଯୁଗରେ ବି ପଡୁଛି ପ୍ରଭାବ। ଯୁଧିଷ୍ଠିରଙ୍କ ଠାରୁ ରାଜା ପରୀକ୍ଷିତଙ୍କ ଯାଏଁ। ସମସ୍ତଙ୍କ କଥା ଗୋଟି ଗୋଟି କରି ହେଉଛି ସତ। ଦ୍ୱାପର ଯୁଗରୁ ମଣିଷଙ୍କ ପିଛା ଛାଡୁନି ଏହି ଅଭିଶାପ। କୁହନ୍ତି ମହିଳାଙ୍କ ପେଟରେ କିଛି କଥା ହଜମ ହୁଏନି। ସତକୁ ସତ ମହିଳାମାନେ ବି କୌଣସି କଥା ଲୁଚାଇ ରଖି ପାରନ୍ତିନି। ତେବେ ଏହା ପଛର କାରଣ ହେଉଛି ଯୁଧିଷ୍ଠିରଙ୍କ ଅଭିଶାପ। ମହାଭାରତରେ କର୍ଣ୍ଣଙ୍କ ମୃତ୍ୟୁ ପରେ ଅନ୍ତିମ ସଂସ୍କାର ବେଳେ ପାଣ୍ଡବଙ୍କୁ ସତ କହିଥିଲେ କୁନ୍ତି । ପଞ୍ଚୁ ପାଣ୍ଡବଙ୍କ ବଡ଼ ଭାଇ ଥିଲେ କର୍ଣ୍ଣ। ଏହା ଶୁଣି ଘୋର ପଶ୍ଚାତାପ କରିଥିଲେ ଯୁଧିଷ୍ଠିର। ଆଉ ରାଗ ଜର୍ଜରିତ ହୋଇ ନିଜ ମା' କୁନ୍ତିଙ୍କୁ ଅଭିଶାପ ଦେଇଥିଲେ । କେବେ କୌଣସି ନାରୀ କିଛି କଥା ଲୁଚାଇ ରଖି ପାରିବେନି ବୋଲି କହିଥିଲେ ଧର୍ମରାଜ । ସମଗ୍ର ନାରୀ ଜାତି ଉପରେ ପଡିଥିଲା ଏହି ଅଭିଶାପ। ଯେଉଁଥିପାଇଁ ଆଜି ଯାଏଁ ବି କୌଣସି ନାରୀ ପେଟରେ କିଛି ଗୁପ୍ତ କଥା ହଜମ ହୁଏନି। ତେବେ ଏହା କେବଳ ପୌରାଣିକ କଥା ନୁହେଁ, ଏହାକୁ ବୈଜ୍ଞାନିକ ମାନ୍ୟତା ମଧ୍ୟ ମିଳିଛି। ଦ୍ୱିତୀୟ ଅଭିଶାପଟି ରାଜା ପରୀକ୍ଷିତଙ୍କ ସହ ଜଡ଼ିତ। ଅଭିମନ୍ୟୁଙ୍କ ପୁତ୍ର ପରିକ୍ଷୀତ ଶିକାରକୁ ଯାଇଥିଲେ। ସେଠାରେ ଶମୀକ ଋଷି ଧ୍ୟାନରତ ଥିଲେ। ପରୀକ୍ଷିତ ତାଙ୍କ ସହ କଥା ହେବାକୁ ଚେଷ୍ଟା କରିଥିଲେ। ହେଲେ ଋଷି ମୌନ ବ୍ରତରେ ଥିଲେ । ତେଣୁ କୌଣସି ପ୍ରତିକ୍ରିୟା ଦେଲେ ନାହିଁ। ଏଥିରେ ରାଗି ରାଜା ପରୀକ୍ଷିତ ଏକ ମଲା ସାପ ଋଷିଙ୍କ ବେକରେ ଗୁଡାଇ ଦେଇଥିଲେ। ଋଷି ପୁତ୍ର ଏହା ଜାଣିବା ପରେ କ୍ରୋଧିତ ହୋଇ ରାଜାଙ୍କୁ ଅଭିଶାପ ଦେଇଥିଲେ। ୭ ଦିନ ଭିତରେ ସର୍ପାଘାତରେ ପରୀକ୍ଷିତଙ୍କ ମୃତ୍ୟୁ ହେବ କହିଥିଲେ । ସତକୁ ସତ ସପ୍ତମ ଦିନ ରାଜାଙ୍କୁ ତକ୍ଷକ ନାଗ ଦଂଶିଥିଲା। ଏଥିରେ ତାଙ୍କର ମୃତ୍ୟୁ ହୋଇଥିଲା। ପରୀକ୍ଷିତଙ୍କ ମୃତ୍ୟୁ ପରେ କଳିର ପ୍ରଭାବ ବଢିଥିଲା। ତୃତୀୟ ଅଭିଶାପ ହେଉଛି ଅଶ୍ୱଥମାଙ୍କୁ ନେଇ। ପିତା ଦ୍ରୋଣାଚାର୍ଯ୍ୟଙ୍କ ମୃତ୍ୟୁର ପ୍ରତିଶୋଧ ନେବାକୁ ଯାଇ ଅଶ୍ୱଥମା ପାଞ୍ଚାଳିଙ୍କ ସମସ୍ତ ପୁତ୍ରଙ୍କୁ ଶୋଇଥିବା ଅବସ୍ଥାରେ ହତ୍ୟା କରିଥିଲେ। ଏପରିକି ଅଭିମନ୍ୟୁଙ୍କ ବଂଶ ଲୋପ ପାଇଁ ସେ ଉତ୍ତରାଙ୍କ ଗର୍ଭସ୍ଥ ଶିଶୁକୁ ବି ନଷ୍ଟ କରିବାକୁ ପ୍ରାୟସ କରିଥିଲେ। ଯାହା ଯୁଦ୍ଧର ନିୟମ ବିରୋଧ। ଏଥିରେ କ୍ରୋଧିତ ହୋଇ ଶ୍ରୀକୃଷ୍ଣ, ଅଶ୍ୱଥମାଙ୍କୁ କଠୋର ଅଭିଶାପ ଦେଇଥିଲେ। ସେ କେବେ ମରିବେ ନାହିଁ, ରୋଗ ଜର୍ଜରିତ ଅବସ୍ଥାରେ କଳିଯୁଗର ଶେଷ ଯାଏଁ ଘୂରି ବୁଲିବେ । ଲୋକଙ୍କ ବିଶ୍ୱାସ ଅନୁଯାୟୀ, ଅଶ୍ୱତ୍ଥମା ଏବେବି ଜୀବିତ। କଳିଯୁଗରେ ସେ ଭିନ୍ନ ଭିନ୍ନ ସ୍ଥାନରେ ବେଶ ବଦଳାଇ ଘୂରି ବୁଲୁଥିବା ବିଶ୍ୱାସ ରହିଛି। ତେବେ ଏହାର କୌଣସି ପ୍ରମାଣ ନାହିଁ। ଭଗବାନ କୃଷ୍ଣଙ୍କ ଇହ ଧାମ ତ୍ୟାଗ ପରେ କଳିଯୁଗର ଆରମ୍ଭ। ଶାସ୍ତ୍ର ଅନୁଯାୟୀ କଳିଯୁଗର ପୁରା ଅବଧି ୪ ଲକ୍ଷ ୩୨ ହଜାର ବର୍ଷ। ଏବେ ସୁଦ୍ଧା ୫ ହଜାର ୧୨୭ ବର୍ଷ ବିତି ସାରିଛି। ଏହି ଯୁଗ ସରିବାକୁ ଆହୁରି ଅନେକ ବର୍ଷ ରହିଛି ।

# ବିବାହ ବିନା ମିଳେନି ମୋକ୍ଷ !

ହିନ୍ଦୁ ଧର୍ମରେ ବର୍ଣ୍ଣିତ ୧୬ ସଂସ୍କାର ମଧ୍ୟରୁ ବିବାହ ଅନ୍ୟତମ । ଏହାକୁ ଗ୍ରାହ୍ୟସ୍ଥ ଜୀବନର ପ୍ରଥମ ପାହାଚ ବୋଲି କୁହାଯାଏ । ସାଧାରଣତଃ ବିବାହକୁ ନେଇ ଆମ ମନରେ ଅନେକ ସାମାଜିକ ବା ବ୍ୟକ୍ତିଗତ ଧାରଣା ଥାଏ, କିନ୍ତୁ ଗରୁଡ଼ ପୁରାଣରେ ବିବାହର ମହତ୍ତ୍ୱକୁ ସ୍ୱର୍ଗ ପ୍ରାପ୍ତି ଏବଂ ମୋକ୍ଷ ସହିତ ଯୋଡ଼ା ଯାଇଛି । ଯଦି ଆପଣ ଭାବୁଛନ୍ତି ବିବାହ କେବଳ ଏକ ସାମାଜିକ ବନ୍ଧନ, ତେବେ ଗରୁଡ଼ ପୁରାଣର ଏହି କଥା ଆପଣଙ୍କୁ ଚକିତ କରିଦେବ । ଗରୁଡ଼ ପୁରାଣ ଅନୁସାରେ, ମାର୍କଣ୍ଡେୟ ଜୀ ପିତୃ ସ୍ତୋତ୍ର ବର୍ଣ୍ଣନା କରିବା ସମୟରେ ବିବାହର ମହତ୍ତ୍ୱ ଉପରେ ଆଲୋକପାତ କରିଛନ୍ତି । ପ୍ରାଚୀନ କାଳରେ ରଚି ନାମକ ଜଣେ ପ୍ରଜାପତି ଥିଲେ । ସେ ସଂସାରର ସମସ୍ତ ମୋହମାୟା ତ୍ୟାଗ କରି ଗୃହସ୍ଥ ନିୟମଠାରୁ ଦୂରେଇ ରହୁଥିଲେ । ସେ ବିବାହ ନକରି ଏକାକୀ ବୁଲୁଥିଲେ ଏବଂ ନିଜ ଆତ୍ମାକୁ ନିର୍ମଳ କରିବାରେ ବ୍ୟସ୍ତ ଥିଲେ । ଦିନେ ତାଙ୍କର ପିତୃପୁରୁଷମାନେ ପ୍ରକଟ ହୋଇ ତାଙ୍କୁ ପଚାରିଲେ, 'ତୁମେ ବିବାହ କାହିଁକି କରିନାହଁ ? ବିବାହ ହିଁ ସ୍ୱର୍ଗ ଓ ମୋକ୍ଷ ପ୍ରାପ୍ତିର ପ୍ରକୃତ ମାଧ୍ୟମ ।' ପିତୃପୁରୁଷଙ୍କ କହିବା ଅନୁସାରେ, ଗାର୍ହସ୍ଥ୍ୟ ଜୀବନ ବିନା ଜଣେ ବ୍ୟକ୍ତି ବନ୍ଧନରୁ ମୁକ୍ତ ହୋଇପାରିବ ନାହିଁ । ଏହାର ମୁଖ୍ୟ କାରଣଗୁଡ଼ିକ ହେଲା: ଗାର୍ହସ୍ଥ୍ୟ ସମସ୍ତ ଦେବତା, ପିତୃପୁରୁଷ, ଋଷି ଏବଂ ଭିକ୍ଷୁକଙ୍କ ସେବା କରି ଉତ୍ତମ ଲୋକ ପ୍ରାପ୍ତ କରନ୍ତି । ଦେବତାଙ୍କୁ 'ସ୍ୱାହା', ପିତୃଙ୍କୁ 'ସ୍ୱଧା' ଏବଂ ଅତିଥିଙ୍କୁ 'ଅନ୍ନ ଦାନ' କରି ସନ୍ତୁଷ୍ଟ କରାଯାଏ । ସନ୍ତାନ ଉତ୍ପତ୍ତି, ଦେବ ପୂଜା ଏବଂ ପିତୃ ତର୍ପଣ ବିନା ସନ୍ନ୍ୟାସ ଗ୍ରହଣ କଲେ ସ୍ୱର୍ଗ ମିଳିବା ଅସମ୍ଭବ । ପିତୃପୁରୁଷଙ୍କ ମତରେ, ଶାସ୍ତ୍ର ବିଧି ଅବମାନନା କଲେ ମୃତ୍ୟୁ ପରେ ନର୍କ ଯିବାକୁ ପଡ଼େ ଏବଂ ପରବର୍ତ୍ତୀ ଜନ୍ମରେ ମଧ୍ୟ କ୍ଲେଶ ଭୋଗିବାକୁ ପଡ଼େ ।






# ରହସ୍ୟମୟ ମନ୍ଦିର

ଦୁନିଆରେ ଏପରି କିଛି ସ୍ଥାନ ଅଛି ଯାହାର ରହସ୍ୟ ଆମକୁ ଚକିତ କରିଥାଏ। ବିଜ୍ଞାନ ବି ତାହକୁ ବୁଝିବାରେ ଅସମର୍ଥ ହୋଇଥାଏ। ଏପରି ଏକ ସ୍ଥାନ ହେଉଛି ମେହେନ୍ଦୀପୁର ବାଲାଜୀ ମନ୍ଦିର। ଯାହା ଆମ ଉପରେ ଏକ ଗଭୀର ଛାପ ଛାଡ଼ିଥାଏ। ଏହି ମନ୍ଦିରରେ ପ୍ରବେଶ କରିବା ପରେ ଆପଣ ପ୍ରଥମେ ଯାହା ଲକ୍ଷ୍ୟ କରିବେ ତାହା ହେଉଛି ଏହାର ପରିବେଶ, ଯାହା ଭାରୀ, ତୀବ୍ର ଏବଂ ଟିକେ ଅସ୍ୱାଭାବିକ ଅନୁଭବ ହୋଇପାରେ। ଏଠାରେ କେବଳ ମନ୍ତ୍ରୋଚ୍ଚାରଣ ହୁଏ ନାହିଁ, ବରଂ ଏପରି ଶବ୍ଦ ଗୁଞ୍ଜରିତ ହୁଏ ଯାହା ସାଧାରଣ ପ୍ରାର୍ଥନା ପରି ଶୁଭେ ନାହିଁ। କେତେକ ସମୟରେ, ଏହି ଶବ୍ଦଗୁଡ଼ିକ ହଠାତ୍ ତୀବ୍ର ଚିତ୍କାର କିମ୍ବା ଅନିୟନ୍ତ୍ରିତ ଶବ୍ଦରେ ପରିଣତ ହୁଏ। ପ୍ରଥମେ ସେଗୁଡ଼ିକ ଶୁଣିବା ମାତ୍ରେ, ଆପଣ ଭାବିବେ: ଏହା ଯନ୍ତ୍ରଣା, ଭୟ, ନା କୌଣସି ପ୍ରକାରର ମୁକ୍ତି ମନ୍ଦିର ଭିତରର ଦୃଶ୍ୟ ମଧ୍ୟ ସମାନ ଆଶ୍ଚର୍ଯ୍ୟଜନକ। କିଛି ଲୋକ ହଠାତ୍ ଅଜବ ଭାବରେ କାର୍ଯ୍ୟ କରୁଥିବା ଦେଖାଯାଏ। କିଏ ବାରମ୍ବାର ନିଜ ଶରୀରକୁ ଝୁଙ୍କି ଦିଏ, ତ ଆଉ କିଏ କାନ୍ଥରେ ବାଡେଇ ହୋଇଯାଏ। ଏସବୁ ମଧ୍ୟରେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଦେଖଣାହାରୀମାନେ ଭୟଭୀତ ହୁଅନ୍ତି ନାହିଁ। ସେମାନଙ୍କ ମୁହଁରେ ଭୟର କୌଣସି ଚିହ୍ନ ଦେଖାଯାଏ ନାହିଁ, ଯେମିତି ଏସବୁ ସାଧାରଣ। ମନ୍ଦିରରେ କିଛି ସମୟ ବିତାଇବା ପରେ, କୌଣସି କାରଣ ବିନା ମନରେ ଅସ୍ଥିରତା ବଢ଼ିବାକୁ ଲାଗେ। ନିଶ୍ୱାସ ଟିକେ ଦ୍ରୁତ ହୁଏ, ଏବଂ ହୃଦସ୍ପନ୍ଦନ ଆପଣଙ୍କୁ ଅନୁଭବ ହୁଏ। ଏପରି ନୁହେଁ ଯେ ଏହା କୌଣସି ବିପଦକୁ ସୂଚିତ କରେ, କିନ୍ତୁ ପରିବେଶ ଆପଣଙ୍କୁ ନିରନ୍ତର ସତର୍କ ରହିବାକୁ ମନେ ପକାଇଥାଏ। କେତେକ ସମୟରେ, ଏପରି ଅନୁଭବ ହୁଏ ଯେପରି କେହି ଆପଣଙ୍କ ପଛରେ ଠିଆ ହୋଇଛି, କିନ୍ତୁ ବାସ୍ତବରେ କେହି ନଥାନ୍ତି। ତେବେ ମନ୍ଦିରରେ ପ୍ରବେଶ କରିବା ପୂର୍ବରୁ, କିଛି ନିୟମ ମଧ୍ୟ କୁହାଯାଇଛି, ଯେଉଁଥିରୁ ପ୍ରଥମ ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ବାହାରକୁ ପ୍ରସାଦ ନ ନେବା ଏବଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ବାହାରକୁ ଯିବା ସମୟରେ ପଛକୁ ନ ଚାହିଁବା। ପ୍ରାରମ୍ଭରେ, ଏହି ନିୟମଗୁଡ଼ିକ କେବଳ ପରମ୍ପରା ପରି ମନେହୁଏ, କିନ୍ତୁ ଭିତରକୁ ପ୍ରବେଶ କରିବା ପରେ, ଏହା ଏକ ଚେତାବନୀ ପରି ମନେହୁଏ। ଏଠାରେ ସମୟ କହିବା ମଧ୍ୟ କଷ୍ଟକର ହୋଇପଡେ। ଆପଣ କେତେ ସମୟ ଧରି ସେଠାରେ ଠିଆ ହୋଇଛନ୍ତି ତାହା ଠିକ୍ ଭାବରେ କହିପାରିବେ ନାହିଁ। ମେହେନ୍ଦୀପୁର ବାଲାଜୀ କେବଳ ଏକ ମନ୍ଦିର ନୁହେଁ। ଏହା ଏକ ଅନୁଭୂତି ଯାହା ଆପଣଙ୍କୁ ଗଭୀର ଭାବରେ ପ୍ରଭାବିତ କରେ। ଏବଂ ଯେତେବେଳେ ଆପଣ ଫେରିଯାଆନ୍ତି, ସେହି ଦୃଶ୍ୟଗୁଡ଼ିକ କେବଳ ଆପଣଙ୍କ ମନରେ ରହିଯାଏ ନାହିଁ, ବରଂ ଆପଣଙ୍କ ଚିନ୍ତାଧାରାକୁ ମଧ୍ୟ ସ୍ଥାପିତ କରିଥାଏ।

# ଶକ୍ତି-ସ୍ୱରୂପିଣୀ ଦେବୀ

## ପଞ୍ଚ ଦେବତା ଉପାସନାର ପ୍ରମୁଖ ପୀଠ









ଭାରତରେ ଥିବା ସବୁ ପ୍ରସିଦ୍ଧ ଶକ୍ତିପୀଠ ମଧ୍ୟରେ ମା'ତାରାତାରିଣୀଙ୍କ ପୀଠର ସ୍ୱାତନ୍ତ୍ୟତ ରହିଛି । ଏହା ସ୍ତନ ପୀଠ ହୋଇଥିବାରୁ ଦେଶର ୪ ଆଦିଶକ୍ତି ପୀଠ ଓ ତନ୍ତ୍ର ପୀଠ ମଧ୍ୟରୁ ଅନ୍ୟତମ। ଏହି ପୀଠ ଶାବରୀ, ବୈଦିକ, ବୌଦ୍ଧ, ବୈଷ୍ଣବୀ, ପରମ ତନ୍ତ୍ର ଓ ଶକ୍ତିପୀଠ ଭାବରେ ପ୍ରସିଦ୍ଧି ଲାଭ କରିଛି । ତାରାତାରିଣୀ ମନ୍ଦିର ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ହିନ୍ଦୁ ଧର୍ମର ଶକ୍ତି-ସ୍ୱରୂପିଣୀ ଦେବୀ, ପୂର୍ଣ୍ଣେଶ୍ୱରୀ ମା' ତାରାତାରିଣୀଙ୍କ ଶକ୍ତିପୀଠ । ଆମ ଦେଶରେ ଥିବା ବିଭିନ୍ନ ୫୧ ଶକ୍ତିପୀଠ ମଧ୍ୟରେ ଏହା ଅନ୍ୟତମ ଅଟେ । ଏହି ଶକ୍ତିପୀଠରେ ତାରା ଓ ତାରିଣୀ ରୂପରେ ଦୁଇ ଭଉଣୀ ପୂଜା ପାଉଛନ୍ତି । ମାନସିକ ପୂର୍ଣ କରୁଥିବା ଏହି ପୀଠର ମହିମା ଯୋଗୁଁ ଏହା ବେଶ ପ୍ରସିଦ୍ଧି ଲାଭ କରିଛି। ପ୍ରାଚୀନ କଳିଙ୍ଗ ରାଜ୍ୟର ମା' ଇଷ୍ଟଦେବୀ। ନୌବାଣିଜ୍ୟ ପରମ୍ପରା ଓ ସାଧବ ମାନଙ୍କ ମା' ତାରାତାରିଣୀ ଇଷ୍ଟଦେବୀ। ପୀଠ ନିକଟରେ ଥିବା ବିଶ୍ୱର ପ୍ରାଚୀନ ଓ ସୁବିଶାଳ ବନ୍ଦରରୁ ତେଣୁ ଅନୁଷ୍ଠାନ ଓ ପୂଜାର୍ଚ୍ଚନା ସହ ଆରମ୍ଭ ହେଉଥିଲା ବିଦେଶକୁ ବାଣିଜ୍ୟ ଯାତ୍ରା। ୯୯୯ ପାହାଚ ନୌବାଣିଜ୍ୟ ପରମ୍ପରାର ପ୍ରତୀକ । ଜାଭା-ସୁମାତ୍ରାରୁ ଫେରୁଥିବା ଚେଟି ରାମେୟା ନାମକ ସାଧବର ସମୁଦ୍ର ମଧ୍ୟରେ ଜୀବନ ବଂଚାଇ ଥିବାରୁ ମା'ଙ୍କ ପାଇଁ ସେ ନିର୍ମାଣ କରିଥିଲା ଏହି ୯୯୯ ପଥର ପାହାଚ। ବୌଦ୍ଧ ଧର୍ମର ଦେବୀ 'ତାରା'ଙ୍କ ଏହା ଉତ୍ପତ୍ତି ସ୍ଥାନ। ମା' ତାରାତାରିଣୀ ପୀଠରେ ଏକ ବୁଦ୍ଧ ମୂର୍ତ୍ତି ପୂଜା ପାଉ ଥିବାବେଳେ ମା' ତାରାତାରିଣୀଙ୍କ ମନ୍ତ୍ର, ତନ୍ତ୍ର ଓ ପୂଜା ପଦ୍ଧତି ସାମାନ୍ୟ ପରିବର୍ତ୍ତନ ସହ 'ବୌଦ୍ଧ ତାରା'ଙ୍କ ଅର୍ଚ୍ଚନା ପାଇଁ ବ୍ୟବହାର ହେଉଛି। ମାଆଙ୍କର ପୂଜାର୍ଚ୍ଚନା ପ୍ରତ୍ୟୁଷରୁ ଆରମ୍ଭ ହୋଇଥାଏ । ପ୍ରଥମେ କାଳରାତ୍ରିକୁ ବନ୍ଦନା କରି, ଅଗଣାକୁ ଶୋଧ କରାଯାଇ ଦ୍ୱାରପାଳ ଗଙ୍ଗାଯମୁନାଙ୍କୁ ସ୍ନାନ କରାଯାଏ ଓ ସୂର୍ଯ୍ୟପୂଜା ଆରମ୍ଭ ହୁଏ । ତା'ପରେ ଦେଉଳଶୋଧ, ପାର୍ଶ୍ୱଦେବତାଙ୍କୁ ସ୍ନାନ କରାଯାଇ ମାଆଙ୍କର ନିଦ୍ରାଭଙ୍ଗ କରିବା ପାଇଁ ଘଣ୍ଟଶବ୍ଦ କରିବାର ବିଧି ରହିଛି । ପୂଜକ ପହଡ଼ ତ୍ୟାଗ କରିବାର ନିବେଦନ କରିଥାନ୍ତି । ମନ୍ଦିରର ଦ୍ୱାର ଖୋଲାଯାଇ ମାଆଙ୍କ ନିତ୍ୟକର୍ମ ସମାପନ କରାଯାଏ । ମୁଖ ପ୍ରକ୍ଷାଳନ, କାଠଲାଗି ପରେ ଚୁଆ, କର୍ପୂର, ସିନ୍ଦୂର, କସ୍ତୁରୀ, ଗୋରଚନା, ଜାଇଫଳ ପ୍ରଭୃତିଦ୍ୱାରା ମାଆଙ୍କୁ ସ୍ନାନମାର୍ଜନା କରି ବେଶ କରାଯାଏ । ବାଲଧୂପ ଲାଗି ହୁଏ । ଏହା ସହ ପ୍ରାତ୍ୟହିକ ପଞ୍ଚ ଦେବତାଙ୍କର ପୂଜା ହୁଏ । ମାଆଙ୍କ ନିକଟରେ ବାଲଧୂପ ଲାଗି ସହ ଧୂପ ରୂପେ ଖେଚୁଡ଼ି ଓ ଡାଲମା ଲାଗି କରାଯାଏ । ମଙ୍ଗଳ ଆଳତି ଓ ପୁଷ୍ପାଞ୍ଜଳି ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ମନ୍ଦିରର ଦ୍ୱାର ଖୋଲାଯାଏ । ପରମ୍ପରା ଅନୁସାରେ ମଧ୍ୟାହ୍ନ ୧୨ଟା ୧୫ ମିନିଟ୍‌ରେ ମାଆଙ୍କୁ ମଧ୍ୟାହ୍ନ ଧୂପର ନୈବେଦ୍ୟ ସମର୍ପଣ କରାଯାଏ। ପୁନର୍ବାର ଦେଉଳ ଶୋଧ କରି ଶଙ୍ଖୁଡ଼ି ଭୋଗ ଯଥା- ଅନ୍ନ, ଡାଲି, ଖଟା, ଭଜା ପ୍ରଭୃତି ଲାଗି କରାଯାଏ । ନୀରାଜନା ପୁଷ୍ପାଞ୍ଜଳି ପରେ ମାଆଙ୍କର ପୁନରାୟ ପହୁଡ଼ ପଡେ। ମଧ୍ୟାହ୍ନ ଧୂପର ପ୍ରସାଦ ସାଧୁ, ସନ୍ଥ, ଅତିଥି ଓ ପୂଜକ ସମସ୍ତେ ଏକତ୍ର ଭୋଜନ କରନ୍ତି। ଏହା ମହାନ୍ ପ୍ରଥା ପ୍ରାୟତଃ ବିରଳ ।

### ପୂଜାବିଧି:-

ଅପରାହ୍ଣ ଦୁଇଟା ବେଳକୁ ମାଆ ପହୁଡ଼ ତ୍ୟାଗ କରିବା ପାଇଁ ପୂଜକ ନିବେଦନ କରିବା ସହ ମାଆଙ୍କର ମୁଖ ଧୌତ କରାଯାଇ ବେଶ କରାଯାଏ । ପାଦ ଅର୍ଘ୍ୟ, ଧୂପ, ଦୀପର ନୈବେଦ୍ୟ ଅର୍ପଣ ପରେ ଜନସାଧାରଣଙ୍କୁ ଦର୍ଶନ ପାଇଁ ସୁଯୋଗ ଦିଆଯାଏ । ପାଞ୍ଚଟା ପନ୍ଦର ମିନିଟ୍‌ରେ ସନ୍ଧ୍ୟାଆଳତି ଆରମ୍ଭ ହୁଏ । ମନ୍ଦିର ଶୁଦ୍ଧ କରାଯାଇ ବାଲଭୋଗ ସହିତ ଆଳତି କରାଯାଇଥାଏ । ଭକ୍ତଙ୍କ ଦର୍ଶନ ନିମନ୍ତେ ରାତି ସାଢ଼େ ଆଠଟା ପର୍ଯ୍ୟନ୍ତ ମନ୍ଦିର ଖୋଲା ରହେ । ଏହାପରେ ରାତ୍ରିଧୂପ ଲାଗି ହୁଏ । ରାତି ଧୂପରେ ଶଙ୍ଖୁଡ଼ି ଭୋଗ ଲାଗି କରାଯାଏ । ରାତ୍ରି ଆଳତି ପରେ ମାଆ ପହୁଡ଼ ବିଜେ କରିଥାନ୍ତି । ପହୁଡ଼ ବିଜେ ପାଇଁ ପୂଜକ ମାଆଙ୍କୁ ପଲଙ୍କରେ ବିଜେ ହେବାକୁ ନିବେଦନ କରିଥାନ୍ତି । ସ୍ତୁତିପାଠ କରି ଆଲଟ କରିବାର ପ୍ରଥା ରହିଛି । ପହୁଡ଼ ପରେ ମନ୍ଦିର ବନ୍ଦ କରାଯାଏ ।

### ବଳିପ୍ରଥା:-

ପଞ୍ଚ 'ମ' କାର ପୂଜା ଓ ତନ୍ତ୍ରର ବିଶେଷ ପ୍ରଭାବ ଯୋଗୁଁ

**ତାରାତାରିଣୀ ମନ୍ଦିର ଓଡ଼ିଶାର ଗଞ୍ଜାମ ଜିଲ୍ଲାରେ ଅବସ୍ଥିତ ହିନ୍ଦୁ ଧର୍ମର ଶକ୍ତି-ସ୍ୱରୂପିଣୀ ଦେବୀ, ପୂର୍ଣ୍ଣେଶ୍ୱରୀ ମା' ତାରାତାରିଣୀଙ୍କ ଶକ୍ତିପୀଠ । ଆମ ଦେଶରେ ଥିବା ବିଭିନ୍ନ ୫୧ ଶକ୍ତିପୀଠ ମଧ୍ୟରେ ଏହା ଅନ୍ୟତମ ଅଟେ । ଏହି ଶକ୍ତିପୀଠରେ ତାରା ଓ ତାରିଣୀ ରୂପରେ ଦୁଇ ଭଉଣୀ ପୂଜା ପାଉଛନ୍ତି ।**

ମା'ତାରା ତାରିଣୀ ପୀଠରେ ଅତି ପ୍ରାଚୀନ କାଳରୁ ବଳିପ୍ରଥା ପ୍ରଚଳନ ଥିବାର ସୂଚନା ମିଳେ। ମଧ୍ୟଯୁଗରେ ଶହ ଶହ ବର୍ଷ ଧରି ବଳିପ୍ରଥା ପ୍ରଚଳନ ଥିବାର ଜଣାଯାଏ। ପ୍ରତ୍ୟକ୍ଷଦର୍ଶୀଙ୍କ ବିବରଣୀ ଅନୁସାୟୀ ବିଂଶ ଶତାବ୍ଦୀର ଆରମ୍ଭରେ ବର୍ଷସାରା ମଙ୍ଗଳବାର ଓ ସଂକ୍ରାନ୍ତି ତିଥିରେ ମା'ଙ୍କଠାରେ ବହୁଳ ସଂଖ୍ୟାରେ ଛାଗ ବଳି ଦିଆଯାଉଥିଲା। ମୁଖ୍ୟତଃ ଚୈତ୍ର ମାସର ୪ଗୋଟି ମଙ୍ଗଳବାରରେ ୧୦ହଜାରରୁ ଅଧିକ ଛେଳି ଓ ବୋଦା ବଳି ଦିଆଯାଉଥିଲା । ପାହାଡ ଉପରେ ବହୁ ସଂଖ୍ୟକ ବଳି ଦିଆଯାଉ ଥିବା ଯୋଗୁଁ ଏହା ଉପରକୁ ଯିବାକୁ ଥିବା ୯୯୯ ପାହାଚ ରାସ୍ତାଟି ରକ୍ତର ସୁଅରେ ଲାଲ ହୋଇ ଯାଉଥିଲା। ମହାତ୍ମା ଗାନ୍ଧୀଙ୍କ ବିରୋଧ ପରେ ବ୍ରିଟିଶ ସରକାର ଏହି ପ୍ରଥାକୁ ବନ୍ଦ କରି ଦେଇଥିଲେ। ଏବେ ମା'ଙ୍କୁ ଆମିଷ ନୈବେଦ୍ୟ ଦିଆଯାଉଛି। ତମ୍ବାପାତ୍ରରେ ପଇଡ଼ ପାଣିକୁ ମଦ୍ୟ ରୂପରେ ମା'ଙ୍କୁ ଅର୍ପଣ କରାଯାଉଛି।

### ମଣ୍ଡନ ମାନସିକ:-

ନିଃସନ୍ତାନ ଥିବା ବ୍ୟକ୍ତି ସନ୍ତାନ ଆଶା କରି ଓ ରୋଗଗ୍ରସ୍ତ ଶିଶୁର ଆରୋଗ୍ୟ ଲାଭ ପାଇଁ ବାପାମାଆମାନେ ସନ୍ତାନର ପ୍ରଥମ କେଶ ମା'ଙ୍କ ପୀଠରେ ମଣ୍ଡନ କରିବା ପାଇଁ ମାନସିକ କରନ୍ତି, ମାନସିକ ପୂରଣ ହେବାପରେ ଏଠାରେ ବିଶେଷତଃ ଚୈତ୍ର ମଙ୍ଗଳବାରରେ ଏଥିପାଇଁ ପ୍ରବଳ ଭିଡ଼ ହୋଇଥାଏ ।

# ଭଦ୍ରକରେ ଏସ୍.ଆଇ.ଆର ସଚେତନତା ରଥର ଶୁଭାରମ୍ଭ

ଭଦ୍ରକ,(ନିପ୍ର): କମିଶନଙ୍କ ଦ୍ୱାରା ଚାଲୁଥିବା ସ୍ୱତନ୍ତ୍ର ସଘନ ସଂଶୋଧନ -୨୦୨୬ କାର୍ଯ୍ୟକ୍ରମକୁ ଜନସାଧାରଣଙ୍କ ମଧ୍ୟରେ ଅଧିକ ବ୍ୟାପକ ଭାବେ ପହଞ୍ଚାଇବା ଉଦ୍ଦେଶ୍ୟରେ ଭଦ୍ରକ ଜିଲ୍ଲାରେ ଏସ୍ଆଇଆର ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଜିଲ୍ଲାପାଳ ଦିଲୀପ ରାଉତରାୟ ଓ ଭଦ୍ରକ ବ୍ଲକ ଅଧକ୍ଷା ଉର୍ମିଳା ନାୟକ ସବୁଜ ପତାକା ପ୍ରଦର୍ଶନ କରି ସଚେତନତା ରଥର ଶୁଭାରମ୍ଭ କରିଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ୍, ପଞ୍ଚାୟତ ଓ ସହରାଞ୍ଚଳ ପରିଭ୍ରମଣ କରି ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବ। ଏହି



ଅବସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ସରୋଜ ଦତ୍ତ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବି ନାରାୟଣ ସାହୁ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଧନେଇ ଚରଣ ଟୁଡୁ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଭଦ୍ରକ ବ୍ଲକ ଉନ୍ନୟନ ଅଧିକାରୀ ରଶ୍ମି ରଞ୍ଜନ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ପ୍ରଶାସନ ପକ୍ଷରୁ ନାଗରିକମାନଙ୍କୁ ଏସ୍ଆଇଆର ପ୍ରକ୍ରିୟାରେ ସକ୍ରିୟ ସହଯୋଗ କରିବା, ବୁଥ୍ସ୍ତରୀୟ ଅଧିକାରୀମାନଙ୍କୁ ଆବଶ୍ୟକ ତଥ୍ୟ ପ୍ରଦାନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ ଏନ୍ୟୁମେରେସନ୍ ଫର୍ମ ପୂରଣ କରି ଦାଖଲ କରିବା ପାଇଁ ଆହ୍ୱାନ କରାଯାଇଛି। ସୂଚନାଯୋଗ୍ୟ ଯେ, ଓଡ଼ିଶାରେ ଏସ୍ଆଇଆର୍ -୨୦୨୬ କାର୍ଯ୍ୟକ୍ରମ ଅନ୍ତର୍ଗତ ବିଏଲ୍ଓମାନେ ଘରକୁ ଘର ଯାଇ ଭୋଟରମାନଙ୍କୁ ଏନ୍ୟୁମେରେସନ୍ ଫର୍ମ ବଣ୍ଟନ ଓ ସଂଗ୍ରହ କରୁଛନ୍ତି।

# ଦୁଇ ଅଭିଯୁକ୍ତ ଗିରଫ ସହ ବିଦେଶୀ ମଦ ଜବତ

କାଶୀନଗର,(ନିପ୍ର): କାଶୀନଗର ଥାନା ଅଧିକାରୀ ତ୍ରିନାଥ ସେଠୀଙ୍କ ନିର୍ଦ୍ଦେଶ କ୍ରମେ କାଶୀନଗର ସହର ତଥା ଏହାର ଆଖପାଖ ଅଞ୍ଚଳରେ ଜୁଆ ଆଡ୍ଡା ଓ ବେଆଇନ ମଦବିକ୍ରିକୁ ରୋକ ଲଗେଇ ନିଶାମୁକ୍ତି ଅଭିଯାନକୁ ସଶକ୍ତ କରିବା ସକାଶେ ପୋଲିସ ବାହିନୀ ପୁରା ଆକ୍ସନ ମୁଡ଼ରେ ଆସିଛି। କାଶୀନଗର ଥାନା ଅନ୍ତର୍ଗତ ସାରା ଗ୍ରାମରେ ବେଆଇନ ବିଦେଶୀ ମଦ ବିକ୍ରି ବେଳେ ଅଚାନକ ଚଢ଼ାଉ କରି ବିଭିନ୍ନ ବ୍ରାଣ୍ଡର ବିଦେଶୀ ମଦ ଜବତ କରି ଅଭିଯୁକ୍ତକୁ




କାବୁ କରିଛି। ସେହିପରି ଦୀର୍ଘ ଦିନ ହେଲା କେସରେ ଛନ୍ଦି ହୋଇ ପଳାତକ ସାଜିଥିବା ଦୁଇ ଅଭିଯୁକ୍ତଙ୍କୁ ଶିଆଳି ପଂଚାୟତର ରେଲିଗୁଡା ଗ୍ରାମରୁ ଜଣେ ଓ କାଶୀନଗର ଏନ ଏ ସି ର ୱାର୍ଡ ନଂ ୪ ରୁ ଆଉ ଜଣକୁ ପୋଲିସ ଧରିବାରେ ସକ୍ଷମ ହୋଇଛି।

# ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର

ଧାମନଗର,(ନିପ୍ର): ସ୍କୁଲ ଛାତ୍ରଛାତ୍ରୀଙ୍କ ସାଧାରଣ ସୁରକ୍ଷା, ଉନ୍ନତ ପରିବେଶର ବିକାଶ ଏବଂ ସର୍ବାଙ୍ଗୀନ ଉନ୍ନତିକୁ ଦୃଷ୍ଟିରେ ରଖି ଧାମନଗର ପଞ୍ଚାୟତ ସମିତି ସଭାଗୃହଠାରେ 'ସମଗ୍ର ଶିକ୍ଷା' ଯୋଜନା ସମ୍ପର୍କିତ ଏକ ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଓ ଜନ ଶୁଣାଣି ଶିବିର ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୦୨୧-୨୨ ଓ ୨୦୨୨-୨୩ ଆର୍ଥିକ ବର୍ଷର 'ସମଗ୍ର ଶିକ୍ଷା' ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମଗୁଡ଼ିକର ସାମାଜିକ ସମୀକ୍ଷା କରାଯାଇଥିଲା। କାର୍ଯ୍ୟକ୍ରମରେ ଧାମନଗର ଶିକ୍ଷା ମଣ୍ଡଳ ଓ ଓସାଟ ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଧାମନଗର ପଞ୍ଚାୟତ ସମିତି ଅଧକ୍ଷା ଶର୍ମିଷ୍ଠା ବେହେରା,ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ବିଡ଼ିଓ ବନ ବିହାରୀ ଦିନ୍ଧା ପ୍ରମୁଖ ଯୋଗ ଦେଇ କାର୍ଯ୍ୟକ୍ରମ ସଂମ୍ପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ଡ. ପ୍ରଫୁଲ୍ଲ ସାହୁଙ୍କ ସଞ୍ଚାଳନା। ବି ଆରସି ଶ୍ରୀ ହୀମସେନ ହୋ , ଏବିଇଓ ସତ୍ୟପ୍ରିୟ ସୁନ୍ଦର ପରିଡା, ଡି ଏସ ଏ ସତ୍ୟ ଜିତି ପୃଷ୍ଟି। ଜିଲ୍ଲା ସାମାଜିକ ସମୀକ୍ଷକ ବିଭୁଦତ୍ତ ରାଉତ ପ୍ରମୁଖ ଉପସ୍ଥିତ ଶିକ୍ଷକ,ଶିକ୍ଷୟତ୍ରୀ, ଭି ଆର ପି ଓ ପରିଚାଳନ କମିଟି ର ସଦସ୍ୟ ମାନଙ୍କୁ ନେଇ ଉକ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରା ଯାଇଥିଲା।

# ରମ୍ଭାରେ ୩୭ ଜଣ ମାଗଣା ପରଳ ଓ ଚକ୍ଷୁ ଚିକିତ୍ସା

ରମ୍ଭା:(ନିପ୍ର): ଗଞ୍ଜାମ ବ୍ଲକ ଅନ୍ତର୍ଗତ ରମ୍ଭାର ଗାୟତ୍ରୀ ଶକ୍ତିପୀଠ ପରିସରରେ ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ସହଯୋଗରେ ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଗାୟତ୍ରୀ ପରିବାର ବିଶ୍ୱ ମଙ୍ଗଳ ଗୋ କଲ୍ୟାଣ ସମିତି ଓ ଶଙ୍କର ଚକ୍ଷୁ ଚିକିତ୍ସାଳୟ ପକ୍ଷରୁ ଏକ ମାଗଣା ଗ୍ଲୁକୋମା ଓ ପରଳ ଚକ୍ଷୁ ଚିକିତ୍ସା ଶିବିର ଗାୟତ୍ରୀ ଶକ୍ତି ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୩୭ ଜଣଙ୍କ ଚକ୍ଷୁ ରୋଗୀଙ୍କ ଚକ୍ଷୁ ପରିକ୍ଷା କରାଯାଇ ତନ୍ମଧ୍ୟରୁ ୧୦ ଜଣଙ୍କୁ ପରଳ ଅପରେସନ ପାଇଁ ଶଙ୍କର ଚିକିତ୍ସାଳୟକୁ ପଠାଯାଇଛି ।।।

# ପେନିକଣା ଗ୍ରାମରେ ମୋବାଇଲ ନେଟୱାର୍କ ଦୁର୍ବଳ, ଗ୍ରାହକ ହନ୍ତସନ୍ତ

ରାୟଗଡ,(ନିପ୍ର): ଆଜିର ଏହି ଡିଜିଟାଲ ଯୁଗରେ ମୋବାଇଲ ଫୋନରେ କିମ୍ବା କମ୍ପ୍ୟୁଟରରେ ସବୁ କାର୍ଯ୍ୟ କରିବା ଜରୁରୀ ହୋଇପଡିଥିବା ବେଳେ, ପିଲାଙ୍କ ଅନ୍ଲାଇନ ପାଠପଢ଼ା ଠାରୁ ଆରମ୍ଭ କରି ଯେ କୌଣସି ସରକାରୀ ସୂଚନା କିମ୍ବା ଯୋଜନା ବିଷୟରେ ଅବଗତ ହେବା ଅଥବା ଆଶାଦିଦି, କିମ୍ବା ସ୍ୱାସ୍ଥ୍ୟକର୍ମୀ କିମ୍ବା ଜରୁରୀକାଳୀନ ପରିସ୍ଥିତିରେ ଆମ୍ବୁଲାନ୍ସ ସେବା ଉପଲବ୍ଧ କରିବା ପାଇଁ ଅତ୍ୟାବଶ୍ୟକ। ଚିକିତ୍ସା ସେବା ସ୍ଥଳେ ମଧ୍ୟ ଆମ୍ବୁଲାନ୍ସ ସେବା ପାଇବା ଦୁର୍ବୋଧ ହୋଇପଡିଥାଏ। କାରଣ ଏଠାରେ ସ୍ଥାପିତ କରାଯାଇଥିବା ଜିଓ ନେଟୱାର୍କ ସେବା ଦୁର୍ବଳ ଅଥବା ଆଦୌ ରହୁନଥିବା ହେତୁ ପିଲାଙ୍କ ଅନଲାଇନ ପାଠପଢ଼ା ସମ୍ପୂର୍ଣ ଭାବେ ବ୍ୟାହତ ହେବା ସହ ସ୍ୱାସ୍ଥ୍ୟସେବା ଭଳି ଅତ୍ୟନ୍ତ ଜରୁରୀକାଳୀନ ସେବା ପାଇବାରୁ ବଞ୍ଚିତ ରହୁଛନ୍ତି ଗ୍ରାମବାସୀ । ରାୟଗଡା ସଦର ବ୍ଲକ ଡାଙ୍ଗାଲୋଡି ପଞ୍ଚାୟତ ସ୍ଥିତ ପେନିକଣା ବାସିନ୍ଦାଙ୍କ ପାଠପଢୁଆ ପିଲାଙ୍କ ପଢ଼ାରେ ଡୋରି ବନ୍ଧା ହୋଇଯାଇଛି। କାରଣ ଏଠାରେ ଆଦୌ ଜିଓ ନେଟୱାର୍କ କାର୍ଯ୍ୟ କରୁନଥିବାରୁ ପିଲା ଅନଲାଇନ ପାଠପଢାରୁ



ବଞ୍ଚିତ ରହୁଥିବାରୁ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପିତା ମାତାଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। ଯଦି ଜିଓ କମ୍ପାନୀର ଏପରି ନେଟୱାର୍କ କାର୍ଯ୍ୟ ଧାରା ଜାରି ରୁହେ, ତେବେ ଲୋକେ ଆଉ ଛାତ୍ରଛାତ୍ରୀ ସବୁ ସରକାରୀ ସୂଚନା ତଥା ପାଠପଢାରୁ ବଞ୍ଚିତ ରହି ଶେଷରେ ଭବିଷ୍ୟତ ଗଢିଚାଲିଥିବା ଦେଶର ଭବିଷ୍ୟତ ନାଗରିକଙ୍କ ସ୍ୱପ୍ନ ମାଟିରେ ମିଶିଯିବ ବୋଲି ପେନିକଣା ଗ୍ରାମ ବାସିନ୍ଦା ଅଭିଯୋଗ କରିଛନ୍ତି । ରାୟଗଡା ଜିଲ୍ଲାପାଳଙ୍କୁ ଭେଟି ବଳବତ୍ତର ରହିଥିବା ନ ଟ ଦ ନ ଅ। ସମସ୍ୟାର ସମାଧାନ ଦିଗରେ ଜିଓ କମ୍ପାନୀ ସହ ଯୋଗାଯୋଗ କରି ଡାଟା ସ୍ପିଡ୍ ବୃଦ୍ଧି, ନେଟୱାର୍କ ସିଷ୍ଟମକୁ ୨୪ ଘଣ୍ଟା କାଏମ ରଖିବା, ପିଲାଙ୍କ ରୀତିମତ ପାଠପଢ଼ା ଅବ୍ୟାହତ ଆଉ ସୁରକ୍ଷିତ ରହିବା ଦିଗରେ ପଦକ୍ଷେପ ନେବା ପାଇଁ ନିବେଦନ କରିଥିବା କହିଛନ୍ତି। ପେନିକଣା ଗ୍ରାମ ସରପଞ୍ଚଙ୍କ ସମେତ ଆଙ୍ଗଜୁ ତୋୟିକା, ପତି ପାତିକା, ଭୀମ କୀଲାକା, ଓ ଅନ୍ୟ ଗ୍ରାମ ବାସିନ୍ଦାମାନେ ଅସୁବିଧା ସମ୍ପର୍କରେ ଅବଗତ କରାଇ ସମାଧାନର ଆଶା ରଖିଛନ୍ତି ବୋଲି କହିଛନ୍ତି।

# ଏସ୍ଆଇଆର୍ ବିରୋଧରେ ସିପିଆଇ(ଏମ୍)

ଚାନ୍ଦବାଲି/ଭଦ୍ରକ,(ନିପ୍ର): ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ଓ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ବିରୋଧରେ ସିପିଆଇ(ଏମ) ଜନ୍ତୁଆଳି ଶାଖା ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର) ଚାନ୍ଦବାଲି ବ୍ଲକ ନୂଆଗାଁ ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ଜନ୍ତୁଆଳି ଗ୍ରାମରେ ଘରକୁ ଘର ବୁଲି ସାଧାରଣ ଜନତାଙ୍କୁ ଏନେଇ ସଚେତନ କରିଛନ୍ତି । ଏସ୍ଆଇଆର୍ ଯାଞ୍ଚ ପ୍ରକ୍ରିୟାର ସାଂଘାତିକ ଷଡଯନ୍ତ୍ର ବିରୁଦ୍ଧରେ ସାଧାରଣ ଲୋକେ ରାଜରାସ୍ତାକୁ ଆସିବାକୁ



ମାଧ୍ୟମରେ ଭିନ୍ନ ବିଚାରଧାରା ଓ ଭିନ୍ନ ମତବାଦରେ ବିଶ୍ୱାସ କରୁଥିବା ବିରୋଧୀ ରାଜନୈତିକ ଦଳର ସମର୍ଥକଙ୍କୁ ଟାର୍ଗେଟ କରି ଭୋଟର ତାଲିକାରୁ ସେମାନଙ୍କ ନାମ ବାଦଦେଇ ସରକାର ନିର୍ବାଚନ କମିଶନର ମାଧ୍ୟମରେ ମୌଳିକ ଅଧିକାରକୁ ହତ୍ୟା କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି। ସିପିଆଇ(ଏମ) ନେତୃବୃନ୍ଦ । ଏହି ନେତୃବୃନ୍ଦ ସିପିଆଇ(ଏମ) ନେତୃବୃନ୍ଦ ଆହ୍ୱାନ ଜଣାଇଛନ୍ତି ।

ଏହି ସଚେତନ କାର୍ଯ୍ୟକ୍ରମରେ ସିପିଆଇ(ଏମ) ଜିଲ୍ଲା କମିଟି ସଭ୍ୟ ବିକାଶ ନାଥ, ବରିଷ୍ଠ ନେତା ଅଭିରାମ ବଳ, ସିପିଆଇ(ଏମ) ଜନ୍ତୁଆଳି ବ୍ରାଞ୍ଚ ସଂପାଦକ ପ୍ରତାପ ମହାଳିକ, ଚାଷୀ ନେତା ଗଦାଧର ମଲ୍ଲିକ, ରମାକାନ୍ତ ବେହେରା, ସୁବାଷ ମହାଳିକ, ମହେନ୍ଦ୍ର ମାଝୀ ପ୍ରମୁଖ ସାମିଲ ହୋଇଥିଲେ ।

# ଇନ୍ଦ୍ରମଣି ହାଇସ୍କୁଲରେ ଚୋରି ଘଟଣା: ରାତ୍ର ଜଗୁଆଳି ସହ ୨ ଅଭିଯୁକ୍ତ ଗିରଫ

ଧାମନଗର,(ନିପ୍ର): ଧାମନଗର ଥାନାର ଚୁଡ଼ାକୁଟି ପଞ୍ଚାୟତର ଇନ୍ଦ୍ରମଣି ହାଇସ୍କୁଲରେ ହୋଇଥିବା ଏକ ଚୋରି ଘଟଣାର ପୋଲିସ ପର୍ଦ୍ଦାଫାସ କରିଛି । ଏହି ଘଟଣାରେ ପୋଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଚୋରି ହୋଇଥିବା ସାମଗ୍ରୀଗୁଡ଼ିକୁ ଜବତ କରିଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ୦୧.୦୬.୨୦୨୬ ତାରିଖରେ ଇନ୍ଦ୍ରମଣି ହାଇସ୍କୁଲରେ ଚୋରି ହୋଇଥିବା ନେଇ ଥାନାରେ ଏକ ମାମଲା (ନଂ- ୨୪୨/୨୬) ରୁଜୁ ହୋଇଥିଲା। ଭାରତୀୟ ନ୍ୟାୟ ସଂହିତାର ଧାରା ୩୩୧(୪) ଓ ୩୦୩(୨) ଅନୁଯାୟୀ ମାମଲା ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଥିଲା। ଧାମନଗର ଥାନା ଅଧିକାରୀ ଘଟଣା ତନାଘନା କରି ସମସ୍ତ ଚୋରି ସାମଗ୍ରୀ ଉଦ୍ଧାର କରିବା ସହ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଚନ୍ତି। ତେବେ ଏହି ଘଟଣା ମୁଖ୍ୟ ରାତ୍ର ଜଗୁଆଳି ସନ୍ତୋଷ ଦାସ ତାଙ୍କର କାମ ରାତ୍ରୀ ଜଗୁଆଳି କିନ୍ତୁ କ'ଣ ପାଇଁ ରାତି ଡିୟୁଟି ଦେଉ ନ ଥିଲେ ତାହା ତଦନ୍ତ କରାଗଲେ ଅଧିକ ରହସ୍ୟ ଉନ୍ମୋଚିତ ହୋଇପାରିବ। ତେବେଏହି ଘଟଣାରେ ପୋଲିସ କରଞ୍ଜି ଗୁଣ୍ଡୁପୁରର ମଣ୍ଟୁ ଓରଫ ଦୀପ୍ତି ରଞ୍ଜନ ବାରିକ, ବିଦ୍ୟାଧରପୁରର ଶମ୍ଭୁନାଥ ଦାସ ଏବଂ କରଞ୍ଜି ଗୁଣ୍ଡୁପୁରର ସନ୍ତୋଷ କୁମାର ଦାସଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୨ ଟି ବ୍ୟାଟେରୀ, ୨ ଟି ଇନଭର୍ଟର ମେସିନ୍, ୨ ଟି ଏଲଇଡି ଟିଭି ମନିଟର, ଗୋଟିଏ ସିସିଟିଭି ହାର୍ଡ ଡିସ୍କ ଓ ଗୋଟିଏ ସିସିଟିଭି ମେସିନ୍ ଜବତ କରାଯାଇଛି। ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ସୂଚନା ମିଳିଛି।

# ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଧିବକ୍ତା ମଧ୍ୟସ୍ଥତା ପ୍ରଶିକ୍ଷଣ ଶିବିର

କଟକ(ନିପ୍ର): ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମାଧାନ ପ୍ରକଳ୍ପ କମିଟି ଓ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶ କ୍ରମେ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ଅଧିବକ୍ତା ମଧ୍ୟସ୍ଥିମାନଙ୍କୁ ମଧ୍ୟସ୍ଥତା କ୍ଷେତ୍ରରେ ଅଧିକ କ୍ରିୟାଶୀଳ କରିବା ପାଇଁ ଏକ ୫ ଦିନିଆ ମଧ୍ୟସ୍ଥତା ପ୍ରଶିକ୍ଷଣ ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟକ୍ରମ ଜୁନ ୨ରୁ ୦୬ ପର୍ଯ୍ୟନ୍ତ ଓଡ଼ିଶା ନ୍ୟାୟିକ ଏକାଡେମୀ, କଟକ ଠାରେ ଆୟୋଜନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସର୍ବୋଚ୍ଚ ନ୍ୟାୟାଳୟର ମଧ୍ୟସ୍ଥତା ଓ ସମାଧାନ ପ୍ରକଳ୍ପ କମିଟିର ବରିଷ୍ଠ ପ୍ରଶିକ୍ଷିକା ମାନା କୋଠାରୀ ଓ ପ୍ରମିଳା ଆଚାର୍ଯ୍ୟ ଯୋଗଦେଇ ମଧ୍ୟସ୍ଥତା ପାଠ୍ୟକ୍ରମ ବିଷୟବସ୍ତୁ ଉପରେ ଓଡ଼ିଶା ଉଚ୍ଚନ୍ୟାୟାଳୟ ମଧ୍ୟସ୍ଥତା କେନ୍ଦ୍ରର ୩୪ଜଣ ଅଧିବକ୍ତା ମଧ୍ୟସ୍ଥି ମାନଙ୍କୁ ତାଲିମ ପ୍ରଦାନ କରିବା ସହିତ ମଧ୍ୟସ୍ଥତା ମାଧ୍ୟମରେ କିପରି ବିବାଦ ଗୁଡିକର ସହଜ ଓ ସୁସମାଧାନ ହୋଇପାରିବ ଏବଂ ମଧ୍ୟସ୍ଥତା କିପରି ତ୍ୱରିତ ନ୍ୟାୟ ପ୍ରଦାନ କରିବା ଦିଗରେ ଉପଯୋଗ ହୋଇପାରିବ ସେଥିପାଇଁ ମାର୍ଗ ପ୍ରଦର୍ଶନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ରାଜ୍ୟ ଆଇନ ସେବା ପ୍ରାଧିକରଣ ସଦସ୍ୟ ସଚିବଙ୍କର ପ୍ରତ୍ୟେକ୍ଷ ଉପସ୍ଥିତି ଓ ତତ୍ତ୍ୱାବଧାନରେ ସଂଯୋଜନା କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଓଡ଼ିଶା ନ୍ୟାୟିକ ଏକାଡେମୀର ଅତିରିକ୍ତ ନିର୍ଦ୍ଦେଶକ, ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣର ଉପ ସଚିବ ଏବଂ ସହସଚିବ ଉପସ୍ଥିତ ରହି ପରିଚାଳନାରେ ସହାୟତା କରିଥିଲେ।

# କେନ୍ଦ୍ରାପଡ଼ାରେ ମଦ ଦୋକାନ ବନ୍ଦୋବସ୍ତ ପାଇଁ ଲଟେରି ଉଠାଣ

କେନ୍ଦ୍ରାପଡ଼ା(ନିପ୍ର): ଆଜି କେନ୍ଦ୍ରାପଡ଼ା ଜିଲ୍ଲାର ୪୬ ଗୋଟି ଠିପିବନ୍ଦ ବିଦେଶୀ ମଦ ଦୋକାନ ଏବଂ ୧୮ ଗୋଟି ଦେଶୀ ମଦ ଦୋକାନର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବନ୍ଦୋବସ୍ତ ନିମନ୍ତେ ଲଟେରୀ ଉଠାଣ କାର୍ଯ୍ୟକ୍ରମ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଲଟେରୀ ପ୍ରକ୍ରିୟାରେ ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ସ୍ୱଚ୍ଛ ଏବଂ ନିର୍ପେକ୍ଷ ଭାବେ ଉଠାଣ କାର୍ଯ୍ୟ ସମ୍ପନ୍ନ କରିଥିଲେ। ବହୁ ସଂଖ୍ୟକ ଆବେଦନକାରୀ ଓ ସେମାନଙ୍କ ପ୍ରତିନିଧିମାନେ ମଧ୍ୟ ସେଠାରେ ଉପସ୍ଥିତ ରହିଥିଲେ। ସୂଚନା ଅନୁଯାୟୀ, ଚଳିତ ବର୍ଷ ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ଠିପିବନ୍ଦ ବିଦେଶୀ ମଦ ଦୋକାନ ଏବଂ ଦେଶୀ ମଦ ଦୋକାନ ଗୁଡିକର ନୂତନ ବନ୍ଦୋବସ୍ତ ପ୍ରକ୍ରିୟା ଲଟେରୀ ମାଧ୍ୟମରେ କରାଯାଇଛି। ଲଟେରୀ ଉଠାଣ ସମୟରେ ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ପକ୍ଷରୁ ମଧ୍ୟ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଲଟେରୀରେ ଚୟନିତ ବ୍ୟକ୍ତିମାନେ ନିର୍ଦ୍ଧାରିତ ନିୟମ ଅନୁଯାୟୀ ପରବର୍ତ୍ତୀ ବନ୍ଦୋବସ୍ତ ପ୍ରକ୍ରିୟା ସମ୍ପନ୍ନ କରିବେ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉଲ୍ଲେଖଯୋଗ୍ୟ ଯେ, ପ୍ରତିବର୍ଷ ଅବକାରୀ ବିଭାଗ ପକ୍ଷରୁ ମଦ ଦୋକାନ ଗୁଡିକର ବନ୍ଦୋବସ୍ତ ଲଟେରୀ ମାଧ୍ୟମରେ କରାଯାଇଥାଏ। କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ କଣ୍ଟ୍ରି ଓ ଫରେନ ଲିକର ଦୋକାନ ପାଇଁ ଲଟେରୀ ଡ୍ର ଅନୁଷ୍ଠିତ ହୋଇଥାଏ ଓ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ କଣ୍ଟ୍ରି ଓ ଫରେନ ଲିକର ଦୋକାନ ପାଇଁ ଆଜି ଲଟେରୀ ଡ୍ର ଅନୁଷ୍ଠିତ ହୋଇଥିଲା।

# ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଆରମ୍ଭ ହେଲା ଗର୍ଭବତୀଙ୍କ ଅସ୍ତ୍ରୋପଚାର

ଆସିକା (ନିପ୍ର): ଆସିକା ଉପଖଣ୍ଡ ଚିକିତ୍ସାଳୟ ଠାରେ ଦୀର୍ଘ ୧୨ ବର୍ଷ ପରେ ଆରମ୍ଭ ହେଲା ଜଣେ ଗର୍ଭବତୀ ମହିଳାଙ୍କ ଅସ୍ତ୍ରଉପଚାର କରି ପୁତ୍ର ସନ୍ତାନ ଜନ୍ମ କରାଇଛନ୍ତି ମେଡିକାଲ ଟିମ । ଆସିକା ମେଡିକାଲର ଅଧିକ୍ଷକ ଡାକ୍ତର ବାଲ ଗୋପାଲ ବେହେରାଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସ୍ତ୍ରୀ ଓ ପ୍ରସୁତି ବିଭାଗର ଡାକ୍ତର ପ୍ରଭାତୀ ସାହୁ, ଡାକ୍ତର ତପନ କୁମାର ଶତପଥି, ନିସ୍ତେଜକର ଡାକ୍ତର ପରମିତାଙ୍କ ଆପ୍ରାଣ ଉଦ୍ୟମ ରେ ଜଣେ ମହିଳାଙ୍କ ଗର୍ଭରୁ ଏକ ସୁସ୍ଥ ନବଜାତ ପୁତ୍ର ସନ୍ତାନ କୁ ଜନ୍ମ କରାଇ ଏକ ରେକର୍ଡ ସୃଷ୍ଟି କରିଛନ୍ତି । ଆସିକା ତଥା ଏହାର ଆଖ ପାଖ ଅଞ୍ଚଳର ଗର୍ଭବତୀ ମା ମାନେ ଏହି ମେଡିକାଲରେ




ଯଥେଷ୍ଟ ସୁବିଧା ପାଇଁ ଉପକୃତ ହେବେ । ଆଜିର ଏହି ସଫଳତା ପାଇଁ ମେଡିକାଲର ଡାକ୍ତର, ନର୍ସ, କର୍ମଚାରୀ ମାନଙ୍କୁ ଅଞ୍ଚଳବାସୀ ଭୁୟସୀ ପ୍ରଶଂସା କରିଛନ୍ତି । ଆଜି ଅସ୍ତ୍ରଉପଚାର ହୋଇଥିବା ମା ଶିଶୁ ସୁସ୍ଥ ରହିଥିବା ଡାକ୍ତର ପ୍ରକାଶ କରିଛନ୍ତି।

# ବିଭିନ୍ନ ମୌଳିକ ସମସ୍ୟା ନେଇ ବ୍ଲକ ଘେରାଉ କଲେ ପଞ୍ଚାୟତବାସୀ




ବୁଗୁଡ଼ା(ନିପ୍ର): ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବିରଞ୍ଚିପୁର ଗ୍ରାମପଞ୍ଚାୟତରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ନହେବା ଏବଂ ବିଭାଗୀୟ ଅଧିକାରୀଙ୍କ ମନମୁଖୀ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ଶତାଧିକ ପଞ୍ଚାୟତବାସୀ ଏକତ୍ରିତ ହୋଇ ବ୍ଲକ ଅଫିସ ଘେରାଉ ସହିତ ବିଡିଓଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଅନେକ ଯୋଜନା କାର୍ଯ୍ୟକାରୀ କରୁଥିବା ବେଳେ ବିରଞ୍ଚିପୁର ପଞ୍ଚାୟତ ପାଇଁ ବିକାଶ ସାତସପନ ପାଲଟିଥିବା ଅଭିଯୋଗ ହୋଇଛି। ଯଦି ସାତଦିନ ମଧ୍ୟରେ ଏହାର ସମାଧାନ ନହୁଏ ତେବେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଥିବାବେଳେ ସାତଦିନ ମଧ୍ୟରେ ଏହାର ସମାଧାନ କରି ବିକାଶ ମୂଳକ କାର୍ଯ୍ୟ କରାଯିବା ସହିତ ତ୍ୱରାନ୍ୱିତ କରାଯିବ ବୋଲି ଗୋଷ୍ଠି ଉନ୍ନୟନ ଅଧିକାରୀ ଦୁତିକୃଷ୍ଣ ପାତ୍ର କହିଛନ୍ତି ।

# ମାରିଗୁଡ଼ା ଗ୍ରାମରେ ରନ୍ଧାମଦ ଉପରେ ଚଢ଼ାଉ

ଗୁଣୁପୁର,(ନିପ୍ର): ଗଟଳପଦର୍ ଗ୍ରାମ ପଞ୍ଚାୟତର ମାରିଗୁଡ଼ା ଗ୍ରାମରେ ଚୋରା ରନ୍ଧା ମଦ କାରବାର ହେଉଥିବା ଖବର ପାଇ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରାଯାଇଥିଲା। ରାୟଗଡ଼ା ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଡି ଏସ ଇ ଗୁଣପୁର ସଞ୍ଜିବ କୁମାର ବାର୍ଲି, ଅବକାରୀ ନିରୀକ୍ଷକ ଗୁଣପୁର ବେଣୁଧର ସାମଲ ଓ ଗୁଣପୁର ପୋଲିସ୍ ଦଳ ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁଣପୁର ଅବକାରୀ ଉପ ନିରୀକ୍ଷକ ପି ଭିସେଶ୍ୱର ରାଓ, ଗୁଣପୁର



ଅବକାରୀ ରେଞ୍ଜ ସହ ଉପନିରୀକ୍ଷକ ଲକ୍ଷ୍ମୀ ଦେବି ଓ ଅବକାରୀ କର୍ମଚାରୀ ଦଳବଳେ ମାରିଗୁଡ଼ା ଗ୍ରାମରେ ପହଞ୍ଚି ଚୋରା ମଦ ରନ୍ଧା ହେଉଥିବା ସ୍ଥଳରେ ପହଞ୍ଚି ଅଚାନକ ଚଢ଼ାଉ କରି ୮ ଜଣ ଲୋକଙ୍କୁ ଗିରିଫ କରିବା ସହିତ ମୋଟ ୧୦ ଗୋଟି କେସ ରୁଜୁ କରାଯାଇଛି।ଏହା ସହିତ ୮୦୦୦ ଲିଟର ଗୁଡ଼ ମିଶା ମହୁଲ ପେଚ ଓ ୧୦୦୦ ଲିଟର ଚୋରା ରନ୍ଧା ମଦ ନଷ୍ଟ କରାଯାଇଛି। ଏହାର ମୂଲ୍ୟ ଆନୁମାନିକ ଛଅ ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଏହା ସହିତ ଆସବାବପତ୍ର ଜବତ କରାଯାଇ ଘଟଣା ସ୍ଥଳରେ ହିଁ ନଷ୍ଟ କରାଯାଇଥିଲା।

# ଉଷାକୋଠିରେ ୧୦ହଜାର ବର୍ଷର ପ୍ରାଚୀନ ଯୁଗ ଶୈଳଚିତ୍ର ଓ ଅସ୍ତ୍ରଶସ୍ତ୍ରର ମିଳିଲା ପ୍ରମାଣ

ରେଢ଼ାଖୋଲ,(ନିପ୍ର): ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ ଅନ୍ତର୍ଗତ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଅଧୀନ ବେତଗଡରୁ ମାତ୍ର ୭ କିଲୋମିଟର ଦୂରରେ ଗବେଷକ ମାନଙ୍କ ଗବେଷଣାରେ ରହସ୍ୟଜନକ ତଥ୍ୟ ପ୍ରମାଣ ମିଳିଛି। ଏଥିରେ ଐତିହାସିକ ଉଷାକୋଠି ପାହାଡ଼ ସ୍ଥଳରେ ବିଭିନ୍ନ ସଭ୍ୟତାର ପ୍ରମାଣ ମିଳିଥିବ ।



ଗବେଷକମାନେ ଦାବି କରିଛନ୍ତି। ଏହି ସ୍ଥାନକୁ ପୁରୀ ମଣ୍ଡଳର ଭାରତର ପ୍ରତ୍ନତାତ୍ତ୍ୱିକ ବିଭାଗ ଗତ ଜାନୁଆରୀ ମାସରେ ଗସ୍ତ କରିଥିଲେ। ଏହାପରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ଇତିହାସ ବିଭାଗର ମୁଖ୍ୟ ଡକ୍ଟର ଅତୁଲ୍ୟ କୁମାର ପ୍ରଧାନ ତତ୍ତ୍ୱାବଧାନରେ ଛତାଗଡ, ପାରାଭାଡି, ଉଷାକୋଠି ଅଞ୍ଚଳରେ ଗସ୍ତ କରି ଗବେଷଣା ପରେ ପୁରାତନ ଯୁଗର ଅସ୍ତ୍ରଶସ୍ତ୍ର, ଶୈଳଚିତ୍ର ଅନ୍ୟାନ୍ୟ ସାମଗ୍ରୀ ଆବିଷ୍କାର ମିଳିବା ସହିତ ଏହା ୧୦ ହଜାର ବର୍ଷ ତଳର ମାନବ ସଭ୍ୟତା ପ୍ରମାଣ ବୋଲି ପ୍ରତିକ୍ରିୟା ଦେଇଥିଲେ। ଏହାର ରକ୍ଷଣାବେକ୍ଷଣ ଯଦି କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାର ଏହାକୁ ସଂରକ୍ଷିତ କରି ଏହି କ୍ଷଣକୁ ବନ୍ଦ କରି ପାରିଲେ ଏହା ଏକ ନୂତନ ପର୍ଯ୍ୟଟନସ୍ଥଳୀ ରୂପେ ଅବସ୍ଥାପିତ ହେବ ବୋଲି କହିଥିଲେ।

# ଟ୍ୱିଙ୍କଲ ଷ୍ଟାର ଡ୍ୟାନ୍ସ ଏକାଡେମୀ ବାର୍ଷିକ ଉତ୍ସବ



କାକଟପୁର (ନିପ୍ର): ଅସ୍ତରଙ୍ଗ ଅଞ୍ଚଳର ଅଗ୍ରଣୀ ନୃତ୍ୟ ଅନୁଷ୍ଠାନ ଟ୍ୱିଙ୍କଲ ଷ୍ଟାର ଡ୍ୟାନ୍ସ ଏକାଡ଼େମୀ ଅସ୍ତରଙ୍ଗ ଅଞ୍ଚଳର କୁନି କୁନି ଶିଶୁ ମାନଙ୍କୁ ଦୀର୍ଘ ବର୍ଷ ହେବ ନୃତ୍ୟ ଶିକ୍ଷା ଦେଇଆସୁଛି । ଏହି ନୃତ୍ୟଶିକ୍ଷା ଅନୁଷ୍ଠାନରୁ ନୃତ୍ୟ ଶିକ୍ଷା କରି ଅନେକ ପ୍ରତିଭା ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରି ବେଶ ସୁନାମ ଅର୍ଜନ କରିଛନ୍ତି । ଟ୍ୱିଙ୍କଲ ଷ୍ଟାର ଡାନ୍ସ ଏକାଡ଼େମୀ ତାର ବାର୍ଷିକ ଉତ୍ସବ ଅସ୍ତରଙ୍ଗର ଜାଗୁଳାଇ ପଡିଆ ଠାରେ ଆୟୋଜନ କରିଥିଲା । ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଆଧ୍ୟାତ୍ମିକ କଥାବାଚକ ପପୁରାମ ଦାଶ ,ମାଳିକା ପ୍ରବଚକ ଦିବାକର ବାବା ,ସମ୍ମାନୀତ ଅତିଥି ସିନେ ନିର୍ଦ୍ଦେଶକ ଶେଖ ଗୁଲଜାର ହୁସେନ ,ଡକ୍ଟର ହରପ୍ରିୟା ବେହେରା ,ଅସ୍ତରଙ୍ଗ ସଂସଦ ପ୍ରତିନିଧି ଦିବାକର ଛାଟୋଇ ,ପଣ୍ଡିତ କାଳନ୍ଦୀ ଚରଣ ଛାଟୋଇ ,ମୁଖ୍ୟ ବକ୍ତା ଗୀତିକାର ରଜନୀ ରଞ୍ଜନ ଯୋଗଦେଇଥିବା ବେଳେ ଟ୍ୱିଙ୍କଲ ଷ୍ଟାର ଡାନ୍ସ ଏକାଡ଼େମୀର ସଭାପତି ସତ୍ୟବ୍ରତ ଲେଙ୍କା ସମ୍ପାଦିକା ମିନୁ ପରିଡା ଅତିଥି ଭାବରେ ଯୋଗଦେଇଥିଲେ । ଅତିଥି ମାନଙ୍କ ଦ୍ୱାରା ଜଗନ୍ନାଥଙ୍କ ଫୋଟ ଚିତ୍ରରେ ପ୍ରଥମେ ପ୍ରଦୀପ ପ୍ରଜ୍ୱୋଳନ କରାଯାଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଏହି ଅନୁଷ୍ଠାନର ନୃତ୍ୟ ଶିକ୍ଷା କରୁଥିବା କଳାକାରମାନଙ୍କ ଦ୍ୱାରା ଡାନ୍ସ ପ୍ରୋଗ୍ରାମ । କୁନି କୁନି କଳାକାରମାନେ ସେମାନଙ୍କ ନୃତ୍ୟ ଗୁରୁଙ୍କ ସହିତ ଚମତ୍କାର ଡାନ୍ସ ପ୍ରଦର୍ଶନ କରିଥିବା ବେଳେ ପ୍ରିୟାଂଶି ବିଶ୍ୱାଳ, ସାଇରୋଶନ ବିଶ୍ୱାଳ, ଶୁଭଶ୍ରୀ ଲେଙ୍କା, ସତ୍ୟ ନାରାୟଣ ପ୍ରସାଦ ଲେଙ୍କାଙ୍କ ନୃତ୍ୟ ପ୍ରଦର୍ଶନ ଉପସ୍ଥିତ ଦର୍ଶକ ମାନଙ୍କ ମନ ଜିଣିଥିଲେ ।

# ପୌରାଞ୍ଚଳରେ ଅଳିଆ ଗଦା ସଫା ନେଇ ଉପ-ନଗରପାଳଙ୍କ ଗୁରୁତ୍ୱ



ନିମାପଡ଼ା,(ନି.ପ୍ର.): ନିମାପଡ଼ା ପୌରାଞ୍ଚଳର ବିଭିନ୍ନ ସ୍ଥାନରେ କୁଢ଼ କୁଢ଼ ଅଳିଆ ଗଦା ହୋଇ ରହୁଥିବା ବେଳେ ବିଳମ୍ବିତ ଦିନ ପର୍ଯ୍ୟନ୍ତ ତାହା ରାସ୍ତାରେ ପଡ଼ି ରହୁଥିବା ଦେଖିବାକୁ ମିଳୁଛି । ଏବେ ଉତ୍କର୍ଷ ନିମାପଡ଼ା ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ପୌରାଞ୍ଚଳର ଗଣେଶ ବଜାର, ମାଛ ମାର୍କେଟ, ଦୋଳବେଦୀ ଛକ, ନିମାପଡ଼ା ମୁଖ୍ୟ ବଜାର, ଜୟଗୁରୁ ଆଶ୍ରମ ନିକଟ, ଓମ୍ଫେଡ୍ ଛକ ନିକଟସ୍ଥ, ତଳଅଣିଆ ଛକ ନିକଟସ୍ଥ ଡ଼ିଭାଇଡ଼ର ପାର୍ଶ୍ୱରେ ଅଳିଆ ଗଦା ଜମି ରହୁଥିବା ଲକ୍ଷ୍ୟ କରାଯାଇଛି । ଏ ସଂକ୍ରାନ୍ତରେ ଉପ-ନଗରପାଳ ସନ୍ତୋଷ ଦାଶ ବିଭିନ୍ନ ୱାର୍ଡ଼ ବୁଲି ଅଞ୍ଚଳ ସଫା ରଖିବା ଦିଗରେ କର୍ମଚାରୀ ମାନଙ୍କୁ ତାଗିଦ୍ କରିଥିଲେ।

ତିଥି :(ତୃତୀୟା): (ପୂର୍ବାଷାଢ଼ା ଧନୁ)
ଅମୃତ ବେଳା: ଦିବା ଘ ୭।୩୪ ଗତେ ଘ ୧୦।୪୬ ମଧ୍ୟେ

## ଆଜିର ଅନୁଚିନ୍ତନ

ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରହିତ ହୋଇ ଶ୍ରଦ୍ଧାପୂର୍ବକ ସର୍ବଦା ମୋର ଏହି ମତ ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।।- ଶ୍ରୀମଦ୍ ଭଗବଦ୍ ଗୀତା

# ଥାର୍ଡଡିଗ୍ରୀ ପରିଣତି !

ପାଞ୍ଚ ଦିନ ଧରି ଥାର୍ଡଡିଗ୍ରୀ ଦିଆଗଲେ ଯେକେହି ଗୁରୁତର ହେବ। ଏବଂ ଚିକିତ୍ସା ପାଇଁ ନିଆଗଲେ ବଞ୍ଚିବା ଆଶା କମିବ, ମୃତ୍ୟୁ ଆଶଙ୍କା ବଢ଼ିବ। ଗଞ୍ଜାମ ଜିଲ୍ଲାରେ ଏକ ଥାନାରେ ହାଜତ ମୃତ୍ୟୁ ଅଭିଯୋଗ ଘଟିଛି, ଏଥିରେ ପ୍ରାଣ ହରାଇଛନ୍ତି ୩୨ ବର୍ଷୀୟ ଜଣେ ଦିବ୍ୟାଙ୍ଗ। ଯେ କି ବୃତ୍ତିରେ ଥିଲେ ଜଣେ ଦିନ ମଜୁରିଆ। ଗ୍ରାମ ପାହାଡ଼ରୁ ଚୋରା ପଥର ଚାଲାଣ ନେଇ ପୋଲିସ ଚଢାଉବେଳେ ଏହି ଦିନମଜୁରିଆ ଜଣଙ୍କୁ ପୋଲିସ ଗିରଫ କରିଥିଲା। ପ୍ରଶ୍ନ ଉଠେ ଏହି ଦିନ ମଜୁରିଆ ଜଣଙ୍କ ପେସାଗତ ଅପରାଧୀ ଥିଲେ କି ? ଯଦି ଥାଆନ୍ତେ ଢେର୍ ଦିନରୁ ଚର୍ଚ୍ଚିତ ହୋଇଥାଆନ୍ତେ। ଏବଂ ସେ ସଂକ୍ରାନ୍ତରେ ପୋଲିସ ଏନ୍କାଉଣ୍ଟର ଖବର ଏତେବେଳକୁ ଆସିସାରନ୍ତାଣି। ଯେତେଦୂର ସମ୍ଭବ ତାହା ସେ ନଥିଲେ। ମୃତକଙ୍କ ପତ୍ନୀଙ୍କ ଅଭିଯୋଗର ସାରାଂଶ, ପୋଲିସ ତାଙ୍କ ସ୍ୱାମୀଙ୍କୁ ନିର୍ଦ୍ଦୟ ଭାବରେ ପିଟୁଥିଲା, ତାଙ୍କ ଦେହ ସାରା ଆଘାତ ଚିହ୍ନ ଥିଲା। ଏପରି କି ତାଙ୍କ ଉପରକୁ ଗରମ ପାଣି ଢଳାଯାଇଥିଲା। ବାସ୍ତବର ମୃତକ ଜଣଙ୍କ ଚୋରା ପଥର କାରବାରରେ ସଂପୃକ୍ତ ଥିଲେ କି ନାହିଁ, ତାଙ୍କ ମୃତ୍ୟୁ ହାଜତ ନିର୍ଯାତନା ଯୋଗୁଁ ହୋଇଛି କି ନାହିଁ, ଏ ଦୁଇ ଦିଗ ନେଇ ଯେବେ ତଦନ୍ତ ରିପୋର୍ଟ ଆସିବ ସତ୍ୟାସତ୍ୟ ଜଣାପଡ଼ିବ। ଯାହା ସବୁ ଏବେ କୁହାଯିବ ତଥାକଥିତ ଅଭିଯୋଗ। ଅଭିଯୋଗ ଓ ସତ୍ୟତା ଦୁଇ ଭିନ୍ନ ଦିଗ। ଯାହାର ପର୍ଦ୍ଦାଫାସ ହୋଇପାରିବ ଉପଯୁକ୍ତ ତଦନ୍ତ ଦ୍ୱାରା। ତେବେ ସାଧାରଣଙ୍କ ଦୃଷ୍ଟିରେ ଉକ୍ତ ହାଜତ ମୃତ୍ୟୁ ପୋଲିସ ଦ୍ୱାରା ହୋଇଛି କି ନାହିଁ, ତାହା ଅନୁମାନ କରିହେଉଛି। କେବେ ତଦନ୍ତ ସରିବ ସେ ସଂପର୍କରେ କାହାରି ନିକଟରେ ତଥ୍ୟ ନାହିଁ। ସମୟ କ୍ରମେ ଲୋକେ ପୁଣି ପାସୋରିବେ। ପୋଲିସ ବିଭାଗ ଉଚ୍ଚକର୍ତ୍ତୃପକ୍ଷ ଯେଉଁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ସେଥିରେ ତାହାଙ୍କୁ ନିଲମ୍ବିତ କରାଯାଇଛି ତ କାହାକୁ ବଦଳି କରାଯାଇଛି। ପୁଣି କାହାକୁ ବହିଷ୍କାର କରାଯାଇଛି। ଏହି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନର ତରିକା ନିରପେକ୍ଷ ବୋଲି ମନେ ହୁଏନାହିଁ।

ହାଜତ ମୃତ୍ୟୁ ଅତ୍ୟନ୍ତ ସମ୍ବେଦନଶୀଳ ପ୍ରସଙ୍ଗ। ଏପରି ମୃତ୍ୟୁ ଯାହାଙ୍କ କ୍ଷେତ୍ରରେ ଘଟିଥାଏ, ସଂପୃକ୍ତ ପରିବାର ଲୋକଙ୍କ ମାନସିକତା କିଭଳି ଥାଏ, ସେ ସଂପର୍କରେ ଚର୍ଚ୍ଚା କମ୍ ହୁଏ। ଏବଂ ଏପରି ଘଟଣା ପରେ ସାଧାରଣରେ ପୋଲିସ ପ୍ରତି କିପରି ମନୋଭାବ ଉଦ୍ରେକ ହୁଏ ? ପୋଲିସ ସହ ସଂପର୍କରେ ନିକଟତା କି ଦୂରତ୍ୱ ? ଯାହା ମନେହୁଏ ମାନବୀୟ ସମ୍ବେଦନା ସଂପୂର୍ଣ୍ଣ ଲୋପ ପାଇବା ସ୍ଥଳରେ ହିଁ ଘଟିଥାଏ ହାଜତ ମୃତ୍ୟୁ। ଯେଉଁଠି ସମସ୍ତ ନୈତିକତା ତଥା କର୍ତ୍ତବ୍ୟପରାୟଣତାକୁ ଜଳାଞ୍ଜଳି ଦିଆଯାଇଥାଏ।

ଏକ ହାଜତ ମୃତ୍ୟୁ ଅଭିଯୋଗ ଓ ଅଦାଲତଙ୍କ ରାୟ ସଂପର୍କରେ ଏଠାରେ ସାମାନ୍ୟ ଆଲୋକପାତ କରାଯାଇଥାଏ। ୨୦୨୦ ଜୁନ୍‌ରେ କୋଭିଡ -୧୯ ଲକ୍‌ଡାଉନ ନିୟମ ଉଲ୍ଲଂଘନ କରି ଦୋକାନ ଖୋଲିବା ଅଭିଯୋଗରେ ପୋଲିସ ୫୯ବର୍ଷୀୟ ଜୟରାଜ ଓ ୩୧ ବର୍ଷୀୟ ତାଙ୍କ ପୁଅ ବେନିକ୍ସଙ୍କୁ ଗିରଫ ପୂର୍ବକ ଥାନାରେ ଉଭୟଙ୍କୁ ଅମାନୁଷିକ ନିର୍ଯାତନା ଦେଇଥିଲା। ପରିଣତିରେ ଡାକ୍ତରଖାନାରେ ବେନିକ୍ସଙ୍କ ମୃତ୍ୟୁ ଜୁନ୍ ୨୨ ଓ ଜୟରାଜଙ୍କ ମୃତ୍ୟୁ ୨୩ ତାରିଖରେ ହୋଇଥିଲା। ପରବର୍ତ୍ତୀ ସମୟରେ ସିବିଆଇ ତାହାର ଚାର୍ଜସିଟ୍‌ରେ ଦର୍ଶାଇଥିଲା ବାପ-ପୁଅ କୌଣସି କୋଭିଡ-୧୯ ଉଲ୍ଲଂଘନ କରିନଥିଲେ, ବରଂ ପୋଲିସ ସେମାନଙ୍କ ନାମରେ ମିଥ୍ୟା ମାମଲା ରୁଜୁ କରିଥିଲା। ଏ ଘଟଣା ତାମିଲନାଡୁ ଥୁତୁକୋଡି ଜିଲ୍ଲା ସାଥାନକୁଲମ୍ ଥାନାର। ପରିଶେଷରେ ସ୍ଥାନୀୟ ଅଦାଲତ ଦୋଷୀ ୯ ପୋଲିସ କର୍ମଚାରୀଙ୍କୁ ମୃତ୍ୟୁଦଣ୍ଡାଦେଶ ଦେଇଥିଲେ।

ସୁତରାଂ କେବଳ ଗଞ୍ଜାମ ଜିଲ୍ଲାର ଉକ୍ତ ଥାନା ନୁହେଁ, ଅଧିକନ୍ତୁ ବାରଙ୍ଗ ଥାନା ଓ କେନ୍ଦ୍ରାପଡ଼ା ତାଳଚୁଆ ସାମୁଦ୍ରିକ ଥାନା, ନବରଙ୍ଗପୁର ଡାବୁଗାଁ ଥାନା ହାଜତ ନିର୍ଯାତନା ନେଇ ସଚେତନ ନାଗରିକ ମହଲ ଉଦ୍‌ବିଗ୍ନ। ଏସବୁଗୁଡ଼ିକର ସମ୍ବେଦନତା ଦୃଷ୍ଟିରୁ ସିବିଆଇ ତଦନ୍ତର ଆବଶ୍ୟକତା ଥିବା ମନେହୁଏ। ରାଜ୍ୟ ସରକାର ଏଥିପ୍ରତି ଯତ୍ନବାନ ହେବେ ବୋଲି ଆଶା।

# ପୋଲିସର ଥାର୍ଡଡିଗ୍ରୀ

**ବଟକୃଷ୍ଣ ତ୍ରିପାଠୀ**

> **ପୋଲିସ ଜନସାଧାରଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। କେବଳ ଯେ ସୁରକ୍ଷା ଏକଥା ନୁହଁ, ସାଧାରଣ ଭାବରେ, ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ମଧ୍ୟ ପୋଲିସର ଦାୟିତ୍ୱ। ବିଗତ କିଛିଦିନ ହେଲା, ଦେଖାଯାଉଛି ଯେ ପୋଲିସ ବହୁ ସ୍ଥାନରେ ମାତ୍ରାଧିକ କାର୍ଯ୍ୟ କରି ଚର୍ଚ୍ଚାକୁ ଆସିଛି। ଏହାଦ୍ୱାରା ପୋଲିସ ଜନସାଧାରଣଙ୍କ ନିକଟରେ ନିଜର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବ ସଂଗେ ଲୋକ ଲୋଚନରେ ନିନ୍ଦନୀୟ ହେଉଛି। ଯେଉଁ ବିଭାଗ ଜନତାଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ସେ ବିଭାଗ ବା ବିଭାଗୀୟ ଅଧିକାରୀ ଯଦି ଜନତାଙ୍କ ଠାରୁ ଦୂରେଇ ଯାଆନ୍ତି ବା ଜନତାଙ୍କ ସହଯୋଗ ନପାଆନ୍ତି, ସେ ବିଭାଗ ବା ଅଧିକାରୀ ଜନତାଙ୍କ କାର୍ଯ୍ୟ ସୁଚାରୁ ଭାବେ କିପରି କରିବେ ? ପୋଲିସ ଜନସାଧାରଣଙ୍କ ସହ କି ପ୍ରକାର ବ୍ୟବହାର କରିବ। ଜଣେ ସାଧାରଣ ଲୋକ, ପୋଲିସ ଷ୍ଟେସନକୁ ସାହାଯ୍ୟ ପାଇଁ ଗଲେ ତାଙ୍କ ସହିତ ପୋଲିସ କିପରି ବ୍ୟବହାର କରିବ, ତାହା ପୋଲିସ କର୍ମଚାରୀମାନଙ୍କୁ ଟ୍ରେନିଂ ଦିଆଯାଇଛି ଏବଂ ବିଭିନ୍ନ ସମୟରେ ମଧ୍ୟ କୁହାଯାଇଛି।**

ନିକଟରେ ରାଜ୍ୟର କେତେକ ଥାନାରେ ଥାର୍ଡଡିଗ୍ରୀକୁ ନେଇ ଓଡ଼ିଶା ପୋଲିସ ବିବାଦରେ ଛନ୍ଦି ହୋଇପଡ଼ିଛି। ଗଞ୍ଜାମର କବିସୂର୍ଯ୍ୟନଗର ଥାନାରେ ଜଣେ ଦିବ୍ୟାଙ୍ଗ ଯୁବକକୁ ପୋଲିସ ପାଞ୍ଚଦିନରୁ ଅଧିକ ସମୟ ଥାନାରେ ଅଟକ ରଖି ମାରଧର କରିବା ଯୋଗୁଁ କୁହାଯାଉଛି ଉକ୍ତ ଯୁବକ ମରଣାନ୍ତକ ଭାବେ ଆହତ ହୋଇଥିଲେ। ସ୍ଥାନୀୟ ପୋଲିସ ଯୁବକଙ୍କୁ ଉକ୍ତ ଅବସ୍ଥାରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରିବାରେ ଆହତ ଯୁବକ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ପରିବାର ଲୋକେ ପୋଲିସ ଦ୍ୱାରା ନିର୍ଯାତିତ ହୋଇ ମୃତ୍ୟୁବରଣ କରିବା ଅଭିଯୋଗ ଆଣିଛନ୍ତି। ଏହାପୂର୍ବରୁ ବାରଙ୍ଗ ଥାନାରେ ମଧ୍ୟ ଏ ପ୍ରକାର ଘଟଣା ଘଟିଥିଲା। କବିସୂର୍ଯ୍ୟନଗର ମାମଲାରେ ସ୍ଥାନୀୟ ପୋଲିସ ରାଜ୍ୟ ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ଏକ ମାମଲା ରୁଜୁ କରି ତଦନ୍ତ କରୁଛି। ଥାନାରେ ଟ୍ରେନିଂ ନେଉଥିବା ପ୍ରୋବେସନାରୀ ଆଇପିଏସ୍ ଅଫିସରଙ୍କ ସହ ଷ୍ଟାଫ୍‌ମାନଙ୍କୁ ଏହି ମାମଲାରେ ବଦଳି କରାଯାଇଛି। ଅନ୍ୟ ମାମଲାରେ ମଧ୍ୟ ତଦନ୍ତ ଜାରିରହିଛି।

ପ୍ରଶ୍ନ ଉଠୁଛି 'ଥାର୍ଡ ଡିଗ୍ରୀ' କ'ଣ ପାଇଁ ? ଥାର୍ଡଡିଗ୍ରୀ ଅର୍ଥ ହେଲା, ପୋଲିସ କୌଣସି ବ୍ୟକ୍ତିଙ୍କୁ ସନ୍ଦେହରେ ହେଉ କି କୌଣସି ମାମଲାରେ ହେଉ, ଧରି ପୋଲିସ ଷ୍ଟେସନକୁ, ଘଟଣା ସଂପର୍କରେ ଅଧିକ ପଚରାଉଚରା ପାଇଁ ଆଣିଥିବାବେଳେ, ଥାନା ଭିତରେ ରଖି, ସେହି ବ୍ୟକ୍ତିଙ୍କୁ ମାଡ଼ ମାରିବା, ଅନ୍ୟାନ୍ୟ ଉପାୟରେ ଅତ୍ୟାଚାର କରିବା। ନିୟମ କହେ, ପୋଲିସ ଅଧିକାରୀ କୌଣସି ମାମଲା ହେଉ କି ସନ୍ଦେହରେ ହେଉ, ଯାହାକୁ ପୋଲିସ ଷ୍ଟେସନକୁ ଆଣିବେ। ସେହି ବ୍ୟକ୍ତିଙ୍କ ସଂପର୍କରେ ଏବଂ କେଉଁ କାରଣ ପାଇଁ ତାଙ୍କୁ ପୋଲିସ ଷ୍ଟେସନକୁ ଅଣାଯାଇଛି। ସେ ସଂପର୍କରେ ପୋଲିସ ଷ୍ଟେସନରେ ଥିବା 'ଷ୍ଟେସନଡାଏରୀ'ରେ ଉଲ୍ଲେଖ କରିବେ। କେଉଁ ସମୟରେ ସେ ବ୍ୟକ୍ତିଙ୍କୁ ପୋଲିସ ଷ୍ଟେସନକୁ ଅଣାଯାଇଥିଲା, ସେ ସମୟ ଉଲ୍ଲେଖ କରିବେ। କାରଣ, ପୋଲିସ କୌଣସି ବ୍ୟକ୍ତିଙ୍କୁ ପୋଲିସ ଷ୍ଟେସନରେ ୨୪ ଘଣ୍ଟାରୁ ଅଧିକ ସମୟ ରଖି ପାରିବେନାହିଁ। ଯଦି ତଦନ୍ତ ଦୃଷ୍ଟିରୁ ସେହି ବ୍ୟକ୍ତିଙ୍କୁ ଅଧିକ ସମୟ ପୋଲିସ ଷ୍ଟେସନରେ ରଖିବା ଦରକାର ହୁଏ। ତେବେ ପୋଲିସ ଅଧିକାରୀ ସ୍ଥାନୀୟ ମାଜିଷ୍ଟ୍ରେଟକୁ ଅନୁରୋଧ କରି ଅଧିକ ସମୟ ତଦନ୍ତ ପାଇଁ ମାଗିପାରିବେ।

କିନ୍ତୁ ଦେଖାଯାଉଛି ଯେ, କେତେକ ପୋଲିସ ଅଫିସର ତଦନ୍ତ କରିବା ସମୟରେ ସନ୍ଦିଗ୍ଧ/ଅଭିଯୁକ୍ତଙ୍କୁ ମାଡ଼ ମାରି କଥା ଆଦାୟ କରିବାକୁ ସୁବିଧା ଉପାୟ ବୋଲି ଧରିନେଇଛନ୍ତି। ଏହା ସତ୍ୟ ଯେ ଜଣେ ଦୁର୍ଦ୍ଦାନ୍ତ ଅପରାଧୀ ଧରାପଡି ଥାନାକୁ ଆସିଥିଲେ ମଧ୍ୟ ସେ, ସାଧାରଣରେ ପୋଲିସ ଆଗରେ ହଠାତ୍ ସତ କହିନଥାଏ।

ମୁଖ୍ୟତଃ ଚୋରି, ଡକାୟତି ଇତ୍ୟାଦି ମାମଲାରେ ପୋଲିସ ଷ୍ଟେସନକୁ ଆସିଥିବା ବ୍ୟକ୍ତି ସତ ନ କହିଲେ ବି ତାକୁ ମରାମରି କରିବା କିମ୍ବା ଅତ୍ୟାଚାର କରି ସତ ବାହାର କରିବା ନିୟମ ବିରୋଧୀ। ଯେଉଁ ଅଫିସର ସାଧାରଣ ନିୟମକୁ ନ ମାନିବେ ସେମାନଙ୍କ ବିରୋଧରେ ଉପରିସ୍ଥ ଅଧିକାରୀ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ଅଛି।

ପୋଲିସ ଜନସାଧାରଣଙ୍କ ସୁରକ୍ଷା ପାଇଁ ଉଦ୍ଦିଷ୍ଟ। କେବଳ ଯେ ସୁରକ୍ଷା ଏକଥା ନୁହଁ, ସାଧାରଣ ଭାବରେ, ସମାଜରେ ଶାନ୍ତିଶୃଙ୍ଖଳା ରକ୍ଷା କରିବା ମଧ୍ୟ ପୋଲିସର ଦାୟିତ୍ୱ। ବିଗତ କିଛିଦିନ ହେଲା, ଦେଖାଯାଉଛି ଯେ ପୋଲିସ ବହୁ ସ୍ଥାନରେ ମାତ୍ରାଧିକ କାର୍ଯ୍ୟ କରି ଚର୍ଚ୍ଚାକୁ ଆସିଛି। ଏହାଦ୍ୱାରା ପୋଲିସ ଜନସାଧାରଣଙ୍କ ନିକଟରେ ନିଜର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବା ସଂଗେ ଲୋକଲୋଚନରେ ନିନ୍ଦନୀୟ ହେଉଛି। ଯେଉଁ ବିଭାଗ ଜନତାଙ୍କୁ ସୁରକ୍ଷା ଦେବା ପାଇଁ ଉଦ୍ଦିଷ୍ଟ ସେ ବିଭାଗ ବା ବିଭାଗୀୟ ଅଧିକାରୀ ଯଦି ଜନତାଙ୍କ ଠାରୁ ଦୂରେଇ ଯାଆନ୍ତି ବା ଜନତାଙ୍କ ସହଯୋଗ ନ ପାଆନ୍ତି, ସେ ବିଭାଗ ବା ଅଧିକାରୀ ଜନତାଙ୍କ କାର୍ଯ୍ୟ ସୁଚାରୁ ଭାବେ କିପରି କରିବେ ? ପୋଲିସ ଜନସାଧାରଣଙ୍କ ସହ କି ପ୍ରକାର ବ୍ୟବହାର କରିବ। ଜଣେ ସାଧାରଣ ଲୋକ, ପୋଲିସ ଷ୍ଟେସନକୁ ସାହାଯ୍ୟ ପାଇଁ ଗଲେ ତାଙ୍କ ସହିତ ପୋଲିସ କିପରି ବ୍ୟବହାର କରିବ, ତାହା ପୋଲିସ କର୍ମଚାରୀମାନଙ୍କୁ ଟ୍ରେନିଂ ଦିଆଯାଇଛି ଏବଂ ବିଭିନ୍ନ ସମୟରେ ମଧ୍ୟ କୁହାଯାଇଛି। ବର୍ତ୍ତମାନ ସମୟରେ ସବୁଠାରୁ ବଡ଼ ପ୍ରଶ୍ନ ହେଲା, ଉପରିସ୍ଥ ଅଧିକାରୀମାନଙ୍କ ପ୍ରପର ସୁପରଭିଜନ। ତଳସ୍ତରରେ (ଥାନା ଲେଭଲରେ) ପୋଲିସ କି ପ୍ରକାରେ କାର୍ଯ୍ୟ କରୁଛି, ତାର ପ୍ରପର ସୁପରଭିଜନ ଏବଂ ଅଫିସରମାନଙ୍କୁ ଉପଯୁକ୍ତ ଗାଇଡ୍ୟାନ୍ସ। ବର୍ତ୍ତମାନ ଯେଉଁ କେତେକ ପୋଲିସ ଷ୍ଟେସନରେ ମାତ୍ରାଧିକ କାର୍ଯ୍ୟ ଘଟିଛି, ପୋଲିସ ଡିଜି ଏକ କମିଟି ଗଠନ କରି ଯେଉଁସବୁ ଥାନାରେ ଏପରି ଘଟଣା ଘଟିଛି, ତାର ଟିକ୍‌ନିଖ୍ ଅନୁସନ୍ଧାନ କରି ଦୋଷୀ ଅଧିକାରୀମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସଂଗେ ଆଗାମୀ ଦିନରେ ଏ ପ୍ରକାର ଘଟଣାର ଯେପରି ପୁନରାବୃତ୍ତି ନ ହୁଏ, ସେଥିଲାଗି ଦୃଷ୍ଟି ଦିଅନ୍ତୁ।

ପୋଲିସର କାର୍ଯ୍ୟ ସଫଳ ହୁଏ, କେବଳ ଜନସାଧାରଣଙ୍କ ସହଯୋଗରେ ପୋଲିସ ବିରୋଧରେ ପ୍ରଚାର ପ୍ରସାର ହେଲେ, ତାହା ସାଧାରଣ ଲୋକଙ୍କୁ ପ୍ରଭାବିତ କରେ। ଏଥିଲାଗି ଉପରିସ୍ଥ ଅଧିକାରୀମାନେ ଅଧିକ ସତର୍କ ରହିବା ଦରକାର।

**ଭୁବନେଶ୍ୱର**



# ସୋଲୋ ଡେଟିଂ

**ଡାକ୍ତର ସମ୍ରାଟ କର**

ଏବେ ସମସ୍ତଙ୍କର ହାତରେ ମୋବାଇଲ ଫୋନ। ସେଥିପାଇଁ ସବୁ ଜିନିଷ ଭାଇରାଲ ହେବାକୁ ବିଳମ୍ବ ହେଉନାହିଁ। ରିଲ୍ସ ଯୋଗୁଁ ଗୀତ, ନାଚ ହେଉ କିମ୍ବା ସଂଳାପ ଜଲଦି ଟ୍ରେଣ୍ଡ କରୁଛି। ଏମିତି ଏକ ଟ୍ରେଣ୍ଡ ହେଉଛି ସୋଲୋ ଡେଟିଂ। ଏହାକୁ ମାଷ୍ଟର ଡେଟିଂ ମଧ୍ୟ କୁହାଯାଉଛି। ସୋସିଆଲ ମିଡ଼ିଆରେ ଯୁବଗୋଷ୍ଠୀ ଏଭଳି ଡେଟିଂର ଫଟୋ ଏବଂ ଭିଡ଼ିଓ ପୋଷ୍ଟ କରୁଛନ୍ତି। ତେବେ ସୋଲୋ ଡେଟିଂ କ'ଣ ଜାଣନ୍ତି ? ଏହାର ଅର୍ଥ ହେଉଛି ନିଜକୁ ଡେଟ କରିବା। ରିଲେସନସିପ ଏକ୍ସପର୍ଟଙ୍କ ମତରେ ସୋଲୋ ଡେଟିଂରମାନେ ଅନ୍ୟ କାହା ସହିତ ସମ୍ପର୍କରେ ଆସିବା ପୂର୍ବରୁ ପ୍ରଥମେ ନିଜକୁ ପ୍ରେମଯୋଗ୍ୟ କରିବା ପାଇଁ ନିଜକୁ ଉପହାର ଦେବା, ଟ୍ରିଟ ଦେବା ଏବଂ ନିଜକୁ ଖୁସି କରିବା ପାଇଁ ଏକୁଟିଆ ବୁଲାବୁଲି କରିବା ଆଦି ସାମିଲ। ସରଳ ଶବ୍ଦରେ ବୁଝିବାକୁ ଗଲେ ସୋଲୋ ଡେଟିଂରେ ଆପଣ ନିଜକୁ ଡେଟକୁ ନେଇଯାଇଥାନ୍ତି। ଏଥିରେ ସାଙ୍ଗସାଥୀ ଏବଂ ପାର୍ଟନର ଆବଶ୍ୟକ ନଥାଏ। ଆପଣ ଏକାକୀ ନିଜ ସହିତ ଖୁସି ରହିଥାନ୍ତି।

୧୩ ବର୍ଷ ପୂର୍ବେ ଅର୍ବାନ ଡିକ୍ସନାରୀରେ ମାଷ୍ଟରଡେ଼ଟିଂ ଶବ୍ଦକୁ ଭଲ ଭାବେ



ବ୍ୟାଖ୍ୟା କରାଯାଇଥିଲା। ସେହି ଡିକ୍ସନାରୀ ଅନୁସାରେ, ଯେତେବେଳେ ଜଣେ ବ୍ୟକ୍ତି କୌଣସି ଫିଲ୍ମ ଦେଖିବାକୁ ସିନେମା ହଲ ଏକୁଟିଆ ଯାଇଥାନ୍ତି, ତାହାକୁ କୁହାଯାଇଥାଏ ମାଷ୍ଟର ଡେଟିଂ। ଏଥିରେ ବିଭିନ୍ନ ପ୍ରକାର ଗତିବିଧି ସାମିଲ ଥାଏ ଯେମିତି ଏକୁଟିଆ ମୁଭି ଦେଖିବା, ଫାଷ୍ଟଫୁଡ ଖାଇବା କିମ୍ବା କଫି ପିଇବା। ପ୍ରାୟତଃ ଏସବୁ ଗତିବିଧିରେ ଲୋକମାନେ ସାଙ୍ଗ ସାଥୀ କିମ୍ବା କପଲ୍ସ ଯାଇଥାନ୍ତି। କିନ୍ତୁ ମାଷ୍ଟର ଡେଟିଂରେ ଜଣେ ଏକାକୀ ଏସବୁ ସମୟ ଉପଭୋଗ କରିବାକୁ ଭଲ ପାଆନ୍ତି। ବିଶେଷଜ୍ଞଙ୍କ ଅନୁସାରେ ଲୋକମାନେ ଖୁସି ରହିବା ପାଇଁ ସପ୍ତାହରେ ଥରେ ମାଷ୍ଟର ଡେଟିଂ ନିହାତି କରିବା ଦରକାର। ଏଥିରେ କାହାର ସାଥୀ ଆବଶ୍ୟକ ନଥାଏ। ନିଜକୁ କୌଣସି ଉପହାର ଦେଇପାରିବେ କିମ୍ବା ଭଲ ରେଷ୍ଟୋରାଁ ଓ ହୋଟେଲ ଯାଇ ଖାଇପାରିବେ। ଏହାର ସକାରାତ୍ମକ ପ୍ରଭାବ ମାନସିକ ସ୍ୱାସ୍ଥ୍ୟ ଉପରେ ପଡ଼ିଥାଏ। ଏହାକୁ ନେଇ ସେମିତି ଭୟଭୀତ ବା ଆତଙ୍କିତ ହେବାର କୌଣସି କାରଣ ନାହିଁ। ସବୁବେଳେ ନିଜକୁ ଫ୍ରେସ ରଖନ୍ତୁ କେବଳ ସକାରାତ୍ମକ ନୁହେଁ ଅନ୍ୟମାନଙ୍କ ପାଇଁ ସାହାଯ୍ୟଶୀଳ ହୁଅନ୍ତୁ। ଯଥା ସମ୍ଭବ ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ । କିନ୍ତୁ ସାଙ୍ଗ ଦୋସ୍ତିଙ୍କ ସହ କିଛି ସମୟ କାଟନ୍ତୁ। ସୁଷମଖାଦ୍ୟ ସବୁଠାରୁ ଭଲ, ଯୋଗ ପ୍ରାଣାୟାମ ମଧ୍ୟ ଖୁବ ଭଲ ଅଭ୍ୟାସ। ତେଣୁ କହିବାକୁ ଗଲେ ସୋଲୋ ଡେଟିଂକୁ ଆନନ୍ଦମୟ କରିବା ପାଇଁ ଏହାକୁ ସକାରାତ୍ମକ ଦିଗରେଁ ବ୍ୟବହାର କରନ୍ତୁ।

କଟକ, ମୋ : ୯୧୩୨୪୩୩୩୩୩

# ଶିଷ୍ଟାଚାର ହେଉଛି ପାରିବାରିକ ଆଦର୍ଶ

**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

> **ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ।**

ଶିଷ୍ଟାଚାର ହେଉଛି ପରିବାରର ନିୟମ ଯାହା ବ୍ୟକ୍ତିର ଚରିତ୍ର, ଆଚରଣ ଏବଂ ବ୍ୟକ୍ତିତ୍ୱକୁ ଗଢ଼ି ତୋଳିଥାଏ। ପରିବାର ହେଉଛି ଜଣେ ବ୍ୟକ୍ତିଙ୍କର ପ୍ରଥମ ଶିକ୍ଷାନୁଷ୍ଠାନ। ଏଠାରେ ହିଁ ଜଣେ ଭଲ ଏବଂ ମନ୍ଦ, ନୈତିକତା, କର୍ତ୍ତବ୍ୟ ଏବଂ ଅଧିକାର ଏବଂ ସାମାଜିକ ମୂଲ୍ୟବୋଧ ବିଷୟରେ ଶିଖେ। ଶିଷ୍ଟାଚାର ହେଉଛି ଏକ ସୁନ୍ଦର, ସଂଗଠିତ ଏବଂ ଭଲ ପରିବାରର ମୌଳିକ ଭିତ୍ତିଭୂମି। ଶିଷ୍ଟାଚାର ବିନା ଏକ ପରିବାରରେ ଶାନ୍ତି, ସମ୍ମାନ, ପ୍ରେମ ଏବଂ ସହଯୋଗର ପରିବେଶ ସୃଷ୍ଟି ହୋଇପାରିବ ନାହିଁ। ଶିଷ୍ଟାଚାର କେବଳ ବାହ୍ୟ ଆଚରଣ ନୁହେଁ, ଏହା ଜଣେ ବ୍ୟକ୍ତିଙ୍କ ଆଭ୍ୟନ୍ତରୀଣ ସଂସ୍କୃତି, ଶିଷ୍ଟାଚାର, ଦୟା ଏବଂ ମାନବିକତାର ପ୍ରକାଶ। ଯଦି ପରିବାରର ପ୍ରତ୍ୟେକ ସଦସ୍ୟ ଶିଷ୍ଟାଚାର ପାଳନ କରନ୍ତି ତେବେ ସେହି ପରିବାର ଏକ ଆଦର୍ଶ ପରିବାର ହୋଇଯାଏ। ଶିଷ୍ଟାଚାର ଶବ୍ଦଟି 'ଶିଷ୍ଟ' ଏବଂ 'ଆଚାର' ଦୁଇଟି ଶବ୍ଦରୁ ଉତ୍ପନ୍ନ ହୋଇଛି। ଶିଷ୍ଟ ଅର୍ଥ ହେଉଛି ଏକ ନମ୍ର, ସଭ୍ୟ ଏବଂ ସଂସ୍କୃତିସମ୍ପନ୍ନ ବ୍ୟକ୍ତି ଏବଂ ଆଚାର ଅର୍ଥ ହେଉଛି ଆଚରଣ। ତେଣୁ ଶିଷ୍ଟାଚାର ଅର୍ଥ ହେଉଛି ନମ୍ର ଏବଂ ସୌଜନ୍ୟପୂର୍ଣ୍ଣ ଆଚରଣ। ଶିଷ୍ଟାଚାରରେ ବଡ଼ମାନଙ୍କୁ ସମ୍ମାନ କରିବା, ସାନମାନଙ୍କୁ ପ୍ରେମ କରିବା, ଦୟାପୂର୍ଣ୍ଣ କଥା କହିବା, ଅନ୍ୟମାନଙ୍କ ଭାବନାକୁ ସମ୍ମାନ କରିବା, ସହଯୋଗ କରିବା ଏବଂ ନିଜ କର୍ତ୍ତବ୍ୟ ପାଳନ କରିବା ଅନ୍ତର୍ଭୁକ୍ତ। ଶିଷ୍ଟାଚାର ଜଣେ ବ୍ୟକ୍ତିକୁ ମହାନ କରିଥାଏ। ଧନ, ସମ୍ପତ୍ତି କିମ୍ବା ଉଚ୍ଚ ପଦବୀ ଦ୍ୱାରା ସମ୍ମାନ ଅର୍ଜନ ହୁଏ ନାହିଁ, ବରଂ ସେମାନଙ୍କର ଭଲ ଆଚରଣ ଏବଂ ଆଚରଣ ହିଁ ସେମାନଙ୍କୁ ସମାଜରେ ପ୍ରେମ ଏବଂ ସମ୍ମାନ କରିଥାଏ। ପରିବାର ହେଉଛି ସମାଜର ସବୁଠାରୁ ଛୋଟ ଏକକ। ପରିବାରରେ ପିଲା ଜୀବନର ପ୍ରଥମ ଶିକ୍ଷା ଶିଖେ। ପିତାମାତା, ଜେଜେବାପା, ଭାଇଭଉଣୀ ଏବଂ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ଆଚରଣ ପିଲା ଉପରେ ଗଭୀର ପ୍ରଭାବ ପକାଇଥାଏ। ଯେଉଁ ପରିବାରରେ ଶିଷ୍ଟାଚାର ପ୍ରଚଳିତ ହୁଏ, ସମସ୍ତେ ପରସ୍ପରକୁ ସମ୍ମାନ କରନ୍ତି, ଭଲ ପାଆନ୍ତି ଏବଂ ସହଯୋଗ କରନ୍ତି। ଏପରି ପରିବାର ସର୍ବଦା ଶାନ୍ତି ଏବଂ ସୁଖ ଅନୁଭବ କରେ।

ଶିଷ୍ଟାଚାର ଅଭାବ ଥିବା ପରିବାରଗୁଡ଼ିକ ଝଗଡା, ଅଶାନ୍ତି, ଅବିଶ୍ୱାସ ଏବଂ ଦ୍ୱନ୍ଦ୍ୱର ସମ୍ମୁଖୀନ ହୁଅନ୍ତି। ତେଣୁ ଏକ ସୁସ୍ଥ ପାରିବାରିକ ପରିବେଶ ପାଇଁ ଶିଷ୍ଟତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ବୟସ୍କମାନଙ୍କୁ ସମ୍ମାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଏ। ପିତାମାତା, ଶିକ୍ଷକ ଏବଂ ବୟସ୍କମାନଙ୍କୁ ସମ୍ମାନ କରିବା ଶିଷ୍ଟାଚାର ଏକ ପ୍ରମୁଖ ଲକ୍ଷଣ। ଯେତେବେଳେ ପରିବାରର ଛୋଟ ସଦସ୍ୟମାନେ ବୟସ୍କମାନଙ୍କୁ ସମ୍ମାନ କରନ୍ତି ସେତେବେଳେ ଭଲ ସମ୍ପର୍କ ଏବଂ ଶୃଙ୍ଖଳା ବଜାୟ ରଖାଯାଏ। ଭଦ୍ରତା କେବଳ ବୟସ୍କମାନଙ୍କୁ ସମ୍ମାନ କରିବା ପର୍ଯ୍ୟନ୍ତ ସୀମିତ ନୁହେଁ। ବୟସ୍କମାନେ ମଧ୍ୟ ଛୋଟମାନଙ୍କ ପ୍ରତି ସ୍ନେହ, ପ୍ରେମ ଏବଂ କରୁଣା ଦେଖାଇବା ଉଚିତ। ଏହା ପରିବାର ମଧ୍ୟରେ ପ୍ରେମ ଏବଂ ବିଶ୍ୱାସକୁ ବୃଦ୍ଧି କରେ। କୋମଳ ଶବ୍ଦ ଜଣେ ବ୍ୟକ୍ତିଙ୍କ ହୃଦୟକୁ ଜିତିପାରେ। ଭଦ୍ର ଭାଷା ଏବଂ ଆଚରଣ ପରିବାରରେ ଖୁସି ଏବଂ ଶାନ୍ତି ଆଣିଥାଏ। କଠୋର କଥା କିମ୍ବା ଅଭଦ୍ର ଆଚରଣ ଅଶାନ୍ତି ସୃଷ୍ଟି କରେ। ଏକ ଆଦର୍ଶ ପରିବାରର ଏକ ପ୍ରମୁଖ ଗୁଣ ହେଉଛି ପାରସ୍ପରିକ ସହଯୋଗ। ପ୍ରତ୍ୟେକ ଘରର କାମ, ସମସ୍ୟା କିମ୍ବା ଆବଶ୍ୟକତାରେ ପରସ୍ପରକୁ ସାହାଯ୍ୟ କରିବା ଉଚିତ। ଏହା ଶିଷ୍ଟାଚାରର ଏକ ଗୁରୁତ୍ୱପୂର୍ଣ୍ଣ ଦିଗ। ପରିବାରର ପ୍ରତ୍ୟେକ ସଦସ୍ୟଙ୍କର ଏକ କର୍ତ୍ତବ୍ୟ ଅଛି। ପିତାମାତା ସେମାନଙ୍କ ପିଲାମାନଙ୍କର ଯତ୍ନ ନିଅନ୍ତି ଏବଂ ପିଲାମାନେ ସେମାନଙ୍କ ପିତାମାତାଙ୍କ କଥା ମାନି ଚାଲନ୍ତି। ଯଦି ସମସ୍ତେ ସଚ୍ଚୋଟତାର ସହିତ ସେମାନଙ୍କର କର୍ତ୍ତବ୍ୟ ପାଳନ କରନ୍ତି ତେବେ ପରିବାର ଏକ ଉଦାହରଣ ସୃଷ୍ଟି କରିପାରିବ। ପିଲାମାନେ ପରିବାରର ଭବିଷ୍ୟତ। ସେମାନେ ଯାହା ଦେଖନ୍ତି ଏବଂ ଶିଖନ୍ତି ତାହା ନିଜ ଜୀବନରେ ପ୍ରୟୋଗ କରନ୍ତି। ଯଦି ପରିବାରରେ ଶିଷ୍ଟାଚାରର ପରିବେଶ ଥାଏ ତେବେ ପିଲାମାନେ ମଧ୍ୟ ଭଦ୍ର, ଶୃଙ୍ଖଳିତ ଏବଂ ଦାୟିତ୍ୱବାନ ହୋଇ ବଡ଼ ହୁଅନ୍ତି।



ଏହି ଯୁଗରେ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟାର ବିକାଶ ସହିତ ଲୋକଙ୍କ ଜୀବନଶୈଳୀରେ ଅନେକ ପରିବର୍ତ୍ତନ ଆସିଛି। ମିଳିତ ପରିବାରର ତଥା ଯୌଥ ପରିବାର ସ୍ଥାନରେ ଏକାକୀ ରହିବା ବର୍ତ୍ତମାନ ଆରମ୍ଭ ହୋଇଛି। ମୋବାଇଲ୍ ଫୋନ୍, ଇଣ୍ଟରନେଟ୍ ଏବଂ ସୋସିଆଲ ମିଡିଆର ଅତ୍ୟଧିକ ବ୍ୟବହାର ଯୋଗୁଁ ପରିବାରର ସଦସ୍ୟଙ୍କ ମଧ୍ୟରେ ସମୟ ଏବଂ ସମ୍ପର୍କ ହ୍ରାସ ପାଉଛି। କେତେକ ସମୟରେ ଛୋଟ ପିଲାମାନେ ସେମାନଙ୍କର ବଡ଼ମାନଙ୍କୁ ସମ୍ମାନ କରନ୍ତି ନାହିଁ ଏବଂ ବଡ଼ମାନେ ମଧ୍ୟ ଧୈର୍ଯ୍ୟ ହରାଇ ବସନ୍ତି। ଫଳସ୍ୱରୂପ ପରିବାରରେ ଶିଷ୍ଟାଚାର ଅବନତି ପାଇଥାଏ । ଏହା ଏକ ଚିନ୍ତାର ବିଷୟ। ପରିବାର ମଧ୍ୟରେ ଶିଷ୍ଟାଚାର ଶିକ୍ଷା ଆରମ୍ଭ ହେବା ଉଚିତ। ପିତାମାତାମାନେ ସେମାନଙ୍କ ପିଲାମାନଙ୍କୁ ନିଜ ଆଚରଣ ମାଧ୍ୟମରେ ଶିକ୍ଷା ଦେବା ଉଚିତ। ବିଦ୍ୟାଳୟରେ ନୈତିକ ଶିକ୍ଷା ଦିଆଯିବା ଉଚିତ। ଏହା ମାଧ୍ୟମରେ ପିଲାମାନେ ଭଲ ଆଚରଣର ମୂଲ୍ୟ ବୁଝିପାରିବେ। ଭାରତୀୟ ସଂସ୍କୃତି ଏବଂ ପରମ୍ପରା ହେଉଛି ଶିଷ୍ଟାଚାରର ମୂଳଦୁଆ। ଏହି ଆଲୋଚନା ମାଧ୍ୟମରେ ପରିବାରରେ ଭଲ ନୈତିକ ମୂଲ୍ୟବୋଧ ବିକଶିତ ହୋଇପାରିବ। ଶିଷ୍ଟାଚାର ପାଳନ ପାଇଁ ଆତ୍ମନିୟନ୍ତ୍ରଣ ଆବଶ୍ୟକ। କ୍ରୋଧ, ଅହଂକାର ଏବଂ ସ୍ୱାର୍ଥପରତା ପରିତ୍ୟାଗ କରିବା ଉଚିତ। ପରିବାରର ସଦସ୍ୟମାନେ ପରସ୍ପର ସହିତ ସମୟ ବିତାଇବା ଉଚିତ। ଏହା ସମ୍ପର୍କକୁ ମଜଭୁତ କରେ ଏବଂ ଶିଷ୍ଟାଚାର ବିକଶିତ କରେ। ଏକ ଆଦର୍ଶ ପରିବାରରୁ ଏକ ଆଦର୍ଶ ସମାଜ ନିର୍ମିତ ହୁଏ। ପରିବାରରେ ଶିଷ୍ଟାଚାର ଥିଲେ ସମାଜରେ ଶାନ୍ତି, ଶୃଙ୍ଖଳା ଏବଂ ସମନ୍ୱୟ ରହିବ। ଯେଉଁ ଦେଶରେ ପରିବାର ଶିଷ୍ଟାଚାରରେ ପରିପୂର୍ଣ୍ଣ ଥାଏ ସେ ଦେଶ ପ୍ରଗତି ଏବଂ ସମୃଦ୍ଧି ଆଡକୁ ଆଗେଇଥାଏ । ଶିଷ୍ଟାଚାର ଜଣେ ବ୍ୟକ୍ତିକୁ କେବଳ ଜଣେ ଭଲ ପରିବାର ସଦସ୍ୟ ନୁହେଁ ବରଂ ଜଣେ ଭଲ ନାଗରିକ ଏବଂ ଜଣେ ଭଲ ମଣିଷ ମଧ୍ୟ ଗଢି ତୋଳିବାରେ ସାହାଯ୍ୟ କରେ । ଏହା ସମାଜରେ ପ୍ରେମ, ଭାଇଚାରା ଏବଂ ସହଯୋଗକୁ ପ୍ରୋତ୍ସାହିତ କରିଥାଏ। ଶିଷ୍ଟାଚାର ହେଉଛି ପାରିବାରିକ ଜୀବନର ମୌଳିକ ମୂଳଦୁଆ। ଏହା ପରିବାରକୁ ସୁସଂଗଠିତ, ଖୁସି ଏବଂ ଆଦର୍ଶ କରିଥାଏ। ଶିଷ୍ଟାଚାର ପାରସ୍ପରିକ ସମ୍ମାନ, ସ୍ନେହ, ସହଯୋଗ ଏବଂ ଦାୟିତ୍ୱକୁ ପ୍ରୋତ୍ସାହିତ କରିଥାଏ। ଏହା କେବଳ ପରିବାରକୁ ନୁହେଁ ବରଂ ସମଗ୍ର ସମାଜ ଏବଂ ଦେଶକୁ ପ୍ରଗତି ପଥରେ ଆଗେଇ ନେଇଥାଏ। ତେଣୁ ପ୍ରତ୍ୟେକ ପରିବାରରେ ଶିଷ୍ଟାଚାର ବିଷୟରେ ଆଲୋଚନା ହେବା ଉଚିତ। ପିଲାମାନଙ୍କୁ ଛୋଟ ବୟସରୁ ହିଁ ସୌଜନ୍ୟ, ଆଚାର ଏବଂ ନୈତିକତା ଶିଖାଇବା ଉଚିତ। ଯେତେବେଳେ ପ୍ରତ୍ୟେକ ପରିବାର ଶିଷ୍ଟାଚାରକୁ ନିଜର ଆଦର୍ଶ ଭାବରେ ଗ୍ରହଣ କରିବ ସେତେବେଳେ ସେ ପରିବାରର ଭାବ ମାଧୁର୍ଯ୍ୟମୟ ହେବା ସହିତ ତାଙ୍କ ଦ୍ୱାରା ଏକ ସୁନ୍ଦର, ସୁସ୍ଥ ଏବଂ ଆଦର୍ଶ ସମାଜ ସୃଷ୍ଟି ହେବାରେ ସହାୟକ ହେବ ।

ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

# ରାୟଗଡ଼ରେ ନବନିଯୁକ୍ତ ୨୨ ଶିକ୍ଷକଙ୍କୁ ପଦସ୍ଥାପନ ପତ୍ର ପ୍ରଦାନ

ରାୟଗଡ଼ ୨/୬(ନି:ପ୍ର) ରାୟଗଡ଼ ଜିଲ୍ଲା ମଙ୍ଗଳ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟଗୁଡ଼ିକ ପାଇଁ ନବନିଯୁକ୍ତ ପ୍ରଶିକ୍ଷିତ ସ୍ନାତକ ଶିକ୍ଷକ ଓ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କର ପଦସ୍ଥାପନ କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ନୂତନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି।




କାର୍ଯ୍ୟକ୍ରମରେ ରାୟଗଡ଼ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନବନିଯୁକ୍ତ ଶିକ୍ଷକମାନଙ୍କୁ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ ସମ୍ପାଦନ କରିବାକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ଛାତ୍ରଛାତ୍ରୀଙ୍କ ଶିକ୍ଷାଗତ ମାନ ବୃଦ୍ଧି ସହ ସେମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଚଳିତ ଶିକ୍ଷାବର୍ଷରେ ପ୍ରତ୍ୟେକ ବିଦ୍ୟାଳୟରୁ ଅତିକମ୍‌ରେ ୫ ଜଣ ଛାତ୍ରଛାତ୍ରୀ ଯେପରି 'ଇ୧' ଗ୍ରେଡ୍ ହାସଲ କରିପାରିବେ, ସେଥିପାଇଁ ସ୍ୱତନ୍ତ୍ର ପ୍ରୟାସ କରିବାକୁ ସେ ଶିକ୍ଷକମାନଙ୍କୁ ଆହ୍ୱାନ ଦେଇଥିଲେ। ଏହା ସହ ପିଲାମାନଙ୍କର ଉନ୍ନତମାନର ଶିକ୍ଷା ଓ ଶାରୀରିକ ବିକାଶ ନିମନ୍ତେ ନିରନ୍ତର ଉଦ୍ୟମ କରିବାକୁ ପରାମର୍ଶ ଦେଇଥିଲେ। ଏହି ପ୍ରକ୍ରିୟାରେ ମୋଟ ୨୨ ଜଣ ଶିକ୍ଷକଙ୍କୁ ବିଭିନ୍ନ ବିଦ୍ୟାଳୟରେ ନିଯୁକ୍ତି ଦିଆଯାଇଥିଲା। ସେଥିମଧ୍ୟରୁ ପିସିଏମ ବିଭାଗରେ ୭ ଜଣ, ବିଭାଗରେ ୩ ଜଣ ଏବଂ ଭାବେ ୧୨ ଜଣ ଶିକ୍ଷକ ସାମିଲ ଅଛନ୍ତି।

# ହରିନାମ୍ ସଂକୀର୍ତ୍ତନରେ କମ୍ପି ଉଠିଲା ମହେନ୍ଦ୍ରଗିରି

ପାରଳାଖେମୁଣ୍ଡି, ୨।୬ (ନିପ୍ର); ଗଜପତି ଜିଲ୍ଲା ରାଇଗଡ଼ ବ୍ଲକର ପବିତ୍ର ପୁରୁଷୋତ୍ତମ ମାସ ଅବସରରେ ପୌରାଣିକ ଓ ଆଧ୍ୟାତ୍ମିକ ପୀଠ ମହେନ୍ଦ୍ରଗିରିରେ ରବିବାର ଭବ୍ୟ ଭାବେ ଆରମ୍ଭ ହୋଇଛି ମହେନ୍ଦ୍ର ମେଳା। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମ, ବେଦ ମନ୍ତ୍ରୋଚ୍ଚାରଣ, ଶଙ୍ଖଧ୍ୱନି ଓ ହରିନାମ ସଙ୍କୀର୍ତ୍ତନରେ ସମଗ୍ର ମହେନ୍ଦ୍ରଗିରି ଭକ୍ତିମୟ ପରିବେଶରେ ମୁଖରିତ ହୋଇଉଠିଛି। ମେଳାର ଶୁଭାରମ୍ଭ ଅବସରରେ ଦଶ ହଜାରରୁ ଅଧିକ ମହିଳା ପର୍ଶୁରାମ କୁଣ୍ଡରୁ ପବିତ୍ର ଜଳ ଆଣି ବିରାଟ କଳସ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ପାରମ୍ପରିକ ପୋଷାକ ପରିଧାନ କରି ମହିଳାମାନେ ଭଜନ ଓ ଧାର୍ମିକ ସଙ୍ଗୀତ ମଧ୍ୟରେ ମହେନ୍ଦ୍ର ଶିଖର ଅଭିମୁଖେ ଯାତ୍ରା କରିଥିଲେ।

# ଅସହାୟଙ୍କୁ ସାହାଯ୍ୟ କରିବା ଉଦ୍ଦେଶ୍ୟରେ କୋରାପୁଟରୁ କାଶ୍ମୀର ଯାତ୍ରା

ଦାମନଯୋଡି, ୨/୬(ନିପ୍ର): ଆଜିର ଅଧିକାଂଶ ଯୁବପିଢ଼ି ବିଭିନ୍ନ ସାମାଜିକ ଗଣମାଧ୍ୟମରେ ବ୍ୟସ୍ତ ରହି ନିଜର ସମୟ ଓ ଭବିଷ୍ୟତକୁ ବିପଥଗାମୀ କରୁଥିବା ବେଳେ କେତେକ ଯୁବକ ଯୁବତୀ ନିଜ ଭବିଷ୍ୟତ ଚିନ୍ତା କରିବା ସହିତ ଅନ୍ୟର ମଙ୍ଗଳ ପାଇଁ ଆଗେଇ ଆସନ୍ତି । ଏଭଳି କୋରାପୁଟ ଜିଲ୍ଲା ଶିକ୍ଷାଞ୍ଚଳ ଦାମନଯୋଡିର ଜଣେ ଯୁବତୀଙ୍କ ସହ ତିନି ଯୁବକ ଅନାଥ ଶିଶୁ, ବୃଦ୍ଧ ବୃଦ୍ଧା, ଅସହାୟ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆଗେଇ ଆସିଛନ୍ତି । ସେମାନେ ହେଉଛନ୍ତି ଦାମନଯୋଡିର ସାମାଜିକ ଗଣମାଧ୍ୟମ ଇଂଷ୍ଟାଗ୍ରାମ 'କୋରାପୁଟିଆ ନନା ନୁନି' ଗ୍ରୁପ ର କେ. ଅଙ୍କୁଶ ପାତ୍ର, ଗୀତା ଖିଲ, ମଧୁସୂଦନ ଗୁଣ୍ଠା ଓ କ୍ରିଷ୍ଣା ମୁଦୁଲି । ଅନାଥ, ବୃଦ୍ଧ, ଅସହାୟ ଲୋକଙ୍କୁ ସାହାଯ୍ୟ କରିବାର ମହତ ଉଦ୍ଦେଶ୍ୟ ନେଇ ଚାରିଜଣ ମୋଟର ସାଇକେଲ ଯୋଗେ କାଶ୍ମୀର ଯାତ୍ରା କରିବା ପୂର୍ବରୁ ଦାମନଯୋଡି ର ଆରାଧ୍ୟା ଦେବୀ ମା କଣ୍ଟାବାଉଁଶୁଣୀଙ୍କ ପୀଠରେ ପୂଜାର୍ଚ୍ଚନା କରି ଆଶୀର୍ବାଦ ନେଇ ଯାତ୍ରା ଆରମ୍ଭ କରିଛନ୍ତି ।

# ଯାଜପୁରଠାରେ ଜନ ଅଭିଯୋଗ ଶୁଣାଣି ଶିବିର

ଯାଜପୁର, ୨।୬ (ନିପ୍ର): ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୩୧୧ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୨୫୫ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୦୬ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ନିମନ୍ତେ ୪୬ ଗୋଟି ରେଡକ୍ରସ ପାଣ୍ଠିରୁ ୦୪ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୧୬ ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧୀକ୍ଷକ, ଯାଜପୁର ଯଶପ୍ରତାପ ଶ୍ରୀମାଲ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଯାଜପୁର ବ୍ରହ୍ମାନନ୍ଦ ବେହେରା, ତହସିଲଦାର , ଯାଜପୁର ରବିନାରାୟଣ ପାଢ଼ୀ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ବୁଗୁଡ଼ାରେ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ

ବୁଗୁଡ଼ା, ୨।୬ (ନିପ୍ର): ବୁଗୁଡ଼ା ଅଧୀନସ୍ଥ ଭୋଟର ସୂଚୀର ସ୍ୱତନ୍ତ୍ର ସଘନ ସଂଶୋଧନ-୨୦୨୬ ପ୍ରକ୍ରିୟା ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଯାଇଛି।୧୨୪-ପୋଲସରା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବୁଗୁଡ଼ା ବ୍ଲକର ସମସ୍ତ ବୁଥ୍ ଗୁଡ଼ିକରେ ବିଏଲ୍‌ଓ ମାନଙ୍କ ଦ୍ୱାରା ଘରକୁ ଘର ବୁଲି ସର୍ଭେ ଓ ପରିଗଣନା ଫର୍ମ ବଣ୍ଟନ କାର୍ଯ୍ୟକ୍ରମ ହୋଇଯାଇଛି। ପ୍ରଶାସନିକ ସୂଚନା ଅନୁଯାୟୀ, ଚଳିତ ମେ' ୩୦ ତାରିଖରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସଂଶୋଧନ ପ୍ରକ୍ରିୟା ଆସନ୍ତା ଜୁନ୍ ୨୮ ତାରିଖ ପର୍ଯ୍ୟନ୍ତ ଜାରି ରହିବ। ଏହି ସମୟ ମଧ୍ୟରେ ଯୋଗ୍ୟ ଭୋଟରଙ୍କ ନାମ ସାମିଲ, ମୃତ କିମ୍ବା ସ୍ଥାନାନ୍ତରିତ ଭୋଟରଙ୍କ ନାମ ବାଦ୍ ଏବଂ ତ୍ରୁଟି ସଂଶୋଧନ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରାଯିବ। ଏହି ପରିପ୍ରେକ୍ଷୀରେ ବୁଗୁଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସ୍ଥାନୀୟ ଜନସାଧାରଣଙ୍କୁ ଏକ ବିଶେଷ ନିବେଦନ କରିଛନ୍ତି। ଗଣତନ୍ତ୍ରର ଏହି ସାମ୍ବିଧାନିକ ପ୍ରକ୍ରିୟାକୁ ସଫଳ କରିବା ପାଇଁ ସମସ୍ତ ଯୋଗ୍ୟ ମତଦାତା ସଚେତନ ହୋଇ ନିଜ ନିଜ ଅଞ୍ଚଳର ବିଏଲ୍‌ଓଙ୍କୁ ଆବଶ୍ୟକ ସୂଚନା ଓ ସଠିକ୍ ତଥ୍ୟ ପ୍ରଦାନ କରି ପ୍ରଶାସନକୁ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ସେ ଅନୁରୋଧ କରିଛନ୍ତି।

# ଅବସର ଗ୍ରହଣ କଲେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ

ନୟାଗଡ଼, ୨।୬ (ନିପ୍ର): ନୟାଗଡ଼ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜ୍ୟୋତ୍ସାମୟୀ ଆଚାର୍ଯ୍ୟ ଅବସର ଗ୍ରହଣ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ରୋଜିନା ଦାଶଙ୍କ ଅଧକ୍ଷତାରେ ତାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଡେପୁଟି କଲେକ୍ଟର ତପସ୍ୱିନୀ




ହାସଁଦା ଏବଂ ବହୁ ସରକାରୀ କର୍ମଚାରୀ ଉପସ୍ଥିତ ରହିଥିଲେ ।

ଜିଲ୍ଲା କ୍ରୀଡ଼ା ଅଧିକାରୀ ସୁଜାତା ସାହୁ ଭାରପ୍ରାପ୍ତ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶ୍ରୀମତି ଆଚାର୍ଯ୍ୟ ନୟାଗଡ଼ରେ ଦୀର୍ଘ ଏକ ବର୍ଷ କାଳ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କାର୍ଯ୍ୟକରି ଲୋକପ୍ରିୟ ହୋଇପାରିଥିଲେ ।

# ସହରରେ ଟ୍ରାଫିକ ବ୍ୟବସ୍ଥା ବିପର୍ଯ୍ୟସ୍ତ: ଏକମୁଖୀ ରାସ୍ତା ପ୍ରହସନରେ ପରିଣତ

ପୁରୀ, ୨।୬ (ନିପ୍ର): ପୁରୀ ସହର ଏକ ଆନ୍ତର୍ଜାତିକ ପର୍ଯ୍ୟଟନ କେନ୍ଦ୍ର ହୋଇଥିବା ଯୋଗୁଁ ପ୍ରତ୍ୟେକ ଦିନ ଲକ୍ଷାଧିକ ପର୍ଯ୍ୟଟକ ମାନଙ୍କ ସମାଗମ ହେଉଛି। ଟ୍ରାଫିକ ବ୍ୟବସ୍ଥାକୁ ଅଦ୍ୟାବଧି ସୁଚାରୁଭାବେ ପରିଚାଳନା କରାଯାଉନଥିବା ଅଭିଯୋଗ ହେଉଛି।

ସହରର ଦୁଇଟି ପ୍ରମୁଖ ରାସ୍ତା ମୋଚିସାହି ଛକରୁ ସିଂହ ଦ୍ୱାର ଓ ସରକାରୀ ବାଳିକା ବିଦ୍ୟାଳୟ ଠାରୁ ମାର୍ଚିକୋଟ ଛକ ରାସ୍ତାକୁ ସରକାରୀ ଭାବେ ଏକମୁଖୀ ରାସ୍ତା ଘୋଷଣା କରାଯାଇଥିଲେ ମଧ ତାହା ସମ୍ପୃକ୍ତ ଅଂଚଳର ବାସିନ୍ଦାମାନଙ୍କ ପାଇଁ ମରଣଯନ୍ତାରେ ପରିଣତ ହୋଇଛି। ଲବଣୀଖିଆ ଛକ ଓ ଜନହିମୁଣ୍ଡିଆ ଛକ ଠାରୁ ମୋଚି ସାହି ଛକ ପର୍ଯ୍ୟନ୍ତ ରାସ୍ତାରେ ବେଆଇନି ଭାବେ ଅଟୋ ଗୁଡିକ ରହୁଥିବା ଯୋଗୁଁ ସାଧାରଣ ଚଳ ପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି ହେଉଥିବା ବେଳେ ସାଧାରଣ ପଥଚାରୀମାନେ ସର୍ବଦା ବିଭିନ୍ନ ଦୁର୍ଘଟଣାର ସମୁଖୀନ ହେଉଥିବାର କୁହାଯାଉଛି। ପୁଲିସ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ସମସ୍ତ ବିଷୟ ଜାଣୁଥିଲେ ମଧ ନିରବ ଦ୍ରଷ୍ଟା ସାଜିଛନ୍ତି। ଏ ଦିଗରେ ଡିଜିପି ଅନୁସନ୍ଧାନ କରି ରଥଯାତ୍ରା ପୂର୍ବରୁ ଏହାର ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ବିଭିନ୍ନ ମହଲରୁ ଦାବି ହେଉଛି। ଠିକ ସେହିପରି ସହରକୁ ଭିଡ ନିଅନ୍ତ୍ରଣ କରିବା ପାଇଁ ଶ୍ରୀସେତୁ ନିର୍ମାଣ କରାଯାଇଥିଲା, ଏହି ସେତୁ ଉପରେ ସମସ୍ତ ଯାନବାହନ ଆସି ଜଗନ୍ନାଥ ବାଲହବ ପାର୍କିଂକୁ ଆସିବା ପାଇଁ ରହିଥିଲା, ତାହା ସମ୍ପୂର୍ଣ୍ଣ କାଗଜ କଲମରେ ରହିଗଲା। ତେଣୁ ଏଦିଗରେ ପ୍ରଶାସନ ଦୃଷ୍ଟି ଦେବାପାଇଁ ଜନସାଧାରଣରେ ଦାବି ହେଉଛି।



# ସିଏମ ଟ୍ରଫି ଜୋନସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ଉଦ୍‌ଘାଟିତ

## ୧୫ ଜିଲ୍ଲାର ୬ ଶହ କ୍ରୀଡ଼ାବିତ୍‌ଙ୍କ ଅଂଶଗ୍ରହଣ

ପୁରୀ, ୨/୬ (ନିପ୍ର): ଓଡିଶା ସରକାରଙ୍କ କ୍ରୀଡା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସିଏମ ଟ୍ରଫି ର ଜୋନସ୍ତରୀୟ ଖୋ ଖୋ ଚମ୍ପିୟନସିପ୍ ସୋମବାର ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ଉଦଘାଟିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା ଯୋଗଦେଇ ଓଡ଼ିଶା ସରକାରଙ୍କ ବିକଶିତ ଭାରତ ଓ ବିକଶିତ ଓଡ଼ିଶା ଲକ୍ଷ୍ୟରେ କ୍ରୀଡା ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ପୁରୀ ଜିଲ୍ଲାର ଗ୍ରାମାଞ୍ଚଳର ପ୍ରତିଭାବାନ କ୍ରୀଡାବିତ ମାନେ ବ୍ଲକରୁ ଆସି ଜିଲ୍ଲାରେ ଭଲ ଖେଳ ପ୍ରଦର୍ଶନ କରି ରାଜ୍ୟ ଓ ଦେଶର ନାମ ଉଜ୍ଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ,ଜିଲ୍ଲା କ୍ରୀଡା ଅଧିକାରୀ ଚନ୍ଦନ କୁମାର ସାହୁ, ଓଡିଶା ଅଲିମ୍ପିକ ଆସୋସିଏସନର କୋଷାଧ୍ୟକ୍ଷ ରବି ଶଙ୍କର ପ୍ରତିହାରୀ ପ୍ରମୁଖ ଯୋଗଦେଇ କ୍ରୀଡା ଶୃଙ୍ଖଳା, ଉନ୍ନତ ଚରିତ୍ର ଗଠନ ଓ ସୁସ୍ଥତା ର ପ୍ରତୀକ ହୋଇଥାଏ ।ତେଣୁ ପିଲା ମାନେ କ୍ରୀଡା ପ୍ରତି ମନୋନିବେଶ କରିବା ସହ ଏହି ପ୍ରତିଯୋଗିତାର ପ୍ରତିଯୋଗୀ ମାନେ ସେମାନଙ୍କ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ। ଭାରତ ଖୋ ଖୋ ଫେଡେରେସନ ଉପସଭାପତି ଓ ରାଜ୍ୟ ଖୋ ଖୋ ଫେଡେରେସନ ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ର ଉତ୍ସବରେ ଅଧକ୍ଷତା କରିବା ସହ କହିଲେ ମହାପ୍ରଭୁଙ୍କ ପବିତ୍ର ଭୂମି ରେ ସିଏମ ଟ୍ରଫି ଖୋ ଖୋ ଖେଳର ଦୁଇଟି ଜୋନ ସ୍ତରୀୟ, ସେମିଫାଇନାଲ ଓ ଫାଇନାଲ ପ୍ରତିଯୋଗିତାର ଆୟୋଜନ ଏକ ଗୌରବର କଥା।

ଭଲ ଖେଳି ନିଜ ପରିଚୟ ସୃଷ୍ଟି କରିବାକୁ ସେ ଆହ୍ୱାନ ଦେଇଥିଲେ ।ଖୋ ଖୋ ମୁଖ୍ୟ ପ୍ରଶିକ୍ଷକ ସଞ୍ଜୀବ ଶର୍ମା ଉପସ୍ଥିତ ରହି କ୍ରୀଡାବିତ ଙ୍କୁ ଉତ୍ସାହିତ କରିଥିଲେ। ଏହି ଜୋନ ସ୍ତରୀୟ ଖୋ ଖୋ ପ୍ରତିଯୋଗିତାରେ ୧୪ ବର୍ଷରୁ କମ ବାଳକ ଓ ବାଳିକା ଖେଳାଳୀମାନେ ସାମିଲ ହୋଇଛନ୍ତି । ୧୫ ଟି ଜିଲ୍ଲାରୁ ବାଳକ ବର୍ଗରେ ୩ଶହ ଓ ବାଳିକା ବର୍ଗରେ ୩ ଶହ ସମୁଦାୟ ୬ ଶହ କ୍ରୀଡାବିତ ଅଂଶଗ୍ରହଣ କରିଛନ୍ତି। ୨ ନମ୍ବର ଜୋନରେ କଟକ, ଯାଜପୁର, ବୌଦ୍ଧ, ନୂଆପଡା, ମୟୁରଭଞ୍ଜ, ଖୋର୍ଦ୍ଧା, ସୋନପୁର ଓ ଦେବଗଡ ଜିଲ୍ଲାର ଖୋ ଖୋ କ୍ରୀଡାବିତ ଥିବାବେଳେ ୩ ନମ୍ବର ଜୋନରେ ପୁରୀ, କେନ୍ଦ୍ରାପଡା, କନ୍ଧମାଳ, ଜଗତସିଂହପୁର, ନୟାଗଡ, ଭଦ୍ରକ, ଓ ବାଲେଶ୍ୱର ଜିଲ୍ଲାର କ୍ରୀଡାବିତ ମାନେ ଅଂଶଗ୍ରହଣ କରିଛନ୍ତି । କ୍ରୀଡା ପରିଚାଳନ ପାଇଁ ୨୬ ଜଣ ବୈଷୟିକ ଅଧିକାରୀ ଓ ୬୦ ଜଣ କୋଚ ଓ ମ୍ୟାନେଜର ଖେଳ ପ୍ରଦର୍ଶନରେ ଉପସ୍ଥିତ ରହି ତଦାରଖ କରୁଛନ୍ତି । ଜୁନ ୧ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଜୋନ ସ୍ତରରେ ଖୋ ଖୋ ଖେଳ ଅନୁଷ୍ଠିତ ହୋଇଥିବା ବେଳେ ଜୁନ ୮ ତାରିଖ ସେମି ଫାଇନାଲ ଓ ୧୦ ତାରିଖ ଫାଇନାଲ ମ୍ୟାଚ ଇଣ୍ଡୋର ଷ୍ଟାଡିୟମ ଏକାଡେମୀରେ ଅନୁଷ୍ଠିତ ହେବ । ସୂର୍ଯ୍ୟନାରାୟଣ ଜେନା, ଚୌଧୁରୀ ପାର୍ଥ ସାରଥୀ ମହାପାତ୍ର , ରବିନାରାୟଣ ପ୍ରଧାନ, କ୍ରୀଷ୍ଣା କୁମାରୀ ରାୟ,ଅନ୍ନପୂର୍ଣ୍ଣା ରାଉତ, ଧିରେନ୍ଦ୍ର ଦାସଙ୍କ ସମେତ ବହୁ ପ୍ରବନ୍ଧକ, ଟେକ୍ନିକାଲ ଅଫିସର, ଭଲଣ୍ଟିୟର, କୋଚ ଓ ମ୍ୟାନେଜର ଖୋ ଖୋ ଖେଳକୁ ପରିଚାଳନା କରିଛନ୍ତି । ବହୁ ଖୋ ଖୋ କ୍ରୀଡାପ୍ରେମୀ, ଶୁଭେଚ୍ଛୁ, ଦର୍ଶକ ଓ କ୍ରୀଡାବିତମାନେ ଉପସ୍ଥିତ ରହି କରତାଳି ଦେଇ କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଅଭିଯୋଗ ଶୁଣାଣିରେ ୧୮ ଅଭିଯୋଗ

ଶେରଗଡ଼, ୨।୬ (ନିପ୍ର); ଶେରଗଡ଼ ବ୍ଲକ ଅନ୍ତର୍ଗତ କୁମାର ପାଣି ପଞ୍ଚାୟତର ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ବିଡ଼ିଓ ତୃପ୍ତିମୟୀ ଜେନା ଅଧକ୍ଷତାରେ ଅନୁଷ୍ଠିତ ଶୁଣାଣିରେ ମୋଟ ୧୮ଟି ଅଭିଯୋଗ ଆସିଥିଲା। ସେଥି ମଧ୍ୟରୁ ଭତ୍ତା ୯ ଟି , ଆବାସ ଯୋଜନା ପାଇଁ ୮ଟି ,କୁକୁଡା ଫାର୍ମ ଗୋଟିଏ ଥିଲ। ସମସ୍ତ ଅଭିଯୋଗକୁ ସମ୍ପୃକ୍ତ ବିଭାଗକୁ ସମାଧାନ ନିମନ୍ତେ ପଠାଇ ଦେଇଛନ୍ତି। ତହସିଲଦାର ତ୍ରିଦେବ ରଥ, ଏବିଡିଓ ନିରାକାର ଜେନା, ଥାନାଧିକାରୀ ବିରେନ୍ଦ୍ର ସିଆଳ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଶ୍ମିତା ଶବର, ସିଡ଼ିପିଓ ମମତାଞ୍ଜଳୀ ପଣ୍ଡା,ଏବିଇଓ ଦିବାକର ଗମାଙ୍ଗ ସମେତ କୃଷି, ପଶୁପାଳନ, ସାମାଜିକ ସଶକ୍ତିକରଣ, ଜଳସେଚନ, ଗ୍ରାମ୍ୟଉନ୍ନୟନ, ପୂର୍ତ୍ତ ବିଭାଗ, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ବିଭାଗର ଅଧିକାରୀ ମାନେ ଉପସ୍ଥିତ ଥିଲେ।

# ବନ୍ଦ ଘରୁ ସ୍ୱାମୀ ସ୍ତ୍ରୀଙ୍କ ଝୁଲନ୍ତା ଶବ ଜବତ

ପିପିଲି, ୨।୬ (ନିପ୍ର); ପିପିଲି ସାତଶଙ୍ଖ ଅର୍ଜୁନସିଂପୁର ଗାଁ ରେ ଗୋଟିଏ ଘରେ ସ୍ୱାମୀ ସ୍ତ୍ରୀଙ୍କର ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପରକୀୟା ପ୍ରୀତିରୁ କଳହ ହୋଇ ଥିବା ସନ୍ଦେହ କରାଯାଇଛି। ରହସ୍ୟ ଖୋଲିବ ଜବତ ସୁଇସାଇଡ଼ ନୋଟରୁ ବୋଲି ଚର୍ଚ୍ଚା ହେଉଛି। ବିବାହର ୭ବର୍ଷରୁ ୮ବର୍ଷ ପରେ ଉଭୟ ସ୍ୱାମୀ ଓ ସ୍ତ୍ରୀ ଆତ୍ମହତ୍ୟା କରିଛନ୍ତି । ଉଭୟ ସ୍ୱାମୀ ସ୍ତ୍ରୀ ନିଜ ଗାଁ ଠାରୁ ଅଳ୍ପ ଦୁରେଇ ଭଡା ଘରେ ରହୁଥିଲେ। କେଉଁ କାରଣରୁ ମୃତ୍ୟୁ ହୋଇଛି ତାର ରହସ୍ୟ ଖୋଲି ପାରେ ସୁଇସାଇଡ଼ ନୋଟ । ପୁରୀ ଜିଲ୍ଲା ପିପିଲି ଯସୁଆପୁରପୁର ପଞ୍ଚାୟତର ଅର୍ଜୁନ ସିଂହପୁରର ଭାସ୍କର ଦାସ ୭ ରୁ ୮ ବର୍ଷତଳେ ସତ୍ୟବାଦୀ ବ୍ଲକର ଚଉଦ ବାଟିଆ ଅଞ୍ଚଳର କାଜଲକୁ ବୈଦିକ ରୀତିରେ ବିବାହ କରିଥିଲେ । କିଛି ଦିନ ଭଲରେ ସାଂସାରିକ ଜୀବନ ଚାଲିଆସୁଥିବା ବେଳେ କିଛି ଦିନ ଭିତରେ ପାରିବାରିକ ତିକ୍ତତା ସୃଷ୍ଟି ହୋଇଥିଲା । ତେଣୁ ଭାସ୍କର ଘର ଛାଡି ସେହି ଗାଁରେ ଭଡା ଘର କରି ରହୁଥିଲା । ଯାହାର କରୁଣ ପରିଣତି ଆଜି ଆତ୍ମହତ୍ୟା ରୂପ ନେଲା ବୋଲି ଚର୍ଚ୍ଚା ହେଉଛି। ପାରିପାର୍ଶ୍ୱିକ ସ୍ଥିତିକୁ ଆକଳନ କରି ପିପିଲି ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଘଟଣା ସ୍ଥଳରେ ଅନୁସନ୍ଧାନ ଟିମ୍ ପିପିଲି ଏକଜୁକ୍ୟୁଟିଭି ମାଜିଷ୍ଟ୍ରେଟ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି।

# ମାରିଗୁଡ଼ା ଗ୍ରାମରେ ରନ୍ଧାମଦ ଜବତ

ଗୁଣୁପୁର, ୨।୬ (ନିପ୍ର):ପଦ୍ମପୁର ବ୍ଲକ ମାରିଗୁଡ଼ା ଗ୍ରାମରେ ଚୋରା ରନ୍ଧା ମଦ କାରବାର ହେଉଥିବା ଖବର ପାଇ ଅବକାରୀ ବିଭାଗ ତରଫରୁ ଚଢ଼ାଉ କରା ଯାଇଥିଲା। ରାୟଗଡ଼ା ଜିଲ୍ଲା ଅବକାରୀ ଅଧୀକ୍ଷକ ସନ୍ତୋଷ କୁମାର ଧଳ ସାମନ୍ତଙ୍କ ନିର୍ଦ୍ଦେଶ କ୍ରମେ ଡିଏସଇ ଗୁଣପୁର ସଞ୍ଜିବ କୁମାର ବାର୍ଲି, ଅବକାରୀ ନିରୀକ୍ଷକ ଗୁଣପୁର ବେଣୁଧର ସାମଲ ଓ ଗୁଣପୁର ପୋଲିସ୍ ଦଳ ସହ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗୁଣପୁର ଅବକାରୀ ଉପ ନିରୀକ୍ଷକ ପି ଭିସେଶ୍ୱର ରାଓ, ଗୁଣପୁର ଅବକାରୀ ରେଞ୍ଜ ସହ ଉପ ନିରୀକ୍ଷକ ଲକ୍ଷ୍ମୀ ଦେବି ଓ ଅବକାରୀ କର୍ମଚାରୀ ଦଳବଳେ ମାରିଗୁଡ଼ା ଗ୍ରାମରେ ପହଞ୍ଚି ଚୋରା ମଦ ରନ୍ଧା ହେଉଥିବା ସ୍ଥଳରେ ପହଞ୍ଚି ଅଚାନକ ଚଢ଼ାଉ କରି ୮ ଜଣ ଲୋକଙ୍କୁ ଗିରଫ କରିବା ସହିତ ମୋଟ ୧୦ ଗୋଟି କେସ ରୁଜୁ କରାଯାଇଅଛି। ଏହା ସହିତ ୮୦୦୦ ଲିଟର ଗୁଡ଼ ମିଶା ମହୁଲ ପୋଚ ଓ ୧୦୦୦ ଲିଟର ଚୋରା ରନ୍ଧା ମଦ ନଷ୍ଟ କରାଯାଇଛି।

ଏହାର ମୂଲ୍ୟ ଆନୁମାନିକ ଛଅ ଲକ୍ଷ ଟଙ୍କା ହେବ ବୋଲି



ଆକଳନ କରାଯାଇଥିଲା। ଏହା ସହିତ ଆସବାବପତ୍ର ଜବତ କରାଯାଇ ଘଟଣା ସ୍ଥଳରେ ହିଁ ନଷ୍ଟ କରାଯାଇଥିଲା।

# ଶତପ୍ରତିଶତ ଭିନ୍ନକ୍ଷମଙ୍କୁ ମିଳୁନି ସରକାରୀ ସୁବିଧା

## ଯୋଗ୍ୟ ହିତାଧିକାରୀ ପାଉଛି କଷ୍ଟ !

ଭାପୁର, ୨।୬ (ନିପ୍ର): ଭାପୁର ପଞ୍ଚାୟତ ଅନ୍ତର୍ଗତ ଏଲପଡା ଗ୍ରାମର ରମେଶ ଚନ୍ଦ୍ର ପ୍ରଧାନଙ୍କ ପୁଅ ସିପୁନ ପ୍ରଧାନ (୨୦) ଜନ୍ମ ରୁ ଶତପ୍ରତିଶତ ଭିନ୍ନକ୍ଷମ ହୋଇଥିବା ବେଳେ କୌଣସି ସରକାରୀ ସହାୟତା ପାଇବାରୁ ବଞ୍ଚିତ ହୋଇଛନ୍ତି ।ସେ ଶତପ୍ରତିଶତ ଭିନ୍ନକ୍ଷମ ପ୍ରମାଣ ପତ୍ର ଧରି ଭାପୁର ବ୍ଲକରେ ଅନୁଷ୍ଠିତ ନୟାଗଡ଼ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ରେ ଦୁଇ ଦୁଇ ଥର ଏବଂ ବ୍ଲକ କାର୍ଯ୍ୟାଳୟ ସାମାଜିକ ସୁରକ୍ଷା ବିଭାଗରେ ଅଭିଯୋଗ କରିଲେ ମଧ କୌଣସି ସୁଫଳ ମିଳୁନାହିଁ। ଭାପୁର ବ୍ଲକରେ ମାଳମାଳ ଅଯୋଗ୍ୟ ହିତାଧିକାରୀ ଯୋଗ୍ୟ ବିବେଚିତ ହୋଇ ଭତ୍ତା ପାଇ ଆସୁଥିବାବେଳେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ହିତାଧିକାରୀ ଅନୁଷଙ୍ଗିକ ସୁବିଧା ପାଇପାରୁ ନ ଥିବାରୁ ଭାପୁର ବ୍ଲକର ପ୍ରଶାସନିକ ବିଫଳତା ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ ହୋଇଛି। ଭାପୁର ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ରୂପେ ଶାସକ ଦଳର ଚାମଚା ହୋଇ କାର୍ଯ୍ୟ କରୁଥିବା ନେଇ ଅଭିଯୋଗ ହୋଇ ଆସୁଥିବାବେଳେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଯୁବକ କିପରି ସରକାରୀ ସହାୟତାରୁ ବଞ୍ଚିତକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନ ଉଠିଛି। ଉଲ୍ଲେଖଯୋଗ୍ୟ, ସିପୁନର ଜନ୍ମରୁ ସମ୍ପୂର୍ଣ୍ଣ ଶରୀର ଅଚଳ ହୋଇଥିବାବେଳେ ବାପାମା ଚିନ୍ତାଗ୍ରସ୍ତ ରହିଛନ୍ତି। ବାପାମା ପୁଅକୁ ଭଲ କରିବା ପାଇଁ ରାଜ୍ୟର ବଡ଼ବଡ଼ ଡାକ୍ତରଖାନା ବୁଲି ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଲେ ମଧ ରୋଗ ଭଲ ହେବାର ନାଁ ଧରୁ ନାହିଁ। ଅନ୍ତ୍ୟୋଦୟ ଗୃହ ଯୋଜନାରେ ନିଜର ନାଁ ରହିଥିଲେ ମଧ ଶାସକ ଦଳର କୁଜି ନେତାଙ୍କ ପ୍ରରୋଚନାରେ ଘର କାଟି ଦେଇଛନ୍ତି ଫଳରେ, ମୁଣ୍ଡ ଗୁଞ୍ଜିବାକୁ ଘରଟିଏ ନାହିଁ।

ତାଙ୍କ ପରିବାରରେ ୫ ଜଣ ସଦସ୍ୟ ରହିଥିଲେ ମଧ ପୁଅଝିଅ ୩ ଜଣଙ୍କ ନାଁ ରାସନ କାର୍ଡରେ ନାହିଁ। ବାରମ୍ବାର ଅଭିଯୋଗ କଲେ ମଧ ରେସନ କାର୍ଡରେ ନାଁ ମଧ ଉଠୁ ନାହିଁ। ଏତେଦବ୍ୟତୀତ,ତାଙ୍କର ଜମି ନାହିଁ ।କିନ୍ତୁ ଘର ପାଇଁ ମାତ୍ର ଦୁଇ ଡ଼ିସମିଲ ଜାଗା ରହିଛି। ସେ ପରିବାରର ବାପା ମାଆ ଚିନ୍ତାଜନକ ପରିସ୍ଥିତିରେ ରହିଥିବାବେଳେ ରାଜ୍ୟ ସରକାର



ରାଜ୍ୟର ଉନ୍ନତି ପାଇଁ ଡିଣ୍ଡିମ ପିଟୁଛନ୍ତି । କିନ୍ତୁ,ଭାପୁର ବ୍ଲକର ଏହି ଦୁର୍ଦ୍ଦିନ ପରିବାର ପ୍ରତି ବ୍ଲକ ପ୍ରଶାସନ ଆଖି ବୁଜି ଦେଇଛି ବୋଲି ଲୋକେ ଆଲୋଚନା କରୁଛନ୍ତି।

# ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ୍ୟ ବିକଶିତ ଭାରତର ବିକଳ ଚିତ୍ର

## ବର୍ଷାଦିନେ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜଳବନ୍ଦୀ,ପଦାକୁ ବାହାରିବା ପାଇଁ ନାହିଁ ରାସ୍ତା,ଅଭିଯୋଗ କଲେ କେହି ଶୁଣୁନାହାନ୍ତି !

ବାଲିଚନ୍ଦ୍ରପୁର, ୨।୬ (ନିପ୍ର): ଆମ ଦେଶ ଭାରତ ବର୍ଷ ସ୍ୱାଧୀନ ହେବାର ୭୮ବର୍ଷ ଅତିକ୍ରମ କରିଥିଲେ ମଧ ଆଜି ପର୍ଯ୍ୟନ୍ତ ଗାଁ ମାନଙ୍କରେ ବସବାସ କରୁଥିବା ଗରିବ ଜନସାଧାରଣ କୌଣସି ସୁବିଧା ସୁଯୋଗ ପାଇପାରୁନାହାନ୍ତି । ଏହି ଭଳି ଏକ ଅବହେଳିତ ଗାଁ ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ବଡଚଣା ବ୍ଲକ ଚାରିନଙ୍ଗଳ ପଂଚାୟତର ଗହରନଗର ଗ୍ରାମ । ଏହି ଗ୍ରାମରେ ଦୀର୍ଘ ୧୦୦ବର୍ଷରୁ ଉର୍ଦ୍ଧ୍ୱ ୨୫ଗୋଟ ଦଳିତ ପରିବାରର ୧୦୦ରୁ ଉର୍ଦ୍ଧ୍ୱ ଲୋକ ବସବାସ କରନ୍ତି । ଏହି ଗ୍ରାମଟି ଏକ ଟାପୁ ସଦୃଶ। ଏହି ଗ୍ରାମର ଚାରିପଟେ ଚାଷଜମି ଅବସ୍ଥିତ। ଗ୍ରାମ ଠାରୁ ୮୦୦ମିଟର ଦୂରରେ ଥିବା ମୁଖ୍ୟ ରାସ୍ତାକୁ ଯିବା ପାଇଁ ଚାଷ ଜମିର ଅଣଓସାରିଆ ହିଡ ଉପରେ ଯିବା ଆସିବା କରିବାକୁ ପଡେ। ଯେନତେନ ଉପାୟରେ ଖରାଦିନେ ଚଳିଯାଇଥାଏ କିନ୍ତୁ ସବୁଠାରୁ ବଡ ସମସ୍ୟା ଦେଖାଦେଇଥାଏ ବର୍ଷାଦିନେ । ବର୍ଷା ହେଲେ ଗ୍ରାମର ଚାରିପଟେ ଥିବା ଚାଷଜମିରେ ପାଣି ଜମି ହିଡ ସବୁ କାଦୁଅ ପଚର ପଚର ହୋଇଯାଇଥାଏ । ଏହି ସମୟରେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ପଢିବା ପାଇଁ ଯିବା ପାଇଁ ହଇରାଣ ହେଉଥିବାବେଳେ ରୋଗୀ ଓ ଗର୍ଭବତୀମାନେ ଡାକ୍ତରଖାନା ଯିବା ପାଇଁ ବହୁ ସମସ୍ୟାର



ସମ୍ମୁଖୀନ ହୁଅନ୍ତି । ରାତି ହେଉ ବା ଦିନ ହେଉ ଡାକ୍ତରଖାନା ଯିବା ପାଇଁ ରୋଗୀମାନଙ୍କୁ ଖଟିଆରେ ମୁଣ୍ଡାଇ ମୁଖ୍ୟ ରାସ୍ତାକୁ ଯିବାକୁ ପଡିଥାଏ। ବର୍ଷା ଦିନେ ଗାଁକୁ ଆମ୍ବୁଲାନ୍ସ ନା ଚାରି ଚକିଆ କି ଦୁଇ ଚକିଆ ଯାନ ଯାଇପାରେନାହିଁ। ବୃଦ୍ଧ ବୃଦ୍ଧାମାନେ ସରକାରୀ ଭତ୍ତା ପାଇଁ ପଞ୍ଚାୟତ ଅଫିସକୁ ଯିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ବର୍ଷା ଋତୁରେ ବର୍ଷା ପାଣି ଚାରି ପଟେ ଜମି ରହୁଥିବାରୁ ପାନୀୟ ଜଳ ସଂକ୍ରମିତ ହୋଇ ଗ୍ରାମରେ ଝାଡା,ବାନ୍ତି,ଜ୍ୱର ଏବଂ ଅନ୍ୟାନ୍ୟ ବହୁ ରୋଗରେ ଗ୍ରାମବାସୀମାନେ ପୀଡିତ ହୋଇଥିବାର ଦେଖିବାକୁ ମିଳିଥାଏ। ୨୦୨୩ମସିହାରେ ତତ୍କାଳୀନ ଜିଲ୍ଲାପାଳ ଚକ୍ରବର୍ତ୍ତୀ ସିଂରାଠୋରଙ୍କୁ ଗ୍ରାମବାସୀମାନେ ଭେଟି ଏକ ସ୍ଥାୟୀ ରାସ୍ତା କରିବା ପାଇଁ ଅନୁରୋଧ କରିଥିଲେ ମଧ ଆଜି ପର୍ଯ୍ୟନ୍ତ କିଛି ଫଳପ୍ରଦ ହୋଇପାରିନାହିଁ । ଏହି ଗ୍ରାମର ଘନଶ୍ୟାମ ଜେନା ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାହିର ଅସୁବିଧା ବିଷୟରେ ପୁଙ୍ଖାନୁପୁଙ୍ଖ ଭାବେ ଜଣାଇଥିଲେ,କିନ୍ତୁ ତାହା ମଧ କିଛି ସୁଫଳ ମିଳିପାରିଲା ନାହିଁ । ଆଜି ଗ୍ରାମର ୩୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଜିଲ୍ଲାପାଳଙ୍କ ପାଖରେ ନିଜର ଗୁହାରି ଶୁଣାଇବାକୁ ଯାଇଥିଲେ ମଧ ଅଭିଯୋଗ ପ୍ରକୋଷ୍ଠରେ ପ୍ରବଳ ଭିଡ ହେତୁ ଦେଖାକରିପାରିନଥିଲେ । ଗ୍ରାମରୁ ମୁଖ୍ୟ ରାସ୍ତାକୁ କିପରି ଏକ ସ୍ଥାୟୀ ରାସ୍ତା ନିର୍ମାଣ କରାଯାଇପାରିବ ସେ ବିଷୟରେ ଗ୍ରାମର ସହଦେବ ଜେନା,ଘନଶ୍ୟାମ ଜେନା, ପ୍ରଫୁଲ୍ଲ ଜେନା,ଶ୍ୟାମସୁନ୍ଦର ଜେନା,ମହେଶ୍ୱର ମଳିକ, ବିଜୟ ମଳିକ,ଗୀତା ଜେନା,ମାତାଜୀ ଜେନା ଏବଂ ୧୦୦ରୁ ଉର୍ଦ୍ଧ୍ୱ ଗ୍ରାମବାସୀ ଦାବି ଜଣାଇଛନ୍ତି ।

## ଅଭିଷେକଙ୍କୁ ମାଡ଼ ମାରିବା ବିରୋଧରେ ଧାରଣାରେ ବସିଲେ ମମତା

# ଲଢ଼ିବୁ ନହେଲେ ମରିବୁ

ନୂଆଦିଲ୍ଲୀ, ୨/୬ : ପଶ୍ଚିମବଙ୍ଗ ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି । ଗତ ନିର୍ବାଚନରେ ସରକାର ପରିବର୍ତ୍ତନ ପରେ ରାଜ୍ୟ ରାଜନୀତି ସରଗରମ ହୋଇ ଉଠିଛି । ସରକାର ପରିବର୍ତ୍ତନ ପରେ ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ ଭିତରେ ଆଭ୍ୟନ୍ତରୀଣ କନ୍ଦଳ ଏବଂ ଦଳୀୟ ନେତାଙ୍କ ଉପରେ ଆକ୍ରମଣ ପରେ ରାଜନୀତି ବଢିଯାଇଛି । ଟିଏମସି ଭିତରେ ବିଭାଜନର ଖବର ଏବେ ସାମ୍ନାକୁ ଆସୁଛି, ଯାହାପରେ ମମତା ବାନାର୍ଜୀଙ୍କ ପାଇଁ ଏକ ନୂଆ ଚ୍ୟାଲେଞ୍ଜ ତିଆରି କରିଛି । ଏହି ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ କର୍ମୀ ଏବଂ ବରିଷ୍ଠ ନେତାଙ୍କ ଉପରେ ହୋଇଥିବା ଆକ୍ରମଣର ପ୍ରତିବାଦ କରି କୋଲକାତାର ଏସପ୍ଲାନେଡ୍ ସ୍ଥିତ ୱାଇ-ଚ୍ୟାନେଲଠାରେ ପ୍ରତିବାଦ ସ୍ଥଳରେ ପହଞ୍ଚିଛନ୍ତି। ତାଙ୍କ ସହ ଅଭିଷେକ ବାନାର୍ଜୀ ଏବଂ କେତେକ ବିଧାୟକ ମଧ୍ୟ ଉପସ୍ଥିତ ଅଛନ୍ତି । କୋଲକାତା ପୋଲିସ ମମତା ବାନାର୍ଜୀଙ୍କୁ ସୋମବାର ପ୍ରତିବାଦ କରିବାକୁ ଅନୁମତି ଦେଇନଥିଲା । ଏହା ସତ୍ତ୍ୱେ, ବଙ୍ଗଳାର ପୂର୍ବତନ ମୁଖ୍ୟମନ୍ତ୍ରୀ ପ୍ରତିବାଦ କରିବାକୁ ପହଞ୍ଚିଛନ୍ତି । ଧାରଣାରେ ବସିଥିବା ମମତା ବାନାର୍ଜୀ କହିଛନ୍ତି, 'ବଙ୍ଗଳାରେ ପୋଲିସ୍ ଟିଏମସି ନେତାଙ୍କୁ ଧମକ ଦେଉଛି । ମୋ କାର୍ଯ୍ୟ କାଳ ମଧ୍ୟରେ ମୁଁ ସବୁ ଲୋକଙ୍କ ସହିତ ଠିଆ ହୋଇଥିଲି, ସେମାନଙ୍କ ବିଚାରଧାରା ମୋ ପାର୍ଟି ସହ ନ ମିଶୁଥିଲେ ମଧ୍ୟ। ସେ ବିଜେପିକୁ ଶେଷ ଚ୍ୟାଲେଞ୍ଜ ଦେଇ କହିଛନ୍ତି, 'ଲଢ଼ିବୁ ନହେଲେ ମରିବୁ।' ଅଭିଷେକ ବାନାର୍ଜୀଙ୍କ ଉପରେ ହୋଇଥିବା ଆକ୍ରମଣ ସମ୍ପର୍କରେ ମମତା



ବାନାର୍ଜୀ କହିଛନ୍ତି ଯେ, ଯେଉଁମାନେ କେବେ ତାଙ୍କୁ ସାହାଯ୍ୟ ମାଗୁଥିଲେ ସେମାନେ ଡାଇମଣ୍ଡ ହାର୍ବର ସାଂସଦଙ୍କ ଉପରେ ହୋଇଥିବା ଆକ୍ରମଣ ସମୟରେ କୌଣସି ସମର୍ଥନ ଦେଇ ନ ଥିଲେ। ମମତା ବାନାର୍ଜୀ କହିଛନ୍ତି, 'ବିଜେପି ସଭାପତି ମୋତେ ଅନେକ ଥର ଫୋନ୍ କରି ସାହାଯ୍ୟ ମାଗିଥିଲେ, କିନ୍ତୁ ମୁଁ କେବେ ଗଣମାଧ୍ୟମକୁ ଏ ବିଷୟରେ କହି ନ ଥିଲି। ମୋର ବିଜେପି ବ୍ୟତୀତ ସମସ୍ତ ରାଜନୈତିକ ଦଳ ସହ ଭଲ ସମ୍ପର୍କ ଅଛି, କିନ୍ତୁ ଯେତେବେଳେ ବିଜେପି ସାହାଯ୍ୟ ମାଗିଛି, ମୁଁ ସେମାନଙ୍କୁ ସାହାଯ୍ୟ କରିଛି । ମୁଁ ସେମାନଙ୍କ ଖରାପ ସମୟରେ ସେମାନଙ୍କୁ ସହାୟତା କରିଛି । ମୁଁ ସେମାନଙ୍କୁ ବ୍ୟକ୍ତିଗତ ଭାବେ ମଧ୍ୟ ଫୋନ୍ ବି କରିଥିଲି। ମୁଁ ଏଠାରେ ଅଛି ଏବଂ ଏଠାରେ ରହିବି।' ମମତା ବାନାର୍ଜୀ ବିଜେପିକୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ, ସେମାନେ ଚାହିଁଲେ ତାଙ୍କୁ ଗିରଫ କରିପାରିବେ । ସେ କହିଥିଲେ ଯେ, ଯଦି ତାଙ୍କୁ କୋଲକାତାରେ ପ୍ରତିବାଦ କରିବାକୁ ଅନୁମତି ଦିଆ ନ ଯାଏ, ତେବେ ସେ ଦିଲ୍ଲୀ ଯିବେ। ପ୍ରତିବାଦ ସ୍ଥଳରେ ଦଳୀୟ ସାଂସଦ କଲ୍ୟାଣ ବାନାର୍ଜୀଙ୍କ ସମେତ ବହୁ ବଡ଼ ଭିଡ଼ ଜମା ହୋଇଯାଇଛି ।

## ଶପଥ ନେଲେ ସୁପ୍ରିମକୋର୍ଟର ୫ ନୂଆ ବିଚାରପତି



ନୂଆଦିଲ୍ଲୀ, ୨ ।୬: ସୁପ୍ରିମକୋର୍ଟରେ ମଙ୍ଗଳବାର ୫ ନୂଆ ବିଚାରପତି ଶପଥ ନେଇଛନ୍ତି। ଫଳରେ ଶୀର୍ଷ ଅଦାଲତର ମୋଟ ବିଚାରପତି ସଂଖ୍ୟା ୩୭ରେ ପହଞ୍ଚିଛି। ଯାହାକି ମଞ୍ଜୁରୀପ୍ରାପ୍ତ ସଂଖ୍ୟାଠାରୁ ଗୋଟିଏ କମ୍। ସୁପ୍ରିମକୋର୍ଟର ବରିଷ୍ଠ ଆଇନଜୀବୀ ଭେଙ୍କିଟା ସୁବ୍ରମଣି ମୋହନ, ବମ୍ବେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଚନ୍ଦ୍ରଶେଖର, ପଞ୍ଜାବ ଓ ହରିୟାଣା ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଶିଲ ନାଗୁ, ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ସଞ୍ଜୀବ ସଚଦେବା ଏବଂ ଜାମ୍ମୁ-କାଶ୍ମୀର ଓ ଲଦାଖ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ୍ ଅରୁନ୍ ପାଲ୍ଲି ସୁପ୍ରିମକୋର୍ଟ ବିଚାରପତି ଭାବେ ଶପଥ ନେଇଛନ୍ତି। ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତିଙ୍କ ସମେତ ମଞ୍ଜୁରୀପ୍ରାପ୍ତ ମୋଟ ବିଚାରପତିଙ୍କ ସଂଖ୍ୟା ୩୪ ହୋଇଥିବାବେଳେ ଏହାକୁ ୩୮କୁ ବଢ଼ାଇବା ପାଇଁ ଗତ ମାସରେ କେନ୍ଦ୍ର ସରକାର ଏକ ଅଧ୍ୟାଦେଶ ବଳରେ ଆଇନରେ ସଂଶୋଧନ କରିଥିଲେ। ଏବେ ୨ଟି ପଦବୀ ଖାଲି ଥିବାବେଳେ ଆଇନରେ ସଂଶୋଧନ ପରେ ଖାଲି ପଦବୀ ସଂଖ୍ୟା ୬ ହୋଇଥିଲା।

## ବିଜେପିରୁ ଇସ୍ତଫା ଦେଲେ ଆନ୍ନାମଲାଇ



ନୂଆଦିଲ୍ଲୀ, ୨।୬: ପୂର୍ବତନ ତାମିଲନାଡୁ ବିଜେପି ରାଜ୍ୟ ସଭାପତି କେ ଆନ୍ନାମଲାଇ, ମଙ୍ଗଳବାର ଦଳର ରାଷ୍ଟ୍ରୀୟ ସଭାପତି ନୀତିନ ନବିନଙ୍କୁ ତାଙ୍କର ଇସ୍ତଫା ପତ୍ର ପ୍ରଦାନ କରିଛନ୍ତି। ତଥାପି ବିଜେପି ତାଙ୍କ ଇସ୍ତଫା ଗ୍ରହଣ କରିଛି କି ନାହିଁ ତାହା ଏ ପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ। ମିଳିଥିବା ସୂଚନା ଅନୁଯାୟୀ ଅନ୍ନାମାଲାଇ କିଛି ମାସ ମଧ୍ୟରେ ନିଜର ଲୋକ ଆନ୍ଦୋଳନ/ଆଞ୍ଚଳିକ ରାଜନୈତିକ ଦଳ ଆରମ୍ଭ କରିବେ। ଅନ୍ନାମଲାଇଙ୍କ ନିକଟତମ ସୂତ୍ର ଅନୁଯାୟୀ, ସେ ଗତ କିଛି ମାସ ମଧ୍ୟରେ ବିଜେପି ନେତୃତ୍ୱଠାରୁ ଦୂରେଇ ଯାଇଥିଲେ ଏବଂ ବିଧାନସଭା ନିର୍ବାଚନରେ ବିଜୟଙ୍କ ବିଜୟ ଦେଖି ରାଜ୍ୟରେ ଆଉ ଏକ ରାଜନୈତିକ ଦଳ ପାଇଁ ସ୍ଥାନ ଥିବା ବିଶ୍ୱାସ କରି ଆଉ ଏକ ଦଳ ପାଇଁ ଅଣ୍ଟା ଭିଡ଼ିଛନ୍ତି।

## ଆମେରିକାରେ ୩୦ ଭାରତୀୟ ଟ୍ରକ ଡ୍ରାଇଭର ଗିରଫ

ନୂଆଦିଲ୍ଲୀ, ୨।୬: ଆମେରିକୀୟ ଏଜେନ୍ସି ଅବୈଧ ଭାବେ ରହୁଥିବା ୩୦ରୁ ଅଧିକ ଭାରତୀୟଙ୍କ ଗିରଫ କରିଛି । ଏମାନେ ବେଆଇନ ଭାବେ ରହି ବ୍ୟବସାୟିକ ଟ୍ରକ୍ ଚଳାଉଥିଲେ। ଆମେରିକା ଫେଡେରାଲ୍ ଏଜେନ୍ସି ପକ୍ଷରୁ ଚଳାଇଯାଇଥିବା ଏକ ବଡ଼ ଧରଣର ସ୍ୱତନ୍ତ୍ର ଅଭିଯାନ ସମୟରେ ଏହି ଗିରଫଦାରୀ ହୋଇଛି। ଖବୁଶୀଘ୍ର ଏମାନଙ୍କୁ ଭାରତ ଡିପୋର୍ଟ କରାଯିବ ବୋଲି ଜଣାପଡିଛି। ଆମେରିକା କଷ୍ଟମ୍ସ ଆଣ୍ଡ ବୋର୍ଡର ପ୍ରୋଟେକ୍ସନ ଜାରି କରିଥିବା ଏକ ବିବୃତି ଅନୁଯାୟୀ, ଗତ ମେ ୧୧ ରୁ ୧୫ ତାରିଖ ମଧ୍ୟରେ ଏରିଜୋନାର ୟୁମା ସେକ୍ଟରର ସୀମା ସୁରକ୍ଷା ବାହିନୀ ପକ୍ଷରୁ ଅପରେସନ ଚେକମେଟ୍ ଆରମ୍ଭ କରାଯାଇଥିଲା । ଏହି ଅପରେସନ ଜରିଆରେ ଆମେରିକାରେ ବେଆଇନ ଭାବେ ରହୁଥିବା ୫୨ ଜଣଙ୍କୁ ଗିରଫ କରାଯାଇଥିବା ବେଳେ, ସେମାନଙ୍କ ମଧ୍ୟରୁ ୩୬ ଜଣ ବେଆଇନ ଭାବେ ବଡ଼ ବଡ଼ ସେମି-ଟ୍ରକ୍ ଚଳାଉଥିବା ବେଳେ ଧରାପଡିଥିଲେ । ଏହି ୩୬ ଜଣ ଟ୍ରକ୍ ଚାଳକଙ୍କ ମଧ୍ୟରୁ ୩୦ ଜଣ ଭାରତର ହୋଇଥିବା ବେଳେ ବାକି ୬ ଜଣ ମେକ୍ସିକୋ, ଏଲ୍ ସାଲଭାଡୋର ଏବଂ ରୁଷିଆର ବୋଲି ଚିହ୍ନଟ କରାଯାଇଛି।

## କାଶ୍ମୀର ପ୍ରସଙ୍ଗ: ପାକିସ୍ତାନକୁ ୟୁରୋପୀୟ ସଂଘ ସମର୍ଥନ!



ଇସଲାମାବାଦ, ୨।୬: ୟୁରୋପୀୟ କମିସନର ଉପାଧ୍ୟକ୍ଷ କାଜା କାଲାସଙ୍କ ଇସଲାମାବାଦ ଗସ୍ତ ସମୟରେ ପାକିସ୍ତାନ ଜମ୍ମୁ ଏବଂ କାଶ୍ମୀର ପ୍ରସଙ୍ଗ ଉଠାଇଛି। ଇସଲାମାବାଦରେ ପାକିସ୍ତାନ ଏବଂ ୟୁରୋପୀୟ ସଂଘ ମଧ୍ୟରେ ରଣନୈତିକ ଆଲୋଚନା ପରେ ଜାରି ହୋଇଥିବା ମିଳିତ ବିବୃତିରେ ଏହା ଉଲ୍ଲେଖ କରାଯାଇଛି। ଏହି ବିବୃତି ନେଇ ଭାରତର ଚିନ୍ତା ବୃଦ୍ଧି ପାଇଛି। କାଜା କାଲାସ ପାକିସ୍ତାନର ପ୍ରଧାନମନ୍ତ୍ରୀ ଶାହବାଜ ସରିଫ ଏବଂ ସେନା ମୁଖ୍ୟ ଫିଲ୍ଡ ମାର୍ଶାଲ ଅସୀମ ମୁନିରଙ୍କୁ ଭେଟିଛନ୍ତି। କାଜା କାଲାସ ପାକିସ୍ତାନୀ ବୈଦେଶିକ ମନ୍ତ୍ରୀ ଇଶାକ ଦାରଙ୍କ ସହ ପାକିସ୍ତାନ-ୟୁରୋପୀୟ ସଂଘ ରଣନୈତିକ ଆଲୋଚନାର ସହ-ଅଧ୍ୟକ୍ଷତା କରିଥିଲେ, ଯାହା ପରେ ଏକ ମିଳିତ ବିବୃତି ଜାରି କରାଯାଇଥିଲା।

## ରଚନା ବାନାର୍ଜୀଙ୍କ ନାଁରେ ମାମଲା ରୁଜୁ

କୋଲକାତା, ୨ ।୬: ଓଡ଼ିଶାରେ ଘରେ ଘରେ ପରିଚିତ ଲୋକପ୍ରିୟ ଅଭିନେତ୍ରୀ ତଥା ତୃଣମୂଳ କଂଗ୍ରେସ ଏମପି ରଚନା ବାନାର୍ଜୀଙ୍କ ନାଁରେ ଏଫଆଇଆର ରୁଜୁ। କୋଲକାତାର ଆର.ଜି. କର ମେଡିକାଲ କଲେଜରେ ଘଟିଥିବା ବଳାତ୍କାର ଓ ହତ୍ୟା ମାମଲାର ପୀଡ଼ିତାଙ୍କ ପରିଚୟ ଏବଂ ନାମ ସୋସିଆଲ ମିଡିଆରେ ପ୍ରକାଶ କରିଥିବା ଅଭିଯୋଗରେ ତାଙ୍କ ବିରୋଧରେ ବର୍ତ୍ତମାନ ପୋଲିସରେ ଏକ ଲିଖିତ ଅଭିଯୋଗ ଦାୟର କରାଯାଇଛି। କୋଲକାତା ହାଇକୋର୍ଟର ଜଣେ ବରିଷ୍ଠ ଆଇନଜୀବୀ ଶାୟନ ସଚିନ ବାସୁ ଏହି ମାମଲା ଦାୟର କରି ରଚନାଙ୍କ ବିରୋଧରେ ତୁରନ୍ତ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି। ରିପୋର୍ଟ ଅନୁଯାୟୀ, ଅଭିନେତ୍ରୀ ରଚନା ବାନାର୍ଜୀ ଆର.ଜି. କର ମେଡିକାଲର ଏହି ଦୁଃଖଦ ଘଟଣାକୁ ନିନ୍ଦା କରି ନିଜ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ଏକ ଭିଡିଓ ପୋଷ୍ଟ କରିଥିଲେ। ଏହି ଭିଡିଓରେ ସେ ବେଶ ଭାବୁକ ହୋଇ ପୀଡ଼ିତାଙ୍କ ପାଇଁ ନ୍ୟାୟ ଦାବି କରୁଥିବା ଦେଖିବାକୁ ମିଳିଥିଲା।

## ୟୁକ୍ରେନରେ ରୁଷିଆର ଭୟଙ୍କର ଆକ୍ରମଣ

## ୬୫୦ରୁ ଅଧିକ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼: ୧୮ ମୃତ

କିଭ୍: ଗତକାଲି ରାତିରେ ହଠାତ୍ ୟୁକ୍ରେନ ଆକାଶରୁ ବର୍ଷିଥିଲା ଶହ ଶହ ଋଷ ମିସାଇଲ୍ ଓ ଡ୍ରୋନ୍। ଗୋଟିଏ ପରେ ଗୋଟିଏ ଘାତକ ଆକ୍ରମଣରେ କେଇ ମୁହୂର୍ତ୍ତରେ ନଷ୍ଟ ହୋଇଯାଇଥିଲା ୟୁକ୍ରେନର ଭୂଖଣ୍ଡ। ମସ୍କୋ ପକ୍ଷରୁ ୬୫୦ରୁ ଅଧିକ ଡ୍ରୋନ୍ ଏବଂ ୭୩ଟି କ୍ଷେପଣାସ୍ତ୍ର ମାଡ଼ କରାଯାଇଛି। ଫେବୃଆରୀ ୨୦୨୨ରେ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଏହା ଅନ୍ୟତମ ବୃହତ୍ତମ ଆକ୍ରମଣ ବୋଲି କୁହାଯାଉଛି। ଏହି ଆକ୍ରମରେ ଅତିକମରେ ୧୮ ଜଣଙ୍କ ମୃତ୍ୟୁ ହୋଇଛି।ୟୁକ୍ରେନ ବାୟୁସେନା ସୂଚନା ଅନୁଯାୟୀ, ଆକ୍ରମଣରେ ୬୫୬ଟି ଡ୍ରୋନ୍ ଏବଂ ୭୩ଟି କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିଲା। ଏଥିରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ମଧ୍ୟ ସାମିଲ ଥିଲା, ଯାହାକୁ ଖସାଇବା ୟୁକ୍ରେନ ପ୍ରତିରକ୍ଷା ବାହିନୀ ପାଇଁ କଷ୍ଟସାଧ୍ୟ ହୋଇପଡ଼ିଥିଲା। ୟୁକ୍ରେନ ବାୟୁ ପ୍ରତିରକ୍ଷା ବ୍ୟବସ୍ଥା ୬୦୨ଟି ଡ୍ରୋନ୍ ଏବଂ ୪୦ଟି କ୍ଷେପଣାସ୍ତ୍ରକୁ ନଷ୍ଟ କରିବାରେ ସଫଳ ହୋଇଥିଲେ ହେଁ, ଅନେକ କ୍ଷେପଣାସ୍ତ୍ର କିଭ୍ ସମେତ ବିଭିନ୍ନ ସହରର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିକୁ ଧ୍ୱସ୍ତ କରିଦେଇଛି।ଏହି ଆକ୍ରମଣକୁ ୟୁକ୍ରେନର ବୈଦେଶିକ ମନ୍ତ୍ରୀ ଆନ୍ଦ୍ରି ସିବିଗା କଡ଼ା ଭାଷାରେ ନିନ୍ଦା କରିଛନ୍ତି। ସେ ରାଷ୍ଟ୍ରପତି ପୁଟିନଙ୍କୁ 'ଯୁଦ୍ଧ ଅପରାଧୀ' ବୋଲି ସମ୍ବୋଧନ କରି କହିଛନ୍ତି ଯେ, ଯୁଦ୍ଧକ୍ଷେତ୍ରରେ ହାର ମାନିବା ପରେ ମସ୍କୋ ବର୍ତ୍ତମାନ କେବଳ ଆତଙ୍କବାଦର ସାହାରା ନେଉଛି।ରାଷ୍ଟ୍ରପତି ଭୋଲୋଡିମିର ଜେଲେନସ୍କି ଏହି ଘଟଣାକୁ ପାଶ୍ଚାତ୍ୟ ଦେଶମାନଙ୍କ ପାଇଁ ଏକ ସତର୍କଘଣ୍ଟି ବୋଲି କହିଛନ୍ତି। ସେ ପୁଣିଥରେ ୟୁରୋପର ସୁରକ୍ଷା ପାଇଁ ଶକ୍ତିଶାଳୀ ଆଣ୍ଟି-ବାଲିଷ୍ଟିକ୍ ପ୍ରତିରକ୍ଷା ବ୍ୟବସ୍ଥା ଏବଂ ଆମେରିକାର ସାମରିକ ସହାୟତା, ବିଶେଷକରି ପାଟ୍ରିଅଟ୍ ଏୟାର-ଡିଫେନ୍ସ ସିଷ୍ଟମର ଗୁରୁତ୍ୱ ଉପରେ ଜୋର ଦେଇଛନ୍ତି।ଅନ୍ୟପକ୍ଷରେ, ରୁଷିଆ ଏହି ଆକ୍ରମଣକୁ ଏକ ସଫଳ ସାମରିକ ଅଭିଯାନ ବୋଲି ଦାବି କରିଛି। ମସ୍କୋର କହିବାନୁଯାୟୀ, ସେମାନେ କେବଳ ୟୁକ୍ରେନର ସାମରିକ-ଶିଳ୍ପ ଭିତ୍ତିଭୂମିକୁ ଟାର୍ଗେଟ କରିଥିଲେ ଏବଂ ଏଥିପାଇଁ ହାଇପରସୋନିକ୍ କ୍ଷେପଣାସ୍ତ୍ର ବ୍ୟବହାର କରାଯାଇଥିଲା। ତେବେ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିବା ଅଭିଯୋଗକୁ କ୍ରେମଲିନ୍ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛି।ଏହି ଭୟଙ୍କର ଆକ୍ରମଣ ପରେ ବର୍ତ୍ତମାନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି।

## ମୁହାଁମୁହିଁ ପିଟି ହେଲା ଦୁଇ ବସ୍: ୭ମୃତ

ସୁରଟ୍, ୨।୬: ଗୁଜରାଟର ସୁରଟ ସହର ନିକଟରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ମହାରାଷ୍ଟ୍ରର ଦୁଇଟି ବସ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ବର୍ତ୍ତମାନ ସୁଦ୍ଧା ୭ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ । ଦୁର୍ଘଟଣାରେ ଗୋଟିଏ ବସ ଭାଙ୍ଗିରୁଜି ଯାଇଥିବା ବେଳେ ଅନ୍ୟ ବସିରେ ନିଆଁ ଲାଗିଯାଇଛି । ସୂଚନା ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛି। ମିଳିଥିବା ସୂଚନା ଅନୁଯାୟୀ, ଏହି ଦୁର୍ଘଟଣା ସୁରଟର ବାର୍ଡୋଲି ଅଞ୍ଚଳରେ ଥିବା ଉବା ଗାଁ ନିକଟରେ ଘଟିଛି। ମହାରାଷ୍ଟ୍ର ଗାଡ଼ି ନମ୍ବର ଥିବା ଦୁଇଟି ବସ୍ ସାମ୍ନାସାମ୍ନି ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଗାଡ଼ି ଦୁଇଟିର ବେଗ ଅଧିକ ଥିବାରୁ ଦୁର୍ଘଟଣା ପରେ ଗୋଟିଏ ବସ ଭାଙ୍ଗିରୁଜି ଚୂରମାର ହୋଇଯାଇଛି। ଧକ୍କା ହେବା ପରେ ଅନ୍ୟ ବସଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା ଏବଂ ଏଥିରେ ନିଆଁ ଲାଗିଯାଇଛି । ଯାତ୍ରୀମାନଙ୍କୁ ବାହାର କରିବାକୁ ଏବଂ ନିଆଁ ଲିଭାଇବା ପାଇଁ ସ୍ଥାନୀୟ ଲୋକେ ଉଦ୍ୟମ କରିଥିଲେ।

## ଆମେରିକାରେ ଗୁଳିକାଣ୍ଡ :୭ ମୃତ

ନୂଆଦିଲ୍ଲୀ ୨ ।୬; ଆମେରିକାରେ ଭୟଙ୍କର ଘଟଣା ଘଟିଛି । ଆୟୋୱାର ସହରର ଅନେକ ସ୍ଥାନରେ ଗୁଳିକାଣ୍ଡ ଘଟଣା ସମ୍ପର୍କରେ ରିପୋର୍ଟ ସାମ୍ନାକୁ ଆସିଛି। ଏହି ଘଟଣାଗୁଡ଼ିକ ସମ୍ପର୍କରେ, ପୋଲିସ କହିଛି ଯେ ସହରର ବିଭିନ୍ନ ସ୍ଥାନରେ ଘଟିଥିବା ସିରିଜ ଗୁଳିକାଣ୍ଡରେ ଅତି କମରେ ସାତ ଜଣ ଲୋକ ପ୍ରାଣ ହରାଇଛନ୍ତି। ଏହା ବିଶ୍ୱାସ କରାଯାଏ ଯେ ଏହି ଘଟଣାଗୁଡ଼ିକ ଏକ ଘରୋଇ ବିବାଦରୁ ସୃଷ୍ଟି ହୋଇଥିଲା। ରିପୋର୍ଟ ଅନୁଯାୟୀ, ଯେତେବେଳେ ପୋଲିସ ଅଧିକାରୀମାନେ ସନ୍ଦିଗ୍ଧ ବନ୍ଧୁକଧାରୀଙ୍କ ସାମ୍ନାସାମ୍ନି ହେଲେ ସେ ନିଜକୁ ଗୁଳି କଲେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ପୋଲିସ ମୁଖ୍ୟଙ୍କ ଅନୁଯାୟୀ, ' ପ୍ରାୟ ୧୨ଟା ସମୟରେ ପୋଲିସ ଏକ କଲ୍ ଆସିଥିଲା।' ପରବର୍ତ୍ତୀ ସମୟରେ, ଏକ ଘର ଭିତରେ ୪ ଜଣ ପୀଡିତଙ୍କ ମୃତଦେହ ମିଳିଥିଲା। ପୋଲିସ ସନ୍ଦିଗ୍ଧ ବ୍ୟକ୍ତିଙ୍କ ବୟସ ୫୨ ବର୍ଷ ବୋଲି ଚିହ୍ନଟ କରାଯାଇଛି।

## ଜାପାନରେ ଟାଇଫୁନ୍ 'ଜାଙ୍ଗମି'ର ତାଣ୍ଡବ: ୯ ଆହତ



ଟୋକିଓ, ୨/୬: ଭୟଙ୍କର ଟାଇଫୁନ୍ ଜାଙ୍ଗମି ପୁଣି ଥରେ ଜାପାନରେ ତାଣ୍ଡବ ରଚିଛି। ମଙ୍ଗଳବାର ଅପରାହ୍ନ ସୁଦ୍ଧା ଏହି ଭୟଙ୍କର ଝଡ଼ ଯୋଗୁଁ ନଅ ଜଣ ଗୁରୁତର ଆହତ ହୋଇଛନ୍ତି। ଓକିନାୱା ଏବଂ କାଗୋଶିମା ପ୍ରଦେଶର ୪୭,୦୦୦ ରୁ ଅଧିକ ଘରକୁ ବିଦ୍ୟୁତ୍ ଯୋଗାଣ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ ହୋଇଛି। ପ୍ରବଳ ବର୍ଷା ଏବଂ ପ୍ରବଳ ପବନ ଜାପାନର ଅନେକ ଅଞ୍ଚଳରେ ଜୀବନକୁ ସମ୍ପୂର୍ଣ୍ଣ ଭାବରେ ବାଧାପ୍ରାପ୍ତ କରିଛି। ଜାପାନ ଟାଇମ୍ସ ରିପୋର୍ଟ କରିଛି ଯେ ଟାଇଫୁନ୍ ଦ୍ରୁତ ଗତିରେ କ୍ୟୁଶୁ ଅଞ୍ଚଳ ଆଡକୁ ମୁହାଁଇଛି। ମଙ୍ଗଳବାର ସକାଳ ସୁଦ୍ଧା, ଏହା କାଗୋସିମା ଦ୍ୱୀପର ୟାକୁସିମା ଦ୍ୱୀପରୁ ପ୍ରାୟ ୧୪୦ କିଲୋମିଟର ଦୂରରେ ଥିଲା। ଏହା ଘଣ୍ଟା ପ୍ରତି ୩୦ କିଲୋମିଟର ବେଗରେ ଉତ୍ତର-ପୂର୍ବ ଦିଗରେ ସ୍ଥିର ଭାବରେ ଗତି କରୁଛି। କର୍ତ୍ତୃପକ୍ଷ ବାସିନ୍ଦାଙ୍କୁ ସୁରକ୍ଷିତ ଅଞ୍ଚଳରେ ରହିବା ପାଇଁ ଏକ ଜରୁରୀ ଅପିଲ୍ ଜାରି କରିଛନ୍ତି। ପାଣିପାଗ ସଂସ୍ଥା ଅନୁଯାୟୀ, ଝଡ଼ର କେନ୍ଦ୍ରୀୟ ଚାପ ୯୭୫ ହେକ୍ଟୋପାସ୍କାଲ ରେକର୍ଡ କରାଯାଇଛି। ଝଡ଼ର କେନ୍ଦ୍ର ନିକଟରେ ପବନର ବେଗ ପ୍ରତି ସେକେଣ୍ଡରେ ୨୫ ମିଟରରେ ପହଞ୍ଚିଥିଲା।

## ବେଦାନ୍ତ ଗ୍ରୁପ୍ ଅଫିସରେ ଇଡି ଚଢ଼ାଉ

ନୂଆଦିଲ୍ଲୀ, ୨ ।୬: 'ବେଦାନ୍ତ ଗ୍ରୁପ' ଉପରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମଙ୍ଗଳବାର ବିଦେଶୀ ମୁଦ୍ରା ପରିଚାଳନା ଆଇନ (ଏଫଇଏମଏ) ର ନିୟମ ଉଲ୍ଲଂଘନ ଅଭିଯୋଗରେ ଇଡି ପକ୍ଷରୁ ବେଦାନ୍ତ ଗ୍ରୁପ ସହ ଜଡ଼ିତ ବିଭିନ୍ନ ପ୍ରତିଷ୍ଠାନ ଓ କାର୍ଯ୍ୟାଳୟରେ ଚଢ଼ାଉ କରାଯାଇଛି। ଅଧିକାରୀଙ୍କ ସୂଚନା ଅନୁଯାୟୀ, ଦେଶର ପ୍ରମୁଖ ସହର ଯେପରିକି ଦିଲ୍ଲୀ, ରାଜସ୍ଥାନ, ମୁମ୍ବାଇ ସମେତ ବେଦାନ୍ତ ଗ୍ରୁପର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାଳୟରେ ଏହି ସର୍ଚ୍ଚ ଅପରେଶନ କରାଯାଇଛି।

## ତ୍ୱିଶା ଶର୍ମା ମୃତ୍ୟୁ ମାମଲା

## ୧୪ ଦିନିଆ ନ୍ୟାୟିକ ହେପାଜତକୁ ଗଲେ ଶାଶୁ ଏବଂ ସ୍ୱାମୀ



ଭୋପାଳ, ୨।୬ : ତ୍ୱିଶା ଶର୍ମା ମୃତ୍ୟୁ ମାମଲାରେ ଭୋପାଳ ଜିଲ୍ଲା ଅଦାଲତ ଶାଶୁ ତଥା ପୂର୍ବତନ ଜଜ୍ ଗିରିବାଳା ସିଂହ ଏବଂ ତାଙ୍କ ପୁଅ ସମର୍ଥଙ୍କୁ ୧୬ ଜୁନ୍ ଯାଏଁ ନ୍ୟାୟିକ ହେପାଜତକୁ ପଠାଇବାକୁ ଆଦେଶ ଦେଇଛନ୍ତି। ସେସନ ଜଜ ଶୋଭନା ଭାଲବି ଅଦାଲତରେ ଏହି ନିଷ୍ପତ୍ତି ନେଇଛନ୍ତି। ଏହା ପୂର୍ବରୁ ଜୁନ୍ ୨୯ରେ ଦୁହିଁଙ୍କ ରିମାଣ୍ଡକୁ ଶେଷ କରିଥିଲେ। ସିବିଆଇ ଗତ ଗୁରୁବାର ଭୋପାଳର କଟାରା ହିଲ୍ସ ସ୍ଥିତ ଗିରିବାଳାଙ୍କ ଘରେ ୭ ଘଣ୍ଟାରୁ ଅଧିକ ସମୟ ପଚରାଉଚରା କରିବା ପରେ ଗିରଫ କରିଥିଲା। ମଧ୍ୟପ୍ରଦେଶ ହାଇକୋର୍ଟ ଗିରିବାଳାଙ୍କ ଅନ୍ତରୀଣ ଜାମିନ ଯାଚିକା ଖାରଜ କରିବା ପରେ ସିବିଆଇ ତାଙ୍କୁ ଗିରଫ କରିଥିଲା । ସମର୍ଥ ସିଂହ ୧୨ ମଇରେ ତ୍ୱିଶାଙ୍କ ମୃତ୍ୟୁ ପରେ ପ୍ରାୟ ୧ ସପ୍ତାହ ଫେରାର ହେବା ପରେ ଜବଲପୁରରେ ଆତ୍ମସମର୍ପଣ କରିଥିଲେ । ସମର୍ଥଙ୍କୁ ପୂର୍ବରୁ ଭୋପାଳ ଜୁଡିସିଆଲ ମାଜିଷ୍ଟ୍ରେଟ୍ ପ୍ରଥମ ଶ୍ରେଣୀ କୋର୍ଟରେ ହାଜର କରାଯାଇଥିଲା । ଏହାପରେ ଅଦାଲତ ୨୯ ମଇ ଯାଏଁ ହେପାଜତକୁ ପଠାଇଥିଲେ । ମଧ୍ୟପ୍ରଦେଶ ସରକାରଙ୍କ ସୁପାରିଶ ପରେ ସିବିଆଇକୁ ଯାଞ୍ଚ ଆଦେଶ ଦିଆଯାଇଥିଲା ।

## ନେପାଳ ପ୍ରଧାନମନ୍ତ୍ରୀଙ୍କ ତୃତୀୟ ପକ୍ଷ ହସ୍ତକ୍ଷେପ ପ୍ରସ୍ତାବକୁ ଭାରତର ବିରୋଧ



ନୂଆଦିଲ୍ଲୀ, ୨।୬: ଭାରତ ଏବଂ ନେପାଳ ମଧ୍ୟରେ ଥିବା ସୀମା ବିବାଦକୁ ନେଇ ନେପାଳ ପ୍ରଧାନମନ୍ତ୍ରୀଙ୍କର ତୃତୀୟ ପକ୍ଷ ମଧ୍ୟସ୍ଥତା ପ୍ରସ୍ତାବକୁ ଭାରତ ତୀବ୍ର ବିରୋଧ କରିଛି। ଦୁଇ ଦେଶର ସୀମା ବିବାଦରେ କୌଣସି ତୃତୀୟ ପକ୍ଷର ହସ୍ତକ୍ଷେପ ହୋଇପାରିବ ନାହିଁ ବୋଲି ଭାରତ କହିଛି। ବଲେନ୍ଦ୍ର ସାହଙ୍କ ଏହି ଆଭିମୁଖ୍ୟକୁ ଭାରତ ସରକାର ସମ୍ପୂର୍ଣ୍ଣ ରୂପେ ପ୍ରତ୍ୟାଖ୍ୟାନ କରିଛନ୍ତି। ନେପାଳର ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର (ବାଲେନ) ଶାହା ନିକଟରେ ସୀମା ବିବାଦ ସମାଧାନ ପାଇଁ ଚୀନ୍ ଏବଂ ବ୍ରିଟେନର ସହଯୋଗ ଲୋଡିବା କଥା କହିଥିଲେ। ଏହାର ଦୁଇ ଦିନ ପରେ ଭାରତ ପକ୍ଷରୁ ଏହି ପ୍ରତିକ୍ରିୟା ଆସିଛି। ନେପାଳ ପ୍ରଧାନମନ୍ତ୍ରୀ ସଂସଦରେ କହିଥିଲେ ଯେ କାଠମାଣ୍ଡୁ କେବଳ ସୀମା ବିବାଦ ବିଷୟରେ ଭାରତ ସହିତ କଥାବାର୍ତ୍ତା କରୁନାହିଁ ବରଂ ବେଜିଂ ଏବଂ ଲଣ୍ଡନ ସହିତ ମଧ୍ୟ ଯୋଗାଯୋଗରେ ଅଛି।ଏହାର ଦୁଇ ଦିନ ପରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସ୍ୱାଲ ସାପ୍ତାହିକ ସାମ୍ବାଦିକ ସମ୍ମିଳନୀରେ ସ୍ପଷ୍ଟ କରିଛନ୍ତି ଯେ, ଭାରତ ଏବଂ ନେପାଳ ମଧ୍ୟରେ ସୀମା ସମ୍ବନ୍ଧୀୟ ସମସ୍ତ ବିଷୟ ସମାଧାନ ପାଇଁ ଦ୍ୱିପାକ୍ଷିକ ବ୍ୟବସ୍ଥା ରହିଛି। ସେ କହିଛନ୍ତି ଯେ, ଉଭୟ ଦେଶ ମଧ୍ୟରେ ପ୍ରାୟ ୯୮ ପ୍ରତିଶତ ସୀମା ଚିହ୍ନଟ କାର୍ଯ୍ୟ ଶେଷ ହୋଇସାରିଛି। ଜୟସ୍ୱାଲ ଦୋହରାଇଛନ୍ତି ଯେ, ଭାରତ ଓ ନେପାଳର ଏହି ଦ୍ୱିପାକ୍ଷିକ ପ୍ରସଙ୍ଗରେ କୌଣସି ତୃତୀୟ ପକ୍ଷର ଭୂମିକା ନାହିଁ।

# ଫୋନ୍‌ରେ ନେତାନ୍ୟାହୁଙ୍କୁ 'ପାଗଳ' କହିଲେ ଡୋନାଲ୍ଡ ଟ୍ରମ୍ପ



ୱାଶିଂଟନ, ୨।୬: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତନ୍ୟାହୁଙ୍କ ମଧ୍ୟରେ ସୋମବାର ଏକ ଫୋନ୍ କଲ୍ ସମୟରେ ଯୁକ୍ତିତର୍କ ଓ ତିକ୍ତତା ଦେଖିବାକୁ ମିଳିଛି। ଲେବାନନ୍‌ରେ ଇସ୍ରାଏଲର କ୍ରମାଗତ କାର୍ଯ୍ୟାନୁଷ୍ଠାନ ଏବଂ ସେଠାରେ ବ୍ୟାପକ କ୍ଷୟକ୍ଷତିକୁ ନେଇ ଟ୍ରମ୍ପ ଅତ୍ୟନ୍ତ କ୍ଷୋଭ ପ୍ରକାଶ କରିଛନ୍ତି। ଟ୍ରମ୍ପ କାର୍ଯ୍ୟଭାର ଗ୍ରହଣ କରିବା ପରେ ଦୁଇ ନେତାଙ୍କ ମଧ୍ୟରେ ଏହା ସବୁଠାରୁ ଜଟିଳ କଥାବାର୍ତ୍ତା ଥିଲା ବୋଲି ଜଣାପଡ଼ିଛି। ଆମେରିକା ପ୍ରଶାସନର ସୂତ୍ର ଅନୁଯାୟୀ, ଟ୍ରମ୍ପ ନେତନ୍ୟାହୁଙ୍କୁ 'ପାଗଳ' କହିବା ସହ ଅକୃତଜ୍ଞ ବୋଲି ଆରୋପ ଲଗାଇଛନ୍ତି। ଟ୍ରମ୍ପ ନେତନ୍ୟାହୁଙ୍କୁ କଡ଼ା ଭାଷାରେ କହିଛନ୍ତି, 'ତୁମେ ସମ୍ପୂର୍ଣ୍ଣ ପାଗଳ ହୋଇଯାଇଛ। ଯଦି ମୁଁ ନଥାନ୍ତି, ତେବେ ତୁମେ ଆଜି ଜେଲ୍‌ରେ ଥାଆନ୍ତ। ଏହି ଆକ୍ରମଣ ଯୋଗୁଁ ଏବେ ବିଶ୍ୱର ସମସ୍ତେ ତୁମକୁ ଏବଂ ଇସ୍ରାଏଲକୁ ଘୃଣା କରୁଛନ୍ତି। 'ଲେବାନନ୍‌ର ରାଜଧାନୀ ବେରୁତ୍ ଉପରେ ବଡ଼ ଧରଣର ଏୟାରଷ୍ଟ୍ରାଇକ୍ କରିବା ପାଇଁ ଇସ୍ରାଏଲ ପ୍ରସ୍ତୁତ କରିଥିବା ଯୋଜନାକୁ ଟ୍ରମ୍ପ ସମ୍ପୂର୍ଣ୍ଣ ଭାବେ ରୋକି ଦେଇଛନ୍ତି। ଟ୍ରମ୍ପଙ୍କ ଏହି କଡ଼ା ଆଭିମୁଖ୍ୟ ଓ ହସ୍ତକ୍ଷେପ ପରେ ଇସ୍ରାଏଲ୍ ବର୍ତ୍ତମାନ ବେରୁତ୍ ଉପରେ ହାମଲା କରିବାର ଯୋଜନାରୁ ଓହରି ଯାଇଛି। ଟ୍ରମ୍ପ ସ୍ୱୀକାର କରିଛନ୍ତି ଯେ ହିଜବୁଲ୍ଲା ଇସ୍ରାଏଲ ଉପରେ ରକେଟ୍ ମାଡ଼ କରୁଛି ଏବଂ ଇସ୍ରାଏଲର ନିଜକୁ ରକ୍ଷା କରିବାର ସମ୍ପୂର୍ଣ୍ଣ ଅଧିକାର ଅଛି। ମାତ୍ର ନେତନ୍ୟାହୁ ଆବଶ୍ୟକତାଠାରୁ ଢେର ଅଧିକ ଆକ୍ରମଣ କରୁଛନ୍ତି ବୋଲି ସେ କହିଛନ୍ତି। ବିଶେଷ କରି ଲେବାନନ୍‌ରେ ସାଧାରଣ ନାଗରିକଙ୍କ ମୃତ୍ୟୁ ଏବଂ କେବଳ ଜଣେ ହିଜବୁଲ୍ଲା କମାଣ୍ଡରକୁ ଟାର୍ଗେଟ୍ କରି ସମ୍ପୂର୍ଣ୍ଣ ଅଞ୍ଚଳ ଧ୍ୱଂସ କରିବା ନୀତିକୁ ଟ୍ରମ୍ପ ଦୃଢ଼ ବିରୋଧ କରିଛନ୍ତି। ଲେବାନନ୍‌ରେ ଇସ୍ରାଏଲର ଏହି ଆକ୍ରମଣାତ୍ମକ ମନୋଭାବ ଯୋଗୁଁ ଇରାନ ଆମେରିକା ସହ ଚାଲିଥିବା ଆନ୍ତର୍ଜାତୀୟ ଆଲୋଚନାକୁ ବନ୍ଦ କରିବାକୁ ଚେତାବନୀ ଦେଇଥିଲା। ମାତ୍ର ନେତନ୍ୟାହୁଙ୍କ ସହ କଥା ହେବା ପରେ ଟ୍ରମ୍ପ ସୋସିଆଲ ମିଡିଆ 'ଟ୍ରୁଥ୍ ସୋସିଆଲ୍'ରେ ପୋଷ୍ଟ କରି ଜଣାଇଛନ୍ତି ଯେ ଇରାନ ସହ ଆମେରିକାର ଆଲୋଚନା ଦ୍ରୁତ ଗତିରେ ଜାରି ରହିଛି। ଆମେରିକା ଓ ଇରାନ ମଧ୍ୟରେ ପ୍ରସ୍ତୁତ ହେଉଥିବା ଚୁକ୍ତିପତ୍ରରେ ଲେବାନନ୍‌ରେ ଯୁଦ୍ଧ ଶେଷ କରିବାର ପ୍ରାବଧାନ ମଧ୍ୟ ରହିଛି। ଫୋନ୍ କଲ୍‌ରେ ଟ୍ରମ୍ପଙ୍କ ନିଷ୍ପତ୍ତି ଆଗରେ ନେତନ୍ୟାହୁଙ୍କୁ ମୁଣ୍ଡ ନୁଆଇଁବାକୁ ପଡ଼ିଥିଲେ ମଧ୍ୟ ପରେ ସେ ସାର୍ବଜନୀନ ବୟାନ ଦେଇଛନ୍ତି ଯେ, ଯଦି ହିଜବୁଲ୍ଲା ଆକ୍ରମଣ ଜାରି ରଖେ ତେବେ ଇସ୍ରାଏଲ୍ ବେରୁତ୍ ଉପରେ ହାମଲା କରିବ ଏବଂ ଦକ୍ଷିଣ ଲେବାନନ୍‌ରେ ସେମାନଙ୍କର ସୈନ୍ୟ ଅପରେସନ ପୂର୍ବଭଳି ଜାରି ରହିବ।

## ବିଟେକ୍ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରର ମେଣ୍ଢାଶାଳ ଫାଣ୍ଡି ଅଧୀନ ଛତାବର ଅଞ୍ଚଳରେ ଏକ ଘରୋଇ ଇଞ୍ଜିନିୟରିଂ କଲେଜର କ୍ଲାସ୍ ରୁମ୍ ଭିତରୁ ଜଣେ ବିଟେକ୍ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। ମୃତ ଛାତ୍ର ଜଣଙ୍କ ହେଉଛନ୍ତି ସୁବାଶିଷ ପରିଜିତ। ସେ କେନ୍ଦ୍ରାପଡ଼ା ଜିଲ୍ଲାର ବାସିନ୍ଦା ବୋଲି ଜଣାପଡିଛି। ମିଳିଥିବା ସୂଚନାରୁ ଜଣାପଡିଛି ଯେ,ମଙ୍ଗଳବାର ସକାଳେ କଲେଜ କର୍ତ୍ତୃପକ୍ଷ ଏବଂ ଛାତ୍ରମାନେ କ୍ଲାସ୍ ରୁମ୍ ଭିତରେ ସୁବାଶିଷଙ୍କ ମୃତଦେହ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ତୁରନ୍ତ ସୂଚନା ଦେବା ପରେ ମେଣ୍ଢାଶାଳ ପୋଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ପୋଲିସ୍ ଘଟଣାର ତଦନ୍ତ ଆରମ୍ଭ କରିଛି। ସୁବାଶିଷ ପରିଜିତ ଉକ୍ତ ଘରୋଇ କଲେଜରେ ବିଟେକ୍ ପଢୁଥିଲେ। ପରିବାରର ସୂଚନା ଅନୁସାରେ ସେ କେନ୍ଦ୍ରାପଡ଼ାରୁ ପଢ଼ିବା ପାଇଁ ଭୁବନେଶ୍ୱର ଆସିଥିଲେ। ଘଟଣା ସମ୍ପର୍କରେ ଏ ପର୍ଯ୍ୟନ୍ତ କୌଣସି ସ୍ପଷ୍ଟ କାରଣ ଜଣାପଡ଼ିନାହିଁ। ପୋଲିସ୍ କହିଛି ଯେ, ମୃତଦେହ ଉଦ୍ଧାର ପରେ ପୋଷ୍ଟମର୍ଟମ୍ ପାଇଁ ପଠାଯାଇଛି। ସେହିପରି କ୍ଲାସ୍ ରୁମ୍ ଏବଂ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଉଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ, ଛାତ୍ରଙ୍କ ଆତ୍ମହତ୍ୟା ହୋଇଥିବା ସମ୍ଭାବନା ରହିଛି। ତଥାପି ପୋଲିସ୍ ହତ୍ୟା ସହ ଜଡ଼ିତ କୌଣସି ଆଙ୍ଗଲ୍ ମଧ୍ୟ ଯାଞ୍ଚ କରୁଛି। ମୃତଦେହର କୌଣସି ଆଘାତ ଚିହ୍ନ ଦେଖାଯାଉଛି କି ନାହିଁ ତାହା ପୋଷ୍ଟମର୍ଟମ୍ ରିପୋର୍ଟ ପରେ ସ୍ପଷ୍ଟ ହେବ। ଏନେଇ ମେଣ୍ଢାଶାଳ ଫାଣ୍ଡି ଅଧିକାରୀ କହିଛନ୍ତି ଯେ, "ଆମେ ପୂର୍ଣ୍ଣ ତଦନ୍ତ କରୁଛୁ। କୌଣସି କିଛି ଲୁଚାଯିବ ନାହିଁ। ପୋଷ୍ଟମର୍ଟମ୍ ରିପୋର୍ଟ ଏବଂ ସିସିଟିଭି ଫୁଟେଜ୍ ଆଧାରରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏହି ଘଟଣା ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରମାନଙ୍କ ମାନସିକ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ପ୍ରତି ପୁନଃ ପ୍ରଶ୍ନ ଉଠାଇଛି।

## ରାସ୍ତା କଡ଼ରେ ପାର୍କିଂ ଏବଂ ମଦ ପିଇଲେ ଦେବାକୁ ପଡ଼ିବ ଫାଇନ

ଜୟପୁର: ଜୟପୁର ସହରର ଟ୍ରାଫିକ ସମସ୍ୟାରେ ସୁଧାର ଆଣିବା ପାଇଁ ଉପଜିଲ୍ଲାପାଳ ଜୁନ ୧ ତାରିଖ ଠାରୁ କଡ଼ା ପଦକ୍ଷେପ ନେବା ପାଇଁ ଯେଉଁ ନୋଟିସ ଜାରି କରିଥିଲେ ସେନେଇ ଆଜି ଟାଉନ ପୁଲିସ ପକ୍ଷରୁ ରାସ୍ତା ପାର୍ଶ୍ୱ ବସ ପାର୍କିଂସ୍କୁନେଇ ପଦକ୍ଷେପ ନିଆଯାଇଛି। ଆଜି ସକାଳୁ ଏସ୍ଡିପିଓ ଅର୍ଚ୍ଚିତା ମିତଲ ଓ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ଉପସ୍ଥିତ ରହି ରାସ୍ତା କଡରେ ଥିବା ସମସ୍ତ ଗାଡି ଗୁଡିକୁ ଉଠାଇବା ସହ ରାସ୍ତାକଡରେ ମଦ ନ ପିଇବାକୁ ତାଗିଦ କରିଥିଲେ। ପାରାବେଡା ଏବଂ ପୁରୁଣା ବସଷ୍ଟାଣ୍ଡ ଅଂଚଳରେ ଯାତ୍ରୀବାହୀ ବସ୍ଗୁଡ଼ିକର ବେଆଇନ ପାର୍କିଂ ଓ ଯାତ୍ରୀ ଉଠାଇବା ନେଇ ଏସଡିପିଓଙ୍କ ରିପୋର୍ଟ ଆଧାରରେ ଉପଜିଲ୍ଲାପାଳ ଯଦୁମଣି ନାୟକ ନିଷେଧାଦେଶ ଜାରୀ କରିଥିଲେ। ଉପଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶନାମା ୬୦ଦିନ ପର୍ଯ୍ୟନ୍ତ ବଳବତର ରହିବାକୁ ନୋଟିସ କରାଯାଇଛି। ଯଦି କେହି ଏହାକୁ ଉଲ୍ଲଂଘନ କରନ୍ତି ତେବେ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଆଦେଶକୁ କଡାକଡି ଭାବେ ପାଳିବା ପାଇଁ ଟାଉନଥାନା ଅଧିକାରୀ ଉଲ୍ଲାସ ରାଉତ ପ୍ରକାଶ କରିଛନ୍ତି।

### ୧ ଲକ୍ଷ ଟଙ୍କା ବଦଳରେ ଛାତ୍ରଙ୍କ ମୁଣ୍ଡ ଜାମିନ

# ୩ ଘଣ୍ଟାରେ ଅପହୃତା ଉଦ୍ଧାର

- ୪ ଅପହରଣକାରୀ ଛାତ୍ର ଗିରଫ
- ୫୦ ହଜାର ଟଙ୍କା ଓ ମାରଣାସ୍ତ୍ର ଜବତ
- ଦାଦାବଟି ଆଦାୟ ଉଦ୍ଦେଶ୍ୟରେ ଅପହରଣ

ଭୁବନେଶ୍ୱର(ନିପ୍ର): ଜଣେ ବି-ଫାର୍ମ ଛାତ୍ରଙ୍କୁ ଅପହରଣ କରିବା ଏବଂ ତାଙ୍କ ମୁଣ୍ଡ ଜାମିନ ବଦଳରେ ୧ ଲକ୍ଷ ଟଙ୍କା ଦାବି କରିବା ମାମଲାର ତଦନ୍ତ କରି ଭରତପୁର ଥାନା ପୋଲିସ ଅଭିଯୋଗର ମାତ୍ର ୩ ଘଣ୍ଟା ମଧ୍ୟରେ ଅପହୃତାଙ୍କୁ ଉଦ୍ଧାର କରିବାରେ ସଫଳ ?ହାଇଛି। ଏଥିସହ ପୋଲିସ ଏହି ଅପହରଣ ମାମଲାରେ ସମ୍ପୃକ୍ତ ଥିବା ୪ ଜଣ ଛାତ୍ରଙ୍କୁ ଗିରଫ କରିଥିବା ବେଳେ ତାଙ୍କ ପାଖରୁ ନଗଦ ୫୦ ହଜାର ଟଙ୍କା ଏବଂ ମାରଣାସ୍ତ୍ରକୁ ଜବତ କରିଛି। ଏନେଇ ବିଶ୍ୱଜିତ ପ୍ରଧାନ ନାମକ ଜଣେ ଛାତ୍ର ଭରତପୁର ଥାନାରେ ମଙ୍ଗଳବାର ଅପରାହ୍ଣ ୧ଟା ବେଳେ ଅଭିଯୋଗ କରିଥିଲେ। ଏହି ମାମଲାରେ ପୋଲିସ ଜଗତସିଂହପୁର ଜିଲ୍ଲା ତିରତୋଲ ଥାନା ଅନ୍ତର୍ଗତ ସିଂହାରପୁର, ଦିହା ସାହିର ସନ୍ଦୀପ କୁମାର ରାଉତ, ଏରସମା ଘୋରାଡିଆ ପାଟଣା, ଥାନା ଅଞ୍ଚଳର ରିତିକ ମୁଦୁଲି (୨୨), ଡୁମୁଡୁମା ଜଗନ୍ନାଥ ମନ୍ଦିର ନିକଟସ୍ଥ ଶୁଭମ ପ୍ରଧାନ (୨୦) ଓ ଭରତପୁର ଥାନା ଅନ୍ତର୍ଗତ ସନ୍ତୋଷୀ ନଗର ବସ୍ତିର ବିଶ୍ୱାସ ନାୟକ (୨୪)ଙ୍କୁ ଗିରଫ କରିଛି। ଏହି ମାମଲାରେ ସମ୍ପୃକ୍ତ ଥିବା ଅନ୍ୟ ଛାତ୍ରମାନଙ୍କୁ ଗିରଫ କରିବାକୁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖ ?ଥିବା ଜୋନ ୩ ଏସିପି ପ୍ରଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି। ସୂଚନାଥାଉ କି, ମଙ୍ଗଳବାର ଦିନ ପ୍ରାୟ ୧ଟା ସମୟରେ ଭରତପୁର ଥାନାରେ ସୂଚନା ମିଳିଥିଲା ଯେ, ଶିକ୍ଷା 'ଓ' ଅନୁସନ୍ଧାନ ବିଶ୍ୱବିଦ୍ୟାଳୟର ଜଣେ ଚତୁର୍ଥ ବର୍ଷ ବି.ଏସ୍.ସି. ନର୍ସିଂ ଛାତ୍ରଙ୍କୁ କଲେଜ କ୍ୟାମ୍ପସରୁ କିଛି ଅଜଣା ବ୍ୟକ୍ତି ଅପହରଣ କରି ମୁକ୍ତିପଣ ଦାବି କରୁଛନ୍ତି। ସୂଚନା ପାଇବା ପରେ ବିଷୟଟି ତୁରନ୍ତ ଭୁବନେଶ୍ୱର ଡିସିପିଙ୍କ ନଜରକୁ ଅଣାଯାଇଥିଲା। ଡିସିପି ଭରତପୁର ଥାନା ଅଧିକାରୀ, ସ୍ପେଶାଲ୍ ସ୍କ୍ୱାଡ୍ ଏବଂ ବୈଷୟିକ କର୍ମଚାରୀମାନଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିଥିଲେ। ଏହି ଟିମ୍ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଥିଲା। ଉନ୍ନତ ବୈଷୟିକ ସହାୟତା, କଲ୍ ଡିଟେଲ୍ ରେକର୍ଡ (ସିଡିଆର)ଓ କଲେଜ କ୍ୟାମ୍ପସ ଏବଂ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ୍ ବିଶ୍ଳେଷଣ ମାଧ୍ୟମରେ ପୀଡ଼ିତ ଏବଂ ସନ୍ଦିଗ୍ଧମାନଙ୍କ ଗତିବିଧିକୁ ଚିହ୍ନଟ କରାଯାଇଥିଲା। ବୈଷୟିକ ସୂତ୍ର ଆଧାରରେ ଟିମ୍ ଆୟୁର୍ବେଦିକ କଲେଜ ନିକଟ ଲେନ୍-୨ ରେ ଥିବା ଏକ ଭଡ଼ା ଘର ଉପରେ ଚଢ଼ଉ କରିଥିଲା ଏବଂ ଘଟଣାର ମାତ୍ର ଦୁଇ ଘଣ୍ଟା ମଧ୍ୟରେ ପୀଡ଼ିତ ଛାତ୍ରଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲା। ଅଭିଯାନ ସମୟରେ ଅପହରଣକାରୀମାନେ ଦାବି କରିଥିବା ସମ୍ପୂର୍ଣ୍ଣ ୫୦,ହଜାର ଟଙ୍କା ଜବତ କରାଯାଇଥିଲା। ଅପହରଣ ଓ ଚାନ୍ଦାବାଜି ଘଟଣାରେ ସମ୍ପୃକ୍ତ ଚାରିଜଣ ଅଭିଯୁକ୍ତଙ୍କୁ ଘଟଣାସ୍ଥଳରୁ ଗିରଫ କରାଯାଇଥିଲା। ଅପରାଧ ସଂଘଟନରେ ବ୍ୟବହୃତ ଯାନକୁ ମଧ୍ୟ ଜବତ କରାଯାଇଥିଲା। ସେମାନଙ୍କ ନିକଟରୁ ଅନ୍ୟାନ୍ୟ ଅପରାଧ ସମ୍ବନ୍ଧୀୟ ସାମଗ୍ରୀ ମଧ୍ୟ ଜବତ ହୋଇଥିଲା। ପୀଡ଼ିତଙ୍କୁ ତୁରନ୍ତ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା ଏବଂ ତାଙ୍କର ବୟାନ ରେକର୍ଡ କରାଯାଇଥିଲା। ଭରତପୁର ଥାନାରେ ଏହି ମାମଲା ରୁଜୁ କରାଯାଇଛି ଏବଂ ଏହା ପଛରେ ଆହୁରି କୌଣସି ବଡ଼ ଷଡଯନ୍ତ୍ର ରହିଛି କି ନାହିଁ ତାହାର ତଦନ୍ତ ଚାଲିଛି। ୟୁପିଡି, ଭୁବନେଶ୍ୱରର ତ୍ୱରିତ ଓ ସମନ୍ୱିତ ପଦକ୍ଷେପ ଫଳରେ ପୀଡ଼ିତଙ୍କୁ ସମୟୋପଯୋଗୀ ଭାବେ ଉଦ୍ଧାର କରାଯିବା ସହ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇପାରିଛି।

### କବିସୂର୍ଯ୍ୟନଗର ହାଜତ ମୃତ୍ୟୁ ଘଟଣା

## ଅଭିଯୁକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ କରାଯାଉ: ବିଜେଡି

ଭୁବନେଶ୍ୱର: ଗଞ୍ଜାମ ଜିଲ୍ଲା କବିସୂର୍ଯ୍ୟନଗର ଥାନାରେ ଜଣେ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କ ସନ୍ଦେହଜନକ ହାଜତ ମୃତ୍ୟୁ ଘଟଣା ନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଶ୍ରୀ ଭୃଗୁ ବକ୍ସିପାତ୍ର କହିଥିଲେ ଯେ, ମେ ୨୧ ତାରିଖରେ କବିସୂର୍ଯ୍ୟନଗର ଥାନାରେ ଏକ ବେଆଇନ ଖଣି ଖନନ ମାମଲା ରୁଜୁ ହୋଇଥିଲା । ଏହି ମାମଲାରେ ଶାସକ ଦଳର କିଛି ବ୍ୟକ୍ତିଙ୍କ ନାମ ରହିଥିଲା । କିନ୍ତୁ ପୋଲିସ୍ ସେମାନଙ୍କୁ ପଚାରିବାକୁ ସାହାସ ଜୁଟାଇ ନ ପାରି ନିରୀହ ଭିନ୍ନକ୍ଷମ ଯୁବକ ସୁଶାନ୍ତ ସାହୁଙ୍କୁ ଥାନାକୁ ଡକାଇ ଦୀର୍ଘ ୬ ଦିନ ଧରି ଅମାନବୀୟ ନିର୍ଯାତନା ଦେଇଥିଲା । ମୃତ ସୁଶାନ୍ତ ସାହୁଙ୍କ ପରିବାର ସଦସ୍ୟଙ୍କ ବୟାନ ଅନୁଯାୟୀ, ସୁଶାନ୍ତଙ୍କ ନାମରେ କୌଣସି ଏଫ୍ଆଇଆର ନଥିବା ସତ୍ତ୍ୱେ ଥାନାରେ ତାଙ୍କୁ ପ୍ରବଳ ମାଡ଼ ମାରି ତାଙ୍କ ଶରୀର ଉପରେ ଲଙ୍କାଗୁଣ୍ଡ ଓ ଗରମ ପାଣି ପକାଇ ଥାର୍ଡଡିଗ୍ରୀ ପ୍ରୟୋଗ କରିଥିଲା ପୋଲିସ୍ । ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିଲା ଓ ଏମକେସିଜି ମେଡିକାଲରେ ପହଞ୍ଚିବା ପୂର୍ବରୁ ତାଙ୍କ ମୃତ୍ୟୁ ଘଟିଥିଲା । ଘଟଣାକୁ ଦୁଇ ଦିନରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ସମ୍ପୃକ୍ତ ପୋଲିସ୍ ଅଧିକାରୀଙ୍କ ବିରୋଧରେ କୌଣସି ଏଫ୍ଆଇଆର ରୁଜୁ କରାଯାଇନାହିଁ । କିଛି କର୍ମଚାରୀଙ୍କୁ ନିଲମ୍ବନ ଓ ବଦଳି କରିଦେଇ ଚୁପ୍ ହୋଇ ବସିରହିଛନ୍ତି ରାଜ୍ୟ ସରକାର ।

## ସୌମ୍ୟ ହତ୍ୟା ମାମଲା: ଗିରଫ ସଂଖ୍ୟା ୧୮କୁ ବୃଦ୍ଧି

- ଆଉ ଜଣକୁ କ୍ରାଇମବ୍ରାଞ୍ଚ ଢେଙ୍କାନାଳରୁ ଧରିଲା
- ଘଟଣାସ୍ଥଳରେ ଏନ୍ଏଚଆରସି ଟିମ୍‌ର ଯାଞ୍ଚ

କଟକ/ଭୁବନେଶ୍ୱର(ନିପ୍ର): ବାଲିଅନ୍ତା ସୌମ୍ୟ ରଞ୍ଜନ ହତ୍ୟା ମାମଲାରେ ପୁଣି ଜଣେ ଗିରଫ। ଘଟଣାର ତଦନ୍ତ କରୁଥିବା କ୍ରାଇମବ୍ରାଞ୍ଚ ଢେଙ୍କାନାଳରୁ ମଙ୍ଗଳବାର ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାଁ ପ୍ରଦୀପ ମଙ୍ଗରାଜ ଓରଫ ଦିପୁ। ତାଙ୍କ ଘର ବାଲିଅନ୍ତା ଅନ୍ତର୍ଗତ ବେଣୁପୁର ବୋଲି ଦର୍ଶାଯାଇଛି। ଏହି ଗିରଫଦାରୀ ସହ ମୋଟ ଗିରଫ ସଂଖ୍ୟା ୧୮କୁ ବୃଦ୍ଧି ପାଇଛି। ମାମଲାରେ ତଦନ୍ତ ଏବେ ବି ଚାଲିଛି ଏବଂ ଅନ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିବାକୁ କ୍ରାଇମବ୍ରାଞ୍ଚ ଉଦ୍ୟମ ଜାରି ରଖିଥିବା ଡିଆଇଜି କହିଛନ୍ତି। ସୂଚନାଯୋଗ୍ୟ, ମେ' ୭ ତାରିଖ ଦିନ ଭୁବନେଶ୍ୱର ନିକଟସ୍ଥ ବାଲିଅନ୍ତା ଥାନା ଅଞ୍ଚଳରେ ଏହି ଘଟଣା ଘଟିଥିଲା। ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁ (୩୨) ଜଣେ ମହିଳାଙ୍କୁ ଅସମ୍ମାନିତ କରିବାର ଅଭିଯୋଗରେ ସ୍ଥାନୀୟ ଲୋକଙ୍କ ଏକ ଭିଡ଼ ତାଙ୍କୁ ପିଟିପିଟି ହତ୍ୟା କରିଥିଲା ବୋଲି ଅଭିଯୋଗ ହୋଇଥିଲା। ଏହି ଘଟଣା ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଥିଲା ଏବଂ ଆଇନ୍ ଶୃଙ୍ଖଳା ନେଇ ପ୍ରଶ୍ନ ଉଠାଇଥିଲା। ଘଟଣାର ତଦନ୍ତ ପାଇଁ କ୍ରାଇମ୍ ବ୍ରାଞ୍ଚକୁ ଦାୟିତ୍ୱ ଦିଆଯାଇଥିଲା। ତଦନ୍ତରୁ ଜଣାପଡ଼ିଛି ଯେ ସ୍ଥାନୀୟ ଲୋକ ସହିତ ବାହାର ଅଞ୍ଚଳର ମିସ୍କ୍ରିଆଣ୍ଟ ମଧ୍ୟ ଏଥିରେ ସମ୍ପୃକ୍ତ ଥିଲେ। କ୍ରାଇମ୍ ବ୍ରାଞ୍ଚ ଡିଜି ପୂର୍ବରୁ ସମସ୍ତ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିବା କହିଥିଲେ। ସେପଟେ ବାଲିଅନ୍ତାରେ ଜିଆରପି କନଷ୍ଟେବଳ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ମୋବ୍ ଲିଞ୍ଚିଂ ହତ୍ୟାକାଣ୍ଡର ତଦନ୍ତ ଜାରି ରହିଛି। ଜାତୀୟ ମାନବାଧିକାର ଆୟୋଗ (ଏନଏଚଆରସି) ଟିମ୍ ତଦନ୍ତର ଦ୍ୱିତୀୟ ଦିନରେ ମୃତ ସୌମ୍ୟଙ୍କ ତିନି ସହକର୍ମୀଙ୍କୁ ପଚରାଉଚରା କରୁଛି। ଏହି ତିନି ଜଣ ଏଡିଜି (ଏଡ଼ିଜି)ଙ୍କ ଘରୋଇ କାମ କରୁଥିଲେ ବୋଲି ଯେଉଁ ଅଭିଯୋଗ ଥିଲା ଏନଏଚଆରସି ଟିମ ସେନେଇ ତଦନ୍ତ ଚଳାଇଛି। ଟିମ୍ ଏହି ଘଟଣାର ଗଭୀର ତଦନ୍ତ କରୁଛି। ପ୍ରଥମ ଦିନରେ ବିଭିନ୍ନ ପକ୍ଷଙ୍କୁ ପଚରାଉଚରା କରିଥିବା ଟିମ୍ ଦ୍ୱିତୀୟ ଦିନରେ ସୌମ୍ୟଙ୍କ ସହକର୍ମୀଙ୍କ ଉପରେ ଧ୍ୟାନ କେନ୍ଦ୍ରିତ କରିଛି। ଏହି ସହକର୍ମୀମାନେ ଜିମ୍ ଖାନାରେ କାମ କରୁଥିବା ସମୟରେ ଏଡ଼ିଜିଙ୍କ ଘରୋଇ କାମରେ ନିୟୋଜିତ କରିବା ଅଭିଯୋଗ ସହ ବରିଷ୍ଠ ପୋଲିସ୍ ଅଧିକାରୀଙ୍କ ସହ ସମ୍ପର୍କ ଏବଂ ସମ୍ଭାବ୍ୟ ଷଡ଼ଯନ୍ତ୍ରର ଲିଙ୍କ୍ ନେଇ ମଧ୍ୟ ପଚରାଉଚରା ଚାଲିଛି। ସେହିପରି ଟିମ୍ ଟୁଇନ୍ ସିଟି ପୋଲିସ୍ କମିଶନର୍, ଡେପୁଟି କମିଶନର୍ ଓ ହୋମ୍ ଡିପାର୍ଟମେଣ୍ଟର ଉଚ୍ଚ ଅଧିକାରୀଙ୍କୁ ମଧ୍ୟ ନୋଟିସ୍ ଜାରି କରିଛି। ଏହି ତଦନ୍ତ ପୋଲିସ୍ ବ୍ୟବସ୍ଥା ଏବଂ ସମ୍ଭାବ୍ୟ ଉଚ୍ଚସ୍ତରୀୟ ସମ୍ପୃକ୍ତତାକୁ ଉନ୍ମୋଚିତ କରିବ ବୋଲି ଆଶା କରାଯାଉଛି। ଏନଏଚଆରସି ଟିମ୍ ସଦସ୍ୟମାନେ ମଙ୍ଗଳବାର ଘଟଣାସ୍ଥଳକୁ ଯାଇ ଘଟଣାର ସରଜମିନ ତଦନ୍ତ କରି ଫେରିଛନ୍ତି।

## ବାଲାଜୀ ସୂତାକଳ କ୍ୟାଣ୍ଟିନରୁ କଙ୍କାଳ ଜବତ

ଆସିକା(ନିପ୍ର): ଆସିକା କୋଟିନଡ଼ା ଥାନା ଅଧୀନ ବହୁ ଦିନରୁ ବନ୍ଦ ହୋଇପଡିଥିବା ବାଲାଜୀ ସୂତାକଳର ପୁରୁଣା କ୍ୟାଣ୍ଟିନ ମଧ୍ୟରୁ ହାଡ଼ କଙ୍କାଳ ଜବତ କରିଛି ପୋଲିସ । ମଙ୍ଗଳବାର ବିଶେଷ ସୂତ୍ରରୁ ଖବରପାଇ କୋଟିନଡ଼ା ପୋଲିସ ଘଟଣା ସ୍ଥଳରେ ପହଂଚି ହାଡ଼ କଙ୍କାଳ ତନତନ କରି ଯାଞ୍ଚ କରିଛି । ଅଦ୍ୟାବଧି କୌଣସି ବ୍ୟକ୍ତିର ଏହି ହାଡ଼ କଙ୍କାଳ ବୋଲି ପୋଲିସ ଚିହ୍ନଟ କରିପାରି ନାହିଁ। କୋଟିନଡ଼ା ଥାନା କେସ ନମ୍ବର ୦୫/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ତଦନ୍ତ ଚଳାଇଥିବା ଥାନା ଅଧିକାରୀ ଦାମୋଦର ବିହାରୀ ପ୍ରକାଶ କରିଛନ୍ତି । ଅନ୍ୟପଟେ ଗତ ୨୦୨୪ ମସିହାରେ ଏହି ଥାନା ଇଲାକାର ଏସ. ସୋମେଶ ପାତ୍ର (୨୫ ) ଯୁବକ ନିଖୋଜ ହେବାର ଥାନାରେ ଅଭିଯୋଗ ହୋଇଥିଲା । ପୋଲିସ ଏହି ନିଖୋଜ ଥିବା ଯୁବକର ପରିବାରକୁ ପଚାରିବାରୁ ସେମାନେ ସଠିକ ଭାବେ ଚିହ୍ନଟ କରିପାରୁନାହାନ୍ତି । ପୋଲିସ ମିଳିଥିବା ସମସ୍ତ ନରକଙ୍କାଳକୁ ଏକ ପକେଟ କରି ପରୀକ୍ଷା ପାଇଁ ପଠାଇବ ବୋଲି କହିଛନ୍ତି ।

## ବିଜୁଳି ଖୁଣ୍ଟରେ କରେଣ୍ଟ ଲାଗି ଗାଈର ମୃତ୍ୟୁ

କାଶୀନଗର(ନିପ୍ର): କିଛିଦିନ ହେଲା କାଶୀନଗର ତଥା ଏହାର ଆଖ ପାଖ ଅଞ୍ଚଳରେ କାଳବୈଶାଖୀ ବର୍ଷା ହେବା ଦ୍ୱାରା ଭୀଷଣ ପବନ ଏବଂ ଘଡଘଡି ହେଉଛି । ଏମିତି ହେବା ଦ୍ୱାରା ବିଜୁଳି ସରବରାହ ବାଧାପ୍ରାପ୍ତ ହେଉଛି । କାଶୀନଗର ବ୍ଲକର ଗାଇବା ପଞ୍ଚାୟତର ଧୋବା ଜୟପୁର ଗ୍ରାମରେ ଏକ ଗାଈ କରେଣ୍ଟ ପୋଲରେ ଘଷି ହେଉଥିବା ଅବସ୍ଥାରେ କୌଣସି କରଣରୁ କରେଣ୍ଟ ପୋଲରେ ବିଦ୍ୟୁତ ସରବାରହ ହୋଇ କରେଣ୍ଟ ସକ୍ ଲାଗି ଗାଈର ମୃତ୍ୟୁ ହୋଇଥିବା ସୂଚନା ହସ୍ତଗତ ହୋଇଛି ।

### ସ୍କୁଟିକୁ ପିଟିଲା କାର୍

## ଦୁଇ ଆହତ, ଡ୍ରାଇଭର ଫେରାର

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରରେ ପୁଣି ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଯାଇଛି। ମଙ୍ଗଳବାର ସକାଳ ସମୟରେ ସ୍ଥାନୀୟ ରେଡ଼କ୍ରସ ଭବନ ନିକଟରେ ଏହି ଦୁର୍ଘଟଣା ଘଟିଛି। ଏକ ଦ୍ରୁତଗାମୀ କାର୍ ଏକ ସ୍କୁଟିକୁ ଜୋରଦାର ଧକ୍କା ଦେଇଛି, ଯାହାଫଳରେ ସ୍କୁଟିରେ ଥିବା ଦୁଇ ଜଣ ଆରୋହୀ ଗୁରୁତର ଭାବେ ଆହତ ହୋଇଛନ୍ତି। ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳେ ରେଡ଼କ୍ରସ ଭବନ ରାସ୍ତାରେ ଏକ ବେପରୁଆ ଭାବେ ଆସୁଥିବା କାର୍ ସମ୍ମୁଖରେ ଥିବା ସ୍କୁଟିକୁ ପଛପଟୁ ଶକ୍ତ ଧକ୍କା ଦେଇଥିଲା। ଧକ୍କାଟି ଏତେ ଜୋରଦାର ଥିଲା ଯେ କାର୍‌ର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ଭାଙ୍ଗି ଚୁରମାର ହୋଇଯାଇଛି। ଦୁର୍ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେଠାରେ ଉପସ୍ଥିତ ଥିବା ଲୋକଙ୍କ ଆକ୍ରୋଶ ଏବଂ ମାଡ଼ ଭୟରେ କାର୍ ଚାଳକ ଜଣକ ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ତୁରନ୍ତ ଫେରାର ହୋଇଯାଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତାରେ ସ୍କୁଟିରେ ଥିବା ଦୁଇ ଆହତଙ୍କୁ ଉଦ୍ଧାର କରାଯାଇ ତୁରନ୍ତ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଯାଇଛି। ଖବର ପାଇ ସ୍ଥାନୀୟ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଗାଡ଼ି ଦ୍ୱୟକୁ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ପୋଲିସ ଫେରାର କାର୍ ଚାଳକଙ୍କୁ ଖୋଜିବା ପାଇଁ ତଲାସୀ ଅଭିଯାନ ଜାରି ରଖିଛି।

### ଭଦ୍ରକ ପୋଲିସର ଚୋରି ମୋବାଇଲ ରିକଭରି ମେଳା

## ଚୋରି ହୋଇଥିବା ମୋବାଇଲ୍ ପାଇ ଲୋକେ ଖୁସି

ଭଦ୍ରକ: ଟେବୁଲ ଉପରେ ଥୁଆ ହୋଇଛି ଗଣ୍ଡା ଗଣ୍ଡା ନାମୀ ଦାମୀ ମୋବାଇଲ୍। ଭିଭୋ ସାମସଙ୍ଗ ସହ ରହିଛି ଆଇ ଫୋନ ଭଳି ବ୍ରାଣ୍ଡ । କିନ୍ତୁ ଏହା କେଉଁ ମୋବାଇଲ୍ ଦୋକାନ ନୁହଁ ବରଂ ଏହା ହେଉଛି ଜିଲ୍ଲା ପୋଲିସ୍ କାର୍ଯ୍ୟାଳୟ ର ସଭା ଗୃହ । ଏଠାରେ କେଉଁ ମୋବାଇଲ୍ ବିକ୍ରି ହେବା ପାଇଁ ରଖାଯାଇନାହିଁ ବରଂ ଚୋରି ହୋଇଥିବା ମୋବାଇଲ୍ କୁ ପୋଲିସ୍ ଆଜି ମୋବାଇଲ୍ ର ଉଚିତ ମାଲିକ ଙ୍କୁ ଫେରାଉଛି । ଆଉ ତାହା ପୁଣି ଏକ ରିକଭରି ମେଳାର ଆୟୋଜନ ମଧ୍ୟ କରିଛି ପୋଲିସ । ସୂଚନା ଥାଉକି ଭଦ୍ରକ ଜିଲ୍ଲାରେ ଚୋରି ହୋଇଥିବା ମୋବାଇଲ୍ କୁ ଜବତ କରିବାରେ କିଛି ମାତ୍ରା ରେ ସକ୍ଷମ ହୋଇଛି ଭଦ୍ରକ ପୋଲିସ୍। ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରି ହେବା ପରେ ଜିଲ୍ଲାର ବିଭିନ୍ନ ପୋଲିସ୍ ଷ୍ଟେସନ ରେ ଲୋକେ ଅଭିଯୋଗ କରିବା ପରେ ଏସପି ମନୋଜ ରାଉତ ଙ୍କ ନିର୍ଦ୍ଦେଶ ରେ ଏକ ଟିମ୍ ଗଠନ କରି ଚୋରି ହୋଇଥିବା ମୋବାଇଲ୍ କୁ ଜବତ କରିବାରେ ସକ୍ଷମ ହୋଇଛନ୍ତି। ବିଶେଷ କରି କିଛି ମାସ ପୂର୍ବରୁ ଭଦ୍ରକରେ ସାଇବର ଥାନା ଉଦ୍ଘାଟନ ହେବା ପରେ ସାଇବର ଅପରାଧ କିଛି ମାତ୍ରା ରେ ରୋକ ଲାଗିଛି। ସାଇବର ଥାନାର ଭାରପ୍ରାପ୍ତ ଅଧିକାରୀ ଦୟାନିଧି ଦାସ ଙ୍କ କାର୍ଯ୍ୟାଦକ୍ଷତା ତଥା ଜିଲ୍ଲାର ବିଭିନ୍ନ ଥାନାର ଥାନାଧିକାରୀଙ୍କ ସ୍ୱତନ୍ତ୍ର ଟିମ ସହଯୋଗରେ ଆଇଏମଇଆଇ ଟ୍ରାକିଙ୍ଗ ତଥା ଅତ୍ୟାଧୁନିକ ଟେକନୋଲୋଜି ଜରିଆରେ ୧୧୭ ଗୋଟି ମୋବାଇଲ୍ କୁ ଜବତ କରିଛି ପୋଲିସ । ଚୋରି ହୋଇଥିବା ମୋବାଇଲ୍ କୁ ଉଚିତ ମାଲିକ ମାନଙ୍କୁ ଡାକି ନିଜ ପରିଚୟ ପତ୍ର ଓ ଅଭିଯୋଗ ପତ୍ର ଦେଖି ମୋବାଇଲ୍ ଫେରାଇଛି ପୋଲିସ । ସାଇବର କ୍ରାଇମ ଠାରୁ ଦୁରେଇ ରୁହନ୍ତୁ, ବ୍ୟବହାର ମୋବାଇଲ କିଣିବା ବେଳେ ସଠିକ ତଥ୍ୟ ରଖି କିଣନ୍ତୁ, ବୋଲି କହିଛନ୍ତି ଭଦ୍ରକ ଏସପି । ଯାହାର ମୋବାଇଲ୍ ଚୋରି ହୋଇଥିଲା ମୋବାଇଲ୍ ପାଇବା ପରେ ଖୁସି ପ୍ରକାଶ କରିବା ସହ ଭଦ୍ରକ ପୋଲିସ୍ କୁ ଧନ୍ୟବାଦ୍ ଜଣାଇଛନ୍ତି।

## ପଞ୍ଚାୟତ ଅଧିକାରୀଙ୍କୁ ମାଡ଼ ଅଭିଯୋଗ

ଭାପୁର(ନିପ୍ର): ଭାପୁର ବ୍ଲକ ଗୋଳାପୋଖରୀ ପଞ୍ଚାୟତ ତରବାଲୋ ଗ୍ରାମର ସନ୍ତୋଷ କୁମାର ସାହୁ ଶାସକ ଦଳରେ ଗତ ୨୦ ଦିନ ହେଲା ମିଶିଥିବାବେଳେ ଅନ୍ତ୍ୟୋଦୟ ଗୃହ ଆବଣ୍ଟନକୁ ନେଇ ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଅନିଲ କୁମାର ଦାସଙ୍କୁ ମାଡ଼ ମାରିବା ସହିତ ହତ୍ୟା ଧମକ ଦେଇଥିବା ନେଇ ଭାପୁର ଆଉଟ ପୋଷ୍ଟରେ ଲିଖିତ ଅଭିଯୋଗ ହୋଇଛି। ଘଟଣାରୁ ପ୍ରକାଶ, ଗତ ୪ ଦିନ ତଳେ ଶାସକ ଦଳର କର୍ମୀ ସନ୍ତୋଷ କୁମାର ସାହୁଙ୍କୁ କାହିଁକି ଅନ୍ତ୍ୟୋଦୟ ଗୃହ ଦିଆଗଲା ନାହିଁ ବୋଲି ସେ ସ୍ଥାନୀୟ ପଂଚାୟତ ଅଧିକାରୀ ଅନିଲ କୁମାର ଦାସଙ୍କୁ ପଚାରି ଯୁକ୍ତିତର୍କ କରିବା ସହିତ ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ଅନିଲ କୁମାର ବୈରିଗଞ୍ଜନ ଏବଂ ଜିଲ୍ଲା ପରିଷଦ ସଭ୍ୟ ବିଜୟ କୁମାର ସାମନ୍ତରାୟଙ୍କ ଉପସ୍ଥିତିରେ ମାଡ଼ ମାରିବା ସହିତ ହତ୍ୟା ଧମକ ଦେଇଥିବା ନେଇ ଆଉଟ ପୋଷ୍ଟରେ ଅଭିଯୋଗ ହୋଇଥିଲା। ୪ ଦିନ ଗତ ହୋଇଯାଇଥିଲେ ମଧ୍ୟ ଭାପୁର ଆଉଟପୋଷ୍ଟ ଅଧିକାରୀ କୌଣସି ପଦକ୍ଷେପ ନେଇ ନ ଥିବାରୁ ସେହି ମାମଲା ଫାଣ୍ଡିରେ ପଡି ରହିଥିବା ବେଳେ ଏହାକୁ ନେଇ ଧୀରେଧୀରେ ଉଷ୍ମତା ବଢ଼ିବାରେ ଲାଗିବାରୁ ଉଭୟଙ୍କ ତରଫରୁ ଆଉଟପୋଷ୍ଟରେ ଲିଖିତ ଅଭିଯୋଗ ହୋଇଥିଲା। ଜଣେ ସରକାରୀ କର୍ମଚାରୀଙ୍କ ପ୍ରତି ଅଶାଳୀନ ବ୍ୟବହାର ଭାପୁର ଅଂଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି।

## କେନ୍ଦ୍ରାଞ୍ଚଳ ଉପ ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଆଶୁତୋଷ ପାଇକରାୟ

କଟକ : ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଞ୍ଚଳ) ଭାବେ ଆଶୁତୋଷ ପାଇକରାୟ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏଥିସହ ଶ୍ରୀ ପାଇକରାୟ ଦୁର୍ନୀତି ନିବାରଣ ନିର୍ଦ୍ଦେଶାଳୟର ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନିର୍ବାହ କରିବେ । ୧୯୯୭ ବ୍ୟାଚର ଓଡିଶା ସୂଚନା ସେବା ଅଧିକାରୀ ଭାବରେ ନିଜର ବୃତ୍ତିଗତ ଜୀବନ ଆରମ୍ଭ କରି ପ୍ରଥମେ ଅନୁଗୁଳ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ସେ ଯୋଗ ଦେଇଥିଲେ । ପରେ ସେ ନୀଳଗିରି, ବାଲେଶ୍ୱର, କଟକ ସଦର ଓ କଟକ ଜିଲ୍ଲା ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ପରେ ସେ ସୂଚନା ଓ ଲୋକସମ୍ପର୍କ ବିଭାଗର ଗବେଷଣା ଓ ସନ୍ଦର୍ଭ ଅଧିକାରୀ ଭାବେ ରାଜ୍ୟ ମୁଖ୍ୟାଳୟରେ ଏବଂ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ଆଇନ ବିଭାଗର ସୂଚନା ଅଧିକାରୀ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା, ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ଆଧାର କରି ସେ କେନ୍ଦ୍ରାଞ୍ଚଳ ଅଧିନସ୍ଥ ୧୦ଟି ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ସଶକ୍ତ କରିବା ସହ ଜନସାଧାରଣ ଓ ପ୍ରଶାସନ ମଧ୍ୟରେ ସୂଚନା ପ୍ରଦାନକୁ ଅଧିକ ସୁଦୃଢ଼ କରିବାକୁ ପ୍ରାଥମିକତା ଦେବେ ବୋଲି ମତବ୍ୟକ୍ତ କରିଛନ୍ତି । ବିଶେଷକରି ଡିଜିଟାଲ ମିଡିଆର ବ୍ୟବହାର ମାଧ୍ୟମରେ ସରକାରୀ ସୂଚନାର ବ୍ୟାପକ ପ୍ରସାର ଉପରେ ସେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏଥିସହ ସାମ୍ବାଦିକମାନଙ୍କ ସହ ଅଧିକ ସୁଦୃଢ଼ ସମନ୍ୱୟ ରକ୍ଷା ଦିଗରେ ମଧ୍ୟ ସେ କାର୍ଯ୍ୟ କରିବେ ବୋଲି ପ୍ରକାଶ କରିଛନ୍ତି।

### ପଟିଆ ଷ୍ଟେସନ ରାସ୍ତାକଡ଼ରେ ଦୋକାନ ଉଚ୍ଛେଦକୁ ବିରୋଧ

## ବିଡିଏ ଅଧିକାରୀଙ୍କୁ ଘେରିଲେ ବ୍ୟବସାୟୀ

ଭୁବନେଶ୍ୱର(ନିପ୍ର): ରାଜଧାନୀ ଭୁବନେଶ୍ୱରର ପଟିଆ ଷ୍ଟେସନ ରାସ୍ତା କଡ଼ରେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ପକ୍ଷରୁ ଚାଲିଥିବା ଉଚ୍ଛେଦ ଅଭିଯାନ ଜାରି ରହିଛି। ଏହିକ୍ରମରେ ମଙ୍ଗଳାବର ସ୍ଥାନୀୟ ଅଞ୍ଚଳରେ ଥିବା ୩୫ଟି ଦୋକାନ ଉଚ୍ଛେଦ କରାଯିବାକୁ ଥିବାରୁ ବ୍ୟବସାୟୀମାନେ ତୀବ୍ର ପ୍ରତିବାଦ କରିଛନ୍ତି। ଦୋକାନ ଭାଙ୍ଗିବା ସମୟରେ ବିଡିଏ ଅଧିକାରୀ ଓ କର୍ମଚାରୀଙ୍କୁ ଘେରି ବ୍ୟବସାୟୀମାନେ ବିରୋଧ ପ୍ରଦର୍ଶନ କରିଛନ୍ତି। ସୂଚନାଯୋଗ୍ୟ, ବିଡିଏର ଏକ ସ୍ୱତନ୍ତ୍ର ଟିମ୍ ମଙ୍ଗଳବାର ପଟିଆ ଷ୍ଟେସନ ରୋଡ୍ କଡ଼ରେ ଥିବା ବେଆଇନ୍ ଦୋକାନଗୁଡ଼ିକୁ ଉଚ୍ଛେଦ କରିବା ପାଇଁ ପହଞ୍ଚିଥିଲେ। ଏହି ଅଭିଯାନ ଆରମ୍ଭ ହେବା ପରେ ଦୋକାନ ମାଲିକ ଓ ବ୍ୟବସାୟୀମାନେ ସ୍ଥାନୀୟ ଲୋକଙ୍କ ସହ ଏକତ୍ରିତ ହୋଇ ବିଡିଏ ଟିମକୁ ବିରୋଧ କରିଥିଲେ। ସେମାନେ ଦୋକାନ ଭାଙ୍ଗିବା ବିରୋଧରେ ନାରାବାଜି କରିବା ସହ ଅଧିକାରୀଙ୍କୁ ଘେରି ରଖିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ୍ ଘଟଣାସ୍ଥଳରେ ମୁତୟନ କରାଯାଇଥିଲା। ବ୍ୟବସାୟୀମାନେ କହିଛନ୍ତି ଯେ, ସେମାନେ ବହୁ ବର୍ଷ ଧରି ଏହି ସ୍ଥାନରେ ବ୍ୟବସାୟ ଚଳାଇ ଆସୁଛନ୍ତି ଏବଂ ହଠାତ୍ ଏପରି ଉଚ୍ଛେଦ ଅଭିଯାନ ସେମାନଙ୍କ ଜୀବିକା ଉପରେ ପ୍ରଭାବ ପକାଇଛି। ସେମାନେ ସରକାରଙ୍କୁ ବିକଳ୍ପ ବ୍ୟବସ୍ଥା ଏବଂ କ୍ଷତିପୂରଣ ଦାବି କରିଛନ୍ତି। କେତେକ ବ୍ୟବସାୟୀ ଦସ୍ତାବିଜ୍ ଦେଖାଇ ନିଜର ଦାବି ସମର୍ଥନ କରିଥିଲେ। ଏହା ପଟିଆ ଓ କଳାରାହାଙ୍ଗ ଅଞ୍ଚଳରେ ବିଡିଏ ପକ୍ଷରୁ ଚାଲିଥିବା ବେଆଇନ୍ ସଂରଚନା ଉଚ୍ଛେଦ ଅଭିଯାନର ଏକ ଅଂଶ। ସମ୍ପ୍ରତି ସରକାରୀ ଜମି ଖାଲି କରିବା ଲକ୍ଷ୍ୟରେ ଏହିପରି ଏକାଧିକ ଅଭିଯାନ ଚାଲିଛି। ପୂର୍ବରୁ ମଧ୍ୟ ଏହି ଅଞ୍ଚଳରେ ଏପରି ଉଚ୍ଛେଦ ଓ ପ୍ରତିବାଦ ଦେଖାଦେଇଥିଲା। ବିଡିଏ ପକ୍ଷରୁ କୁହାଯାଇଛି ଯେ, ସରକାରୀ ଜମିରେ ଅନଧିକୃତ ସଂରଚନା ଉଠାଇ ସଫା କରାଯାଉଛି ଏବଂ ନିୟମ ଅନୁଯାୟୀ କାର୍ଯ୍ୟ କରାଯାଉଛି। ତେବେ ପ୍ରତିବାଦର ପରିପ୍ରେକ୍ଷୀରେ ପରିସ୍ଥିତି ନିୟନ୍ତ୍ରଣ ପାଇଁ ପୋଲିସ୍ ସୁରକ୍ଷା ଅବଲମ୍ବନ କରିଥିବା ବିଡିଏ ଉଚ୍ଛେଦକାରୀଦଳ କହିଛି।

## ନଡ଼ିଆ ଗଛରେ ଯୁବକକୁ ବାନ୍ଧି ବାପ-ପୁଅ ଗିରଫ




ନିଆଳି(ନିପ୍ର): ନିଆଳି ଥାନା ଅନ୍ତର୍ଗତ କୃଷ୍ଣପ୍ରସାଦ ପଂଚାୟତ ନାଛିଗାଁ ଗ୍ରାମରେ ଘଟିଛି ଅଭାବନୀୟ ଘଟଣା। ଜଣେ ଯୁବକକୁ ଧାର ଟଙ୍କା ଆଦାୟ ପାଇଁ ନଡ଼ିଆ ଗଛରେ ବାନ୍ଧିବା ଅଭିଯୋଗରେ ସେହି ଗ୍ରାମର ଅମରେଶ୍ୱର ଖୁଂଟିଆ ଓ ତାଙ୍କ ପୁଅ ଟୁକୁ ଖୁଂଟିଆଙ୍କୁ ନିଆଳି ପୋଲିସ୍ ଗିରଫ୍ କରି କୋର୍ଟ ଚାଲାଣ କରିଛି। ଅଭିଯୋଗରୁ ପ୍ରକାଶ ଯେ ସେହି ଗ୍ରାମର ଅଲେଖ ଭୋଇ ଟୁକୁ ଖୁଂଟିଆଙ୍କଠାରୁ କିଛି ଟଙ୍କା ଧାର ନେଇଥିଲେ। ବାରମ୍ବାର ମାଗିବା ସତ୍ତ୍ୱେ ସେ ଟଙ୍କା ନ ଦେବାରୁ ତାଙ୍କୁ ଅମରେଶ୍ୱର ଖୁଂଟିଆ ଓ ତାଙ୍କ ପୁଅ ଟୁକୁ ଖୁଂଟିଆ ସୋମବାର ନଡ଼ିଆ ଗଛରେ ବାନ୍ଧି ମାଡ଼ ମାରିବା ନେଇ ଅଲେଖ ଭୋଇଙ୍କ ପତ୍ନୀ ପୁଷ୍ପା ଭୋଇ ନିଆଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ନିଆଳି ପୋଲିସ୍ ଘଟଣା ସ୍ଥଳରେ ପହଂଚି ନଡ଼ିଆ ଗଛରେ ବନ୍ଧା ଯାଇଥିବା ଅଲେଖ ଭୋଇ (୪୦)ଙ୍କୁ ଉଦ୍ଧାର କରିବା ସହ ଏକ ମାମଲା ରୁଜୁକରି ଉଭୟ ବାପ ଓ ପୁଅଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିବା ଘଟଣା ଏଠାରେ ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏହି ଘଟଣାରେ ଅନ୍ୟ ଦୁଇଜଣ ସମ୍ପୃକ୍ତ ଥିବାନେଇ ପୋଲିସ୍ ତଦନ୍ତ ଜାରି ରଖିଥିବା ଜଣାଯାଇଛି।

# ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମରେ ଭାରତର ପ୍ରତିନିଧିତ୍ୱ କଲେ ଓଡ଼ିଶାର ୪ ଛାତ୍ରଛାତ୍ରୀ



ଭୁବନେଶ୍ୱର, ୨।୬(ନିପ୍ର): ଓଡ଼ିଶାର ବିଦ୍ୟାଳୟ ଶିକ୍ଷା କ୍ଷେତ୍ର ପାଇଁ ଏକ ଗର୍ବର ବିଷୟ । ରାଜ୍ୟର ୪ ଜଣ ମେଧାବୀ ଛାତ୍ରଛାତ୍ରୀ ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶା ତଥା ସମଗ୍ର ଦେଶର ନାମ ରଖିଛନ୍ତି। ଜାପାନ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଏଜେନ୍ସି ଦ୍ୱାରା ଆୟୋଜିତ 'ସାକୁରା ସାଇନ୍ସ ହାଇସ୍କୁଲ ପ୍ରୋଗ୍ରାମ ୨୦୨୬' ରେ ଭାରତର ପ୍ରତିନିଧିତ୍ୱ କରିଛନ୍ତି ଓଡ଼ିଶାର ଚାରି ଜଣ ଛାତ୍ରଛାତ୍ରୀ। ସଫଳତାର ସହ ନିଜର ଦଶଦିନିଆ ଜାପାନ ଗସ୍ତ ଶେଷ କରି ଫେରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଷ୍ଣୁ ପ୍ରସାଦ ଜେନା ( ବି.ଜେ.ବି ଜେ.ସ୍.ସ୍ , ଭୁବନେଶ୍ୱର (ଖୋର୍ଦ୍ଧା), ଶୁଭମ୍ ନାୟକ (ସରକାରୀ ହାଇସ୍କୁଲ, କୋରାପୁଟ), ଶ୍ରଦ୍ଧାଞ୍ଜଳି ପଟ୍ଟନାୟକ ( ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଓରିୟା, ତେଲକୋଇ (କେନ୍ଦୁଝର), ଆଦ୍ୟାଶା ପଣ୍ଡା ( ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ରେଙ୍ଗାଲି (ସମ୍ବଲପୁର) ର ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏହି ଜାପାନ ଗସ୍ତ ସମୟରେ ଛାତ୍ରଛାତ୍ରୀମାନେ ଜାପାନର ପ୍ରସିଦ୍ଧ ସହର ତୁସୁକୁବା ଏବଂ ଆସାକୁସା ଭ୍ରମଣ କରିଥିଲେ। ଏତି ସହ 'ଶିବାଉରା ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି' ଏବଂ 'କାଶିଓ୍ୱା ଜୁନିୟର ଆଣ୍ଡ ସିନିୟର ହାଇସ୍କୁଲ'ରେ ଆୟୋଜିତ ବିଭିନ୍ନ ଶୈକ୍ଷିକ ଏବଂ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ।

# ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲର ସମୀକ୍ଷା



**ଭୁବନେଶ୍ୱର,୨/୬(ନିପ୍ର):** ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଗତିଶକ୍ତି ପୋର୍ଟାଲର ପ୍ରଭାବଶାଳୀ କାର୍ଯ୍ୟକାରିତା ଏବଂ ରାଜ୍ୟରେ ଭିତ୍ତିଭୂମି ବିକାଶ ପ୍ରକଳ୍ପଗୁଡ଼ିକର ତ୍ୱରିତ କାର୍ଯ୍ୟକାରିତା ନେଇ ମଙ୍ଗଳବାର ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ରାଜ୍ୟରେ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ପିଏମ୍ ଗତିଶକ୍ତି ପୋର୍ଟାଲର ସର୍ବାଧିକ ଉପଯୋଗ କରି ପ୍ରକଳ୍ପଗୁଡ଼ିକର ଗୁଣାତ୍ମକ ତଥା ସମୟ ଅବଧି ମଧ୍ୟରେ କାର୍ଯ୍ୟାନ୍ୱୟନ ଉପରେ ଗୁରୁତ୍ୱାରୋପ କରିଥିଲେ। କେନ୍ଦ୍ର ତଥା ରାଜ୍ୟର ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ଦ୍ରୁତତର କରିବାକୁ ସେ ପରାମର୍ଶ ଦେଇଥିଲେ। ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ କହିଲେଯେ ଭିତ୍ତିଭୂମି ନିର୍ମାଣ ଦିଗରେ ପିଏମ୍ ଗତିଶକ୍ତି ପୋର୍ଟାଲ ଆଗାମୀ ଦିନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବାକୁ ଯାଉଛି ଓ ତେଣୁ ରାଜ୍ୟର ସାମଗ୍ରିକ ବିକାଶକୁ ତ୍ୱରାନ୍ୱିତ କରିବା, ଆଧୁନିକ ରାସ୍ତା, ସେତୁ ଓ କୋଠାବାଡି ଆଦି ନିର୍ମାଣ କ୍ଷେତ୍ରରେ ଏହି ପୋର୍ଟାଲର ଯୁଗାନ୍ତକାରୀ ସାବ୍ୟସ୍ତ ହେବ । ବୈଠକରେ ରାଜ୍ୟରେ କାର୍ଯ୍ୟକାରି ହେବାକୁ ଥିବା ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପ, ସଡ଼କ ସରଂଚନା ବହୁମୁଖୀ ସଂଯୋଗ ବ୍ୟବସ୍ଥାର ବିକାଶ ଏବଂ ପିଏମ୍ ଗତିଶକ୍ତି ପୋର୍ଟାଲ ମାଧ୍ୟମରେ ପ୍ରକଳ୍ପଗୁଡ଼ିକର ଉନ୍ନତ ଯୋଜନା ପ୍ରସ୍ତୁତି ଓ ସମନ୍ୱିତ କାର୍ଯ୍ୟାନ୍ୱୟନ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଏହା ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆଗାମୀ ଓଡ଼ିଶା ଗସ୍ତ ଅବସରରେ ନୂତନ ଭିତ୍ତିପ୍ରସ୍ତର ସ୍ଥାପନ ଓ ଉଦ୍ଘାଟନ ହେବାକୁ ଥିବା ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା।

# ବୃଦ୍ଧଙ୍କୁ ଅଜଣା ଜନ୍ତୁ ଖାଇଥିବା ଭଳି ଲାଗୁଛି: ଜଙ୍ଗଲ ମନ୍ତ୍ରୀ

ଭୁବନେଶ୍ୱର, ୨/୬(ନିପ୍ର): ଯଶୀପୁରରେ ବୃଦ୍ଧଙ୍କୁ ବାଘ ଖାଇବା ଅଭିଯୋଗର ନୂଆ ଟ୍ୱିଷ୍ଟ । ବାଘ ନୁହେଁ, ଅଜଣା ଜନ୍ତୁ ବୋଲି କହିଛନ୍ତି ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ।ମନ୍ତ୍ରୀ କହିଛନ୍ତି ଯେ, ବାଘଏପରି ରହି ରହି ଖାଇ ପାରିବ ନାହିଁ ବୋଲି ଜଙ୍ଗଲ ଅଧିକାରୀ କହୁଛନ୍ତି । ବୃଦ୍ଧଙ୍କ ସାମ୍ପୁଲ୍ ଟେଷ୍ଟ ପାଇଁ ପଠାଯାଇଛି, ରିପୋର୍ଟ ଆସିବା ପରେ ସ୍ପଷ୍ଟ ହେବ । ଅଜଣା ଜନ୍ତୁ ଖାଇଥିବା ଭଳି ଲାଗୁଛି ବୋଲି ଜଙ୍ଗଲ ଓପରିବେଶ ମନ୍ତ୍ରୀ କହିଛନ୍ତି ।

# ମାର୍କ ଯାଞ୍ଚ ଏବଂ ଉତ୍ତର ପତ୍ର ପୁନଃମୂଲ୍ୟାୟନ ପାଇଁ ସିବିଏସଇର ଅନଲାଇନ୍ ପୋର୍ଟାଲ ଲାଇଭ୍



ନୂଆଦିଲ୍ଲୀ, ୨/୬: କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସଇ)ର ମାର୍କ ଯାଞ୍ଚ ଏବଂ ଉତ୍ତର ପତ୍ର ପୁନଃମୂଲ୍ୟାୟନ ପାଇଁ ମଙ୍ଗଳବାର ଲାଇଭ୍ ଅନଲାଇନ୍ ପୋର୍ଟାଲ ସକ୍ରିୟ ହୋଇଛି । ସିବିଏସଇ ଏହାର ସରକାରୀ ଏକ୍ସ ହ୍ୟାଣ୍ଡେଲରେ କହିଛି ଯେ ଦଶମ ଏବଂ ଦ୍ୱାଦଶ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ସରକାରୀ ଅନଲାଇନ୍ ପୋର୍ଟାଲ ଏବେ ସକ୍ରିୟ ହୋଇଛି। ଏହାର ସରକାରୀ ସୁଚନା ସିବିଏସଇର ମୁଖ୍ୟ ୱେବସାଇଟରେ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହାପୁର୍ବରୁ ମେ ୨୬ ତାରିଖରେ ଲାଇଭ୍ ହେବାକୁ ଥିବା ଅନଲାଇନ୍ ପୋର୍ଟାଲକୁ ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଜୁନ୍ ୧ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା, କିନ୍ତୁ ଅନ୍ୟାନ୍ୟ କାରଣ ଯୋଗୁଁ ସେହି ତାରିଖରେ ଏହାକୁ ଆରମ୍ଭ କରାଯାଇପାରିଲା ନାହିଁ। ଏହା ଏବେ ଆଜି ଲାଇଭ୍ ହୋଇଛି। ସିବିଏସଇ ଛାତ୍ରମାନଙ୍କ ପାଇଁ ଅଫିସିଆଲ୍ ପୋର୍ଟାଲ ଲିଙ୍କ୍ ସେୟାର କରିଛି । ଛାତ୍ରଛାତ୍ରୀମାନେ ମାର୍କ ଯାଞ୍ଚ ଏବଂ ଉତ୍ତର ପତ୍ର ପୁନଃମୂଲ୍ୟାୟନ ପାଇଁ ଭିଡିଓ ନିର୍ଦ୍ଦେଶାବଳୀ ଦେଖି ଆବେଦନ ପ୍ରକ୍ରିୟା ସମାପ୍ତ କରିପାରିବେ।

# ରୁଦ୍ରା ଏମ୍ ୨ର ସଫଳ ପରୀକ୍ଷଣ



ଚାନ୍ଦିପୁର, ୨।୬: ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ସଂଗଠନ (ଡିଆରଡିଓ) ଏବଂ ଭାରତୀୟ ବାୟୁସେନା (ଆଇଏଏଫ) ସ୍ୱଦେଶୀ ନିର୍ମିତ ରୁଦ୍ରା ଏମ୍ ୨ ବାୟୁରୁ ଭୂପୃଷ୍ଠ କ୍ଷେପଣାସ୍ତ୍ରର ସଫଳତାର ସହିତ ଉଡ଼ାଣ ପରୀକ୍ଷଣ କରିଛନ୍ତି। ଯାହା ସଠିକ୍ ଆକ୍ରମଣ କ୍ଷମତାକୁ ସୁଦୃଢ଼ କରିବା ଏବଂ ପ୍ରତିରକ୍ଷା ପ୍ରଯୁକ୍ତିବିଦ୍ୟାରେ ଆତ୍ମନିର୍ଭରଶୀଳତାକୁ ଆଗକୁ ବଢ଼ାଇବା ପ୍ରୟାସରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁଯାୟୀ, କ୍ଷେପଣାସ୍ତ୍ରକୁ ଏକ ଉଡ଼ାଣ ପ୍ଲାଟଫର୍ମରୁ ଅତ୍ୟନ୍ତ ମୁକ୍ତ ପରିସ୍ଥିତିରେ ପରୀକ୍ଷଣ କରାଯାଇଥିଲା, ସମସ୍ତ ଗୁରୁତ୍ୱପୂର୍ଣ୍ଣ ଉପ-ପ୍ରଣାଳୀ ଏବଂ ଉଡ଼ାଣ ପାରାମିଟରଗୁଡ଼ିକର କାର୍ଯ୍ୟଦକ୍ଷତାକୁ ବୈଧ କରିବା ପାଇଁ ପରୀକ୍ଷଣ ଡିଜାଇନ୍ କରାଯାଇଥିଲା। କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ସଠିକତା ପ୍ରଦର୍ଶନ କରିଥିଲା, ସଫଳତାର ସହିତ ସମସ୍ତ ମିଶନ ଉଦ୍ଦେଶ୍ୟ ପୂରଣ କରିଥିଲା। ଚାନ୍ଦିପୁରର ସମନ୍ୱିତ ପରୀକ୍ଷଣ ରେଞ୍ଜଦ୍ୱାରା ନିୟୋଜିତ ଟ୍ରାକିଂ ଏବଂ ମନିଟରିଂ ଉପକରଣର ଏକ ନେଟୱାର୍କ ମାଧ୍ୟମରେ ସଂଗୃହିତ ତଥ୍ୟ କ୍ଷେପଣାସ୍ତ୍ରର କାର୍ଯ୍ୟଦକ୍ଷତା ଏବଂ ପରୀକ୍ଷଣର ସଫଳତାକୁ ନିଶ୍ଚିତ କରିଛି।

# ଗ୍ୟାସ ସିଲିଣ୍ଡର ଫାଟି ଜଳିଗଲେ ନାବାଳକ



**ଭଞ୍ଜନଗର,୨।୬(ନିପ୍ର):** ସୋରଡ଼ା ଥାନା ଅନ୍ତର୍ଗତ ସାମନ୍ତରାଘାଇ ଛକଠାରେ ଏକ ଦୋକାନ ଘରେ ଗ୍ୟାସ ସିଲିଣ୍ଡର ଫାଟି ନିଆଁ ଲାଗିଥିଲା। ନିଆଁ ସଂସ୍ପର୍ଶରେ ଆସି ଦୋକାନରେ ଥିବା ନାବାଳକ ଜଳିଯାଇ ମୃତ୍ୟୁ ଘଟିଛି। ମୃତ ନାବାଳକ ଜଣଙ୍କ ହେଲେ ଦୁଲାଡ଼ ଗ୍ରାମର ବାଦଲ ମୂଳି । ନାବାଳକ ମାମୁଁ ଘର ଦୋକାନରେ ରହିଥିବା ଅବସ୍ଥାରେ ଘଟିଛି ଘଟଣା । ଗଞ୍ଜାମ ଜିଲ୍ଲା ସୋରଡ଼ା ଥାନା ସାମନ୍ତରା ଘାଇ ଛକ ଠାରେ ଥିବା ତେଜରାତି ଦୋକାନରେ ଥିବା ଗ୍ୟାସ ସିଲିଣ୍ଡର ହଠାତ ଫାଟି ଯାଇଥିଲା। ଫଳରେ ଦୋକାନରେ ନିଆଁ ଲାଗିଯାଇଥିଲା। ଏହି ସମୟରେ ବାଦଲ ଦୋକାନ ଭିତରେ ଥିଲେ। ବାଦଲ ନିଆଁ ଭିତରୁ ବାହାରି ନପାରି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଘଟଣା ସ୍ଥଳରେ ସୋରଡା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛି । ସୋରଡା ପୁଲିସ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରୁଛି। ବଡ଼ଗଡ ଥାନା ଗାଙ୍ଗପୁର ଗ୍ରାମର ବାଦଲ ମୂଳି ନିଜ ଅଜାଘରକୁ ଖରା ଛୁଟିରେ ବୁଲିବାକୁ ଆସିଥିଲେ ।

## ● ହାତୀ ମାରି ପୋତିଦେବା ଘଟଣା

# ହିନ୍ଦୋଳ ଫରେଷ୍ଟର ନିଲମ୍ବିତ

ଢେଙ୍କାନାଳ, ୨।୬ : ହିନ୍ଦୋଳରେ ଫାର୍ମ ହାଉସରେ ହାତୀ ମାରି ପୋତିଦେବା ଘଟଣାରେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନେଇଛି । ଏହି ଘଟଣାରେ ହିନ୍ଦୋଳ ଫରେଷ୍ଟର ଦୀପ୍ତିରଞ୍ଜନ ଆଚାର୍ଯ୍ୟଙ୍କୁ ନିଲମ୍ବିତ କରିଛି ବନବିଭାଗ। ସେହିଭଳି ହିନ୍ଦୋଳ ରେଞ୍ଜର ତ୍ରିଲୋଚନ ଦେହୁରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି ଅନୁଗୁଳ ଆରସିସିଏଫ। ହିନ୍ଦୋଳ ହାତୀ ମାରି ପୋତିବା ଘଟଣାରେ ଫାର୍ମ ମାଲିକଙ୍କ ଜାମିନ ନାମଞ୍ଜୁର ହେବା ପରେ ବନ ବିଭାଗ ଦୋଷୀମାନଙ୍କୁ ହିନ୍ଦୋଳ ବିଚାର ବିଭାଗୀୟ କାରାଗାରକୁ ପଠାଯାଇଛି। ଫାର୍ମ ମାଲିକ ପ୍ରମୋଦ ରାଜ, ଜେସିବି ଚାଳକ ସୁଧୀର ଭୁତିଆ, ଫାର୍ମ ଜଗୁଆଳୀ ରାଜୀବ ଚୌଧୁରୀଙ୍କୁ ବିଚାର ବିଭାଗୀୟ କାରାଗାରକୁ ପଠାଇ ଦିଆଯାଇଛି। ଏହାସହ ସମ୍ପୃକ୍ତ ଫାର୍ମ ହାଉସକୁ ସିଲ୍ କରିବା ସହ ଫାର୍ମ ହାଉସରେ ହାତୀ ପୋତିବା ପାଇଁ ବ୍ୟବହୃତ ଜେସିବ ମେସିନକୁ ନରସିଂହପୁର ଅଞ୍ଚଳରୁ ଜବତ କରିବା ସହ ଦୁଇଟି ବାଇକ ଜବତ କରିଛି ହିନ୍ଦୋଳ ବନବିଭାଗ । ଏହି ଘଟଣାରେ ଅଧିକ ଲୋକଙ୍କ ସମ୍ପୃକ୍ତି ଥିବା ବନ ବିଭାଗ ସୂଚନା ପାଇଛି ।

## ● ନିଲମ୍ବିତ ଥାନା ଅଧିକାରିଣୀଙ୍କ ଅଡୁଆ ବଢିଲା

# ଥାନାରେ ରୁଜୁ ହେଲା ମାମଲା

ପଟ୍ଟାମୁଣ୍ଡାଇ, ୨/୬(ନିପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ତାଳଚୁଆ ମେରାଇନ ଥାନା ଅଧିକାରିଣୀ ସନ୍ଧ୍ୟାରାଣୀ ଜେନାଙ୍କ ଥାର୍ଡ଼ ଡ଼ିଗ୍ରୀ ଘଟଣାରେ ଆଇଆଇସିଙ୍କ ନିଲମ୍ବନ ପରେ ଘଟଣାରେ ଏବେ ନୂଆ ମୋଡ଼ ଆସିଛି । ପୀଡିତ ମା-ପୁଅଙ୍କ ଅଭିଯୋଗକୁ ଆଧାର କରି ନିଲମ୍ବିତ ଥାନା ଅଧିକାରିଣୀଙ୍କ ନାମରେ ମାମଲା ରୁଜୁ ହୋଇଛି । ଫଳରେ ନିଲମ୍ବିତ ଆଇଆଇସି ସନ୍ଧ୍ୟାରାଣୀ ଜେନାଙ୍କ ପାଇଁ ଅଡୁଆ ବଢ଼ିଛି । ସଂନ୍ଧ୍ୟାରାଣୀ ଜେନାଙ୍କ ନାଁରେ ତାଳଚୁଆ ସାମୁଦ୍ରିକ ଥାନାରେ କେସ ନଂ ୧୨୪/୨୦୨୬ ରେ ୨୯୬,୭୪,୧୧୫, ୩୫୧,୩୦୮ ଦଫା ଲାଗିଛି । ଆଗକୁ ଏହି ଘଟଣାର ତଦନ୍ତ କଣ ହେବ ଓ ତଦନ୍ତ ଆଧାରରେ କଣ କାର୍ଯ୍ୟାନୁଷ୍ଠାନ ନିଆଯିବ ତାକୁ ସମସ୍ତଙ୍କର ଅପେକ୍ଷା । ଗତ ୨୫ ତାରିଖ ସନ୍ଧ୍ୟାରେ ଥାନାରେ ଥାର୍ଡ଼ ଡ଼ିଗ୍ରୀ ଦେଇଥିବା ନେଇ ଆସିଥିଲା ଅଭିଯୋଗ । ଥାନାରେ ମା ପୁଅଙ୍କୁ ମାଡ଼ ମାରିବା ଭଳି ସଙ୍ଗୀନ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ସନ୍ଧ୍ୟାରାଣୀଙ୍କୁ ନିଲମ୍ବନ କରିଥିଲେ ପୋଲିସ ଡିଜି । ନିଲମ୍ବନ ସମୟରେ ସେ କେନ୍ଦ୍ରାଚଂଳ ଆଇଜି ଅଧୀନରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନରେ ରହିବେ ବୋଲି ନିର୍ଦ୍ଦେଶ ରହିଛି ।

# ନିର୍ବାହୀ ଅଧିକାରୀ ଗିରଫ: ୧୨.୩୦ ଲକ୍ଷ ଟଙ୍କା ହେରଫେର ଅଭିଯୋଗ

ହିଞ୍ଜିଳିକାଟୁ,୨/୬(ନିପ୍ର): ସମ୍ପ୍ରତି ଭତ୍ତା ତାତି ସାରା ରାଜ୍ୟରେ ଏକ ଚର୍ଚ୍ଚିତ ପ୍ରସଙ୍ଗ ପାଲଟିଛି। ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ବର୍ଦ୍ଧିତ ଭତ୍ତା ପ୍ରଦାନ ପାଇଁ ପ୍ରତିଶ୍ରୁତି ଦେଇଥିବା କ୍ଷମତାସୀନ ଡବଲ ଇଞ୍ଜିନ ସରକାର ଏବେ ବିଳମ୍ବିତ କାରଣରୁ ଚାରିଆଡୁ ସମାଲୋଚନାର ଶିକାର ହୋଇଛି। ଏପରିକି ଦୀର୍ଘ ୩ ମାସ ଧରି ଭତ୍ତା ବାବଦକୁ ଅର୍ଥ ରାଶି ନ ପାଇ ବହୁ ବୃଦ୍ଧ, ବୃଦ୍ଧା, ଭିନ୍ନକ୍ଷମ, ବିଧବା ହିତାଧିକାରୀ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖାଯାଇଛି।ଏହାକୁ ନେଇ ହିତାଧିକାରୀଙ୍କ ମନରେ ଅସନ୍ତୋଷ ବୃଦ୍ଧି ପାଇଛି। ଏଭଳି ଏକ ଦୁର୍ଦ୍ଦିନ ସମୟରେ ଜେନୈକ ପଞ୍ଚାୟତ ନିର୍ବାହୀ ଅଧିକାରୀ ହିତାଧିକାରୀଙ୍କୁ ଭତ୍ତା ବାବଦକୁ ଅର୍ଥ ରାଶି ଓ ପଞ୍ଚାୟତର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବାବଦକୁ ୧୨ ଲକ୍ଷ ୩୦ ହଜାର ଟଙ୍କା ଆତ୍ମସାତ କରିବା ଘଟଣା ସାଧାରଣରେ ବେଶ୍ ଆଲୋଡ଼ନ ସୃଷ୍ଟି କରିଛି। ଏଭଳି ଏକ ଚର୍ଚ୍ଚିତ ଘଟଣା ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ୍ ଦାରୁଭଦ୍ରା ଗ୍ରାମ ପଞ୍ଚାୟତରେ ହୋଇଥିବା ସାମ୍ନାକୁ ଆସିଛି। ଅର୍ଥ ହେରଫେର ଘଟଣାର ଗୁରୁତ୍ୱକୁ ଉପଲବ୍ଧି କରି ଗତ ୨୭ ତାରିଖରେ ହିଞ୍ଜିଳିକାଟୁ ବିଡ଼ିଓ ହିଞ୍ଜିଳି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଭିତ୍ତିରେ ହିଞ୍ଜିଳି ଥାନାରେ କେସ ନଂ - ୩୫୯/୨୬ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିଲା। ମଙ୍ଗଳବାର ଘଟଣାରେ ସଂପୃକ୍ତ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟ ପରିସରରୁ ଗିରଫ କରାଯାଇଛି।

# ସେଭେନ ଷ୍ଟାର କ୍ଲବ ପାଇବ ପ୍ରକୃତି ମିତ୍ର ପୁରସ୍କାର

କୁଚିଣ୍ଡା,୨/୬(ନିପ୍ର): ସମ୍ବଲପୁର ଜିଲ୍ଲା କୁଚିଣ୍ଡା ବ୍ଲକ କୁଲେଇଗଡ ପଞ୍ଚାୟତ କୁଡାପଡା ଗ୍ରାମର ସେଭେନ ଷ୍ଟାର କ୍ଲବ ପାଇବ ପ୍ରକୃତି ମିତ୍ର ପୁରସ୍କାର। ଏହି ଅନୁଷ୍ଠାନ ବୃକ୍ଷରୋପଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମ କରି ପରିବେଶ ସୁରକ୍ଷା ପାଇଁ ନିରନ୍ତର କାର୍ଯ୍ୟ କରି ଆସୁଅଛି। ତେଣୁ ଚଳିତ ୨୦୨୬ ବର୍ଷରେ ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଜୁନ୍ ୫ ତାରିଖରେ ବିଶ୍ୱ ପରିବେଶ ଦିବସ ଅବସରରେ ସମ୍ବଲପୁର ଚିଡ଼ିଆଖାନାଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଏହି ପୁରସ୍କାର ପ୍ରଦାନ ପାଇଁ ସେଭେନ ଷ୍ଟାର କ୍ଲବକୁ ସୂଚନା ଆସିଛି। ସମ୍ବଲପୁର ଜିଲ୍ଲା ଅଧୀନରେ ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟ କରୁଥିବା ଅନୁଷ୍ଠାନ ମାନଙ୍କୁ ଏହି ପୁରସ୍କାର ଦେବାକୁ ଜଙ୍ଗଲ ଓ ପରିବେଶ ବିଭାଗ ନିଷ୍ପତ୍ତି ନେଇଛି। ସେଭେନ ଷ୍ଟାର କ୍ଲବର ସମସ୍ତ କର୍ମକର୍ତ୍ତାଙ୍କ ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ଏହି ପୁରସ୍କାର ମିଳୁଥିବା କ୍ଲବ ସଭାପତି ସରୋଜ ମେହେର ଓ ସମ୍ପାଦକ ମନୋଜ କୁମାର ମେହେର କହିଛନ୍ତି।

# ରେଳ ଅର୍ବାନବ୍ୟାଙ୍କ ସେୟାର ହୋଲଡରମାନଙ୍କୁ ସାମୂହିକ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଟଣୀ, ୨/୬(ନିପ୍ର): ଖୋର୍ଦ୍ଧାରୋଡ ରେଳମଣ୍ଡଳଠାରେ ଅବସ୍ଥିତ ରେଳ ଅର୍ବାନ କୋପାରେଟିଭ ବ୍ୟାଙ୍କରେ ରିଟାୟାର୍ଡ ଅଂଶୀଦାର ମାନଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ବ୍ୟାଙ୍କ ମ୍ୟାନେଜର ପି ଚକ୍ରବର୍ତ୍ତୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ଜଗମୋହନ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସର ନେଇଥିବା ୫୮ ଜଣ ଅଂଶୀଦାରମାନଙ୍କୁ ଉତ୍ତରୀୟ, ପୁଷ୍ପଚାରା ଓ ଉପହାର ଦେଇଥିଲେ । ପୂର୍ବତଟ ରେଳପଥ ଶ୍ରମିକ କଂଗ୍ରେସ ମଣ୍ଡଳ ସହ ସଂଯୋଜକ ତଥା ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର , ଶାଖା ସମ୍ପାଦକ ତଥା ଅର୍ବାନବ୍ୟାଙ୍କ ଡ଼େଲିଗେଟ ଏଲ ଡ଼ି ମହାନ୍ତି, ସୁନୀଲ ପରିଡା , ସୂର୍ଯ୍ୟନାରାୟଣ ଶତପଥୀ ଅନ୍ୟାନ୍ୟ ଅତିଥିଭାବେ ଯୋଗଦେଇଥିଲେ । ଅବସର ନେଇଥିବା ଅଂଶୀଦାର ମାନଙ୍କପାଇଁ ଫିକ୍ସ ଡିପୋଜିଟ ଓ ହଲିଡେ ହୋମରେ ରହଣି ବ୍ୟବସ୍ଥା କରିବାକୁ ଶାଖା ସମ୍ପାଦକ ଶ୍ରୀ ମହାନ୍ତି ଦାବି ରଖିଥିଲେ ଯାହାକୁ ଆଗାମୀ ନିର୍ଦ୍ଦେଶକ ମିଟିଙ୍ଗରେ ଆଲୋଚନା କରାଯାଇ ଗୃହୀତ କରାଯିବ ବୋଲି ଉଭୟ ନିର୍ଦ୍ଦେଶକ ପ୍ରତିଶ୍ରୁତି ଦେଇଥିଲେ ।

## ଇଣ୍ଡିଆ ଟ୍ୟାଲେଣ୍ଟ ଫାଇଟ ସିଜିନ-୭

# ମିମିକ୍ରି ଆର୍ଟିଷ୍ଟ ତୃତୀୟ ପର୍ଯ୍ୟାୟ ପାଇଁ ମନୋନୀତ



କୁଚିଣ୍ଡା, ୨/୬(ନିପ୍ର): ସ୍ୱପ୍ନ ସାକାର କରିବା ସମସ୍ତଙ୍କ ଭାଗ୍ୟରେ ନଥାଏ କି ଏଥିପାଇଁ ପାଇଁ ବଡ଼ ସହରର ଆବଶ୍ୟକତା ମଧ୍ୟ ନଥାଏ। ଦରକାର କେବଳ ପ୍ରତିଭା, ଅଧ୍ୟବସାୟ ଓ ଅଦମ୍ୟ ଇଚ୍ଛାଶକ୍ତି। ଏହାକୁ ସତ୍ୟ ପ୍ରମାଣିତ କରିଛନ୍ତି ସମ୍ବଲପୁର ଜିଲ୍ଲା ବାମରା ବ୍ଲକ ଅନ୍ତର୍ଗତ ବାଉରୀଡିହି ଗ୍ରାମର ଯୁବ ମିମିକ୍ରି କଳାକାର ରାଜକିଶୋର କୁଲୁ। ନିଜର ଅସାଧାରଣ ଭଏସ୍ ମିମିକ୍ରି ପ୍ରତିଭା ବଳରେ ସେ ୯ ଏକ୍ସଏମ୍ ଚ୍ୟାନେଲର ଲୋକପ୍ରିୟ ରିଅଲିଟି ଶୋ "ଇଣ୍ଡିଆ ଟ୍ୟାଲେଣ୍ଟ ଫାଇଟ୍ ସିଜନ-୭" ରେ ପ୍ରଥମ ଦୁଇଟି ପର୍ଯ୍ୟାୟ ସଫଳତାର ସହ ଅତିକ୍ରମ କରି ତୃତୀୟ ପର୍ଯ୍ୟାୟକୁ ସେ ମନୋନୀତ ହୋଇଛନ୍ତି। ବାଉରୀଡିହି ଗ୍ରାମର ଦୂତିଆ କୁଲୁ ଓ ଅହଲ୍ୟା କୁଲୁଙ୍କ ସୁପୁତ୍ର ରାଜ କିଶୋର ଛୋଟବେଳୁ ବିଭିନ୍ନ ଚଳଚ୍ଚିତ୍ର ଅଭିନେତା ଓ ଲୋକପ୍ରିୟ ନେତାଙ୍କ ସ୍ୱରକୁ ନକଲ କରିବାରେ ବିଶେଷ ଆଗ୍ରହୀ ଥିଲେ। ସ୍କୁଲ କାର୍ଯ୍ୟକ୍ରମ, ଗ୍ରାମ୍ୟ ମଞ୍ଚ ଅଥବା ସ୍ଥାନୀୟ ସାଂସ୍କୃତିକ ଉତ୍ସବ ମାନଙ୍କରେ ସେ ନିଜର ମିମିକ୍ରି କଳା ପ୍ରଦର୍ଶନ କରି ସେ ଦର୍ଶକଙ୍କ ମନ ଜିଣି ଆସୁଥିଲେ।

# 'ନବ ଉତ୍କଳ ଭାରତୀ' ପତ୍ରିକାର ଲୋକାର୍ପଣ



ଭୁବନେଶ୍ୱର, ୨/୬(ନିପ୍ର): ନବୋଦୟ ସାହିତ୍ୟ ସଂସ୍କୃତି ସମିତି ପକ୍ଷରୁ ଭୁବନେଶ୍ୱର ସ୍ଥିତ ବୁଦ୍ଧ ମନ୍ଦିର ସଭାଗୃହରେ ଦିନିକିଆ ଜାତୀୟ ସମ୍ମିଳନୀ ସହିତ ସମିତିର ମୁଖପତ୍ର 'ନବ ଉତ୍କଳ ଭାରତୀ' ପ୍ରଥମ ସଂସ୍କରଣ ଉନ୍ମୋଚିତ ହୋଇଯାଇଛି । ଡ. ଚିତ୍ତରଞ୍ଜନ ନାହାକଙ୍କ ଦ୍ୱାରା ସମ୍ପାଦିତ 'ମାତାଙ୍କ ସ୍ମୃତି' ପୁସ୍ତକର ମଧ୍ୟ ଉନ୍ମୋଚନ କରାଯାଇଥିଲା । ସମିତିର ଅଧ୍ୟକ୍ଷ ଡ. ଅବ୍ଦୁଲ ଉସ୍ମାନ ଖାନ ଉଦଘାଟନ କରିଥିବାବେଳେ ୧୦ଟାରେ ଉଦ୍‌ଯାପନୀ ସଭା ଆରମ୍ଭ ହୋଇଥିଲା। ସୁଧାଂଶୁବାଳା ସାହୁ ଓ ରୀନା ରାଣୀ ପ୍ରଧାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପ୍ରସ୍ତୁତ ହୋଇଥିବା ବେଳେ ଅଞ୍ଜଳି ରାଣୀ ଓଡିଶୀ ନୃତ୍ୟରେ 'ଦଶାବତାର' ପ୍ରଦର୍ଶନ କରି ସଭାକୁ ଆକର୍ଷିତ କରିଥିଲେ । ମଂଚାସୀନ ଅତିଥିମାନଙ୍କ ମଧ୍ୟରେ ଡ. ଅଜୟ କୁମାର ପଟ୍ଟନାୟକ, ସୁଦର୍ଶନ ତରାଇ ଓ ନବୀନ ଚନ୍ଦ୍ର ସିଂହ ଉପସ୍ଥିତ ଥିଲେ । ଆରମ୍ଭରେ ସମିତିର ସଂରକ୍ଷକ ଓ ପୂର୍ବତନ କୁଳପତି ଡ. ଦାମୋଦର ମିଶ୍ର ଅତିଥିମାନଙ୍କ ପରିଚୟ ଦେଇ ଅନୁଷ୍ଠାନର ଉଦ୍ଦେଶ୍ୟ ବ୍ୟାଖ୍ୟା କରିଥିଲେ। ୨୦୨୬ ବର୍ଷ ପାଇଁ ସମିତି ପକ୍ଷରୁ ଡ. ଅଜୟ କୁମାର ପଟ୍ଟନାୟକଙ୍କୁ 'ସାହିତ୍ୟ ଶ୍ରୀ', ସୁଦର୍ଶନ ତରାଇଙ୍କୁ 'ରାଷ୍ଟ୍ର ଭାଷାସେବା ସନ୍ତାନ', ଗଣେଶ ପ୍ରସାଦ ଶର୍ମାଙ୍କୁ 'ସୃଜନ ଶ୍ରୀ', ଡ. ଦୁଃଶାସନ ଓଝାଙ୍କୁ 'ସୃଜନ ଶ୍ରୀ' ଓ ଆସନସୋଲ୍‌ରୁ ଆସିଥିବା ନବୀନ ଚନ୍ଦ୍ର ସିଂହଙ୍କୁ 'ହିନ୍ଦୀ ଶିକ୍ଷଣ ଶ୍ରୀ' ପ୍ରଦାନ କରାଯାଇଥିଲା। ପ୍ରଥମ ପରିଚର୍ଚ୍ଚା ସଭା ପ୍ରାତଃ ୧୧ଟା ରେ ଡ. ସୁଧାଂଶୁ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। 'ଭାରତୀୟ ଜ୍ଞାନ ପରମ୍ପରା ଓ ହିନ୍ଦୀ-ଓଡିଆ ସାହିତ୍ୟ' ବିଷୟରେ ଡ. ସଂଜୟ ଜୟସ୍ୱାଲ, ଡ. ସଂଘମିତ୍ରା ଭଞ୍ଜ ଓ ଡ. ସୁରପ୍ରିୟା ମିଶ୍ର ମତ ପ୍ରକାଶ କରିଥିଲେ । ଦ୍ୱିତୀୟ ଅଧିବେଶନ ପ୍ରୋଫେସର ରବିନ୍ଦ୍ର ନାଥ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆରମ୍ଭ ହୋଇଥିଲା। ଏହି ସଭାରେ ଡ. ଅଞ୍ଜୁମନ ଆରା, ଡ. ସତ୍ୟନାରାୟଣ ପଣ୍ଡା ଓ ଡ. ରମାକାନ୍ତ ମହାପାତ୍ର ମୁଖ୍ୟ ଭାବେ ଅଂଶ ଗ୍ରହଣ କରିଥିଲେ ।

# ଅତିଶୟ କମ୍ ଓଜନ ଶିଶୁଙ୍କ ଦୈନିକ ଖାଦ୍ୟ ଖର୍ଚ୍ଚ ୮ ଟଙ୍କାରୁ ୧୮ ଟଙ୍କାକୁ ବୃଦ୍ଧି



**ଭୁବନେଶ୍ୱର,୨/୬(ନିପ୍ର):** ମହିଳା ଓ ଶିଶୁ ବିକାଶ ବିଭାଗର ସମ୍ମିଳନୀ କକ୍ଷରେ ମଙ୍ଗଳବାର ଉପ-ମୁଖ୍ୟମନ୍ତ୍ରୀ ତଥା ବିଭାଗୀୟ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଶିଶୁ ଜୀବନର ପ୍ରଥମ ୧୦୦୦ ଦିନର ଗୁରୁତ୍ୱକୁ ବୁଝାଉଥିବା ଏକ ସରଳ 'ଡିଜିଟାଲ ବହି'ର ଉନ୍ମୋଚନ କରିଛନ୍ତି। ଏହା ସହିତ ଅତିଶୟ କମ୍ ଓଜନ ଥିବା ଶିଶୁ ଏବଂ ଅଙ୍ଗନୱାଡ଼ି ପ୍ରାକ୍ ବିଦ୍ୟାଳୟ ଶିଶୁଙ୍କ ସକାଳ ଜଳଖିଆ ବାବଦ ଖର୍ଚ୍ଚକୁ ସରକାରଙ୍କ ପକ୍ଷରୁ ବର୍ଦ୍ଧିତ କରିଛନ୍ତି। ରାଜ୍ୟର ୬ ମାସରୁ ୬ ବର୍ଷ ବୟସର ଅତିଶୟ କମ୍ ଓଜନ ଥିବା ଶିଶୁମାନଙ୍କୁ ପ୍ରଦାନ କରାଯାଉଥିବା ପରିପୂରକ ପୁଷ୍ଟି ଖାଦ୍ୟର ଦୈନିକ ଖର୍ଚ୍ଚକୁ ୮ ଟଙ୍କାରୁ ୧୨ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହା ସହିତ 'ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା' ଅଧୀନରେ ଅତିରିକ୍ତ ୬ ଟଙ୍କା ପ୍ରଦାନ କରାଯାଉଛି। ଫଳସ୍ୱରୂପ, ବର୍ତ୍ତମାନ ଏହି ଶିଶୁମାନଙ୍କୁ ପ୍ରତିଦିନ ସର୍ବମୋଟ ୧୮ ଟଙ୍କାର ଖାଦ୍ୟ ଯୋଗାଇ ଦିଆଯିବ। ରାଜ୍ୟର ପ୍ରାୟ ୩୫,୦୦୦ ଅତିଶୟ କମ୍ ଓଜନର ଶିଶୁ ଏହି ସୁବିଧାର ସିଧାସଳଖ ଲାଭ ପାଇବେ ଏବଂ ଏଥିପାଇଁ ରାଜ୍ୟ ସରକାର ବାର୍ଷିକ ପ୍ରାୟ ୧୦.୭ କୋଟି ଟଙ୍କାର ଅତିରିକ୍ତ ବ୍ୟୟଭାର ବହନ କରିବେ। ଅନୁରୂପ ଭାବେ, ଅଙ୍ଗନୱାଡ଼ି କେନ୍ଦ୍ରର ପ୍ରାକ୍-ବିଦ୍ୟାଳୟ ଶିଶୁ (୩ ବର୍ଷରୁ ୬ ବର୍ଷ ବୟସ)ମାନଙ୍କ ସକାଳ ଜଳଖିଆ ବାବଦକୁ ଦୈନିକ ଖର୍ଚ୍ଚ ୧.୨୪ ଟଙ୍କାକୁ ବୃଦ୍ଧି କରାଯାଇ ୩.୫୬ ଟଙ୍କା କରାଯାଇଛି। ଶିଶୁମାନଙ୍କ ପାଇଁ ଉଦ୍ଦିଷ୍ଟ ଏହି ସକାଳ ଜଳଖିଆ ବାବଦକୁ ସରକାର ନିଜସ୍ୱ ବଜେଟ୍ ରୁ ବାର୍ଷିକ ପ୍ରାୟ ୧୨୬.୮୩ କୋଟି ଟଙ୍କା ଅତିରିକ୍ତ ବ୍ୟୟଭାର ବହନ କରିବେ। ମନ୍ତ୍ରୀ ପ୍ରକାଶ କରିଛନ୍ତି ଯେ, ଶିଶୁର ସାମଗ୍ରିକ ବିକାଶ ପାଇଁ ଜୀବନର ପ୍ରଥମ ୧୦୦୦ ଦିନ (ଗର୍ଭ ସଂଚାର ଠାରୁ ଆରମ୍ଭ କରି ଶିଶୁର ଦ୍ୱିତୀୟ ଜନ୍ମଦିନ ପର୍ଯ୍ୟନ୍ତ) ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ସମୟ । ଏହି ସମୟର ଗୁରୁତ୍ୱକୁ ପ୍ରାଧାନ୍ୟ ଦିଆଯାଇ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ପ୍ରସ୍ତୁତ ହୋଇଥିବା ଏହି ବହିରେ ଓଡ଼ିଆ ଭାଷାରେ ଅତି ସରଳ ଭାବରେ ଜୀବନର ପ୍ରଥମ ୧୦୦୦ ଦିନର ପ୍ରତିଟି ସ୍ତର ଏବଂ ତାର ଯତ୍ନ ବିଷୟରେ ବୁଝାଇ ଦିଆଯାଇଛି। ଅଙ୍ଗନବାଡି ଦିଦିମାନେ ନିଜର ଗୃହ ପରିଦର୍ଶନ ସମୟରେ ଏହି ବହି ଟିକୁ ବ୍ୟବହାର କରି ହିତାଧିକାରୀମାନଙ୍କୁ ସଚେତନ କରିବେ। ଏଥି ସହିତ ସମସ୍ତ ହିତାଧିକାରୀଙ୍କ ପାଖରେ ଏହି ଡିଜିଟାଲ ବହିଟିକୁ ରାଜ୍ୟର ସମସ୍ତ ଅଙ୍ଗନବାଡି କର୍ମୀଙ୍କ ମାଧ୍ୟମରେ ଓ ସୋସିଆଲ ମେଡିଆ ଦ୍ୱାରା ପହଞ୍ଚାଇବା ପାଇଁ ପ୍ରୟାସ କରାଯାଇଛି। ଏଥି ସହ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି, ପ୍ରତ୍ୟେକ ମାତା-ପିତା ଓ ପରିବାର ସଦସ୍ୟ ଏହାକୁ ପଢ଼ି ଦୈନନ୍ଦିନ ଜୀବନରେ ପ୍ରୟୋଗ କଲେ ରାଜ୍ୟରେ ଏକ 'ସୁସ୍ଥ ମା' - ସୁସ୍ଥ ଶିଶୁ - ସୁସ୍ଥ ପରିବାର' ଗଢ଼ିବାର ସ୍ୱପ୍ନ ସାକାର ହୋଇପାରିବ।

# ଓଡ଼ିଶାକୁ ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍



**ଭୁବନେଶ୍ୱର,୨/୬(ନିପ୍ର):** ସୌର ଶକ୍ତିର ଉପଯୋଗ ଓ ସ୍ଥାୟୀ ବିକାଶ ଦିଗରେ ଓଡ଼ିଶା ଆଜି ସାରା ଦେଶ ପାଇଁ ଏକ ଦୃଷ୍ଟାନ୍ତ ପାଲଟିଛି। ମେ' ୨୦୨୬ ମାସରେ ଆୟୋଜିତ 'ମନ୍ଥ ଅଫ୍ ସୋଲାର ' ଅଭିଯାନରେ ଓଡ଼ିଶାକୁ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଜାତୀୟ ସ୍ତରରେ ସ୍ୱୀକୃତି ମିଳିଛି। ଓଡ଼ିଶାକୁ 'ପିଏମ୍ ସୂର୍ଯ୍ୟଘର ଏକ୍ସିଲେନ୍ସ ଆୱାର୍ଡସ୍' ପାଇଁ ଚୟନ କରାଯାଇଛି, ଯେଉଁଥିରେ ଆମେ ସର୍ବାଧିକ ଗ୍ରାହକଙ୍କ ଆବେଦନ, ସର୍ବାଧିକ ସୌର ସ୍ଥାପନ ଏବଂ ସର୍ବାଧିକ ଡିସକମ୍ ଯାଂଚ କ୍ଷେତ୍ରରେ ମଧ୍ୟମ ଧରଣର ଗ୍ରାହକ ସଂଖ୍ୟା ଥିବା ରାଜ୍ୟମାନଙ୍କ ମଧ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛୁ। ଏତଦ୍ବ୍ୟତୀତ, 'ମାକ୍ସିମମ୍ ଭେଣ୍ଡର ରେଜିଷ୍ଟ୍ରେସନସ୍' ବର୍ଗରେ ଆମ ରାଜ୍ୟ ତୃତୀୟ ସ୍ଥାନ ହାସଲ କରିଛି। ଏହି ସଫଳତା ଆମ ସରକାରଙ୍କ ସୁଦୂରପ୍ରସାରୀ ଚିନ୍ତାଧାରା, ବିଭାଗୀୟ ସମନ୍ୱୟ ଓ କ୍ଷେତ୍ରସ୍ତରରେ କାର୍ଯ୍ୟରତ ସମସ୍ତ ଅଧିକାରୀଙ୍କ ସାମୂହିକ ପ୍ରୟାସର ଫଳ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିବା ସହ ଏହି ଅଭିଯାନ ସହ ସମ୍ପୃକ୍ତ ସମସ୍ତ ବିଭାଗ, ଅଧିକାରୀ ଓ ଅଂଶୀଦାରମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।ଓଡ଼ିଶା ନବୀନ ଶକ୍ତି କ୍ଷେତ୍ରରେ ପରିବେଶ ଅନୁକୂଳ ବିକାଶ ପାଇଁ ସଂକଳ୍ପବଦ୍ଧ ଏବଂ ଏହି ସଫଳତା ଆଗାମୀ ଦିନରେ ରାଜ୍ୟର ଶକ୍ତି କ୍ଷେତ୍ରକୁ ଆହୁରି ସମୃଦ୍ଧ କରିବା ସହ ଏକ ଆତ୍ମନିର୍ଭରଶୀଳ ଓଡ଼ିଶା ଗଠନରେ ମୂଳଦୁଆ ପକାଇବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ।

Printed and Published by **Arun Kumar Dash** on behalf of **M/s SURYO MEDIA PVT. LIMITED** and Printed at **M/s SURYO MEDIA PVT. LIMITED,** Published at «DINALIPI BHAWAN« A-54/1 & A-55/1, Nayapalli, P.O. Baramunda, Bhubaneswar - 751 003, Phone No. 8114386934 (News Desk), 8114386935,(Office) Fax - 2564487, e.mail : dinalipinews@gmail.com / suryomedia@gmail.com
ସମ୍ପାଦକ : ଅନ୍ନପୂର୍ଣ୍ଣା ଦାଶ
ମୁଖ୍ୟ ସମ୍ପାଦକ : ବଟକୃଷ୍ଣ ତ୍ରିପାଠୀ